୨୬ ବର୍ଷରେ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ
PARYABEKHYAK पर्यवेक्षक
Vol.26 . No.77 Bhubaneswar Sunday April 28 2024 | ୨୬ତମ ବର୍ଷ ସଂଖ୍ୟା-୭୭ ଭୁବନେଶ୍ୱର, ରବିବାର, ଅପ୍ରେଲ ୨୮, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) | Member-INS

## ଆଠମଲ୍ଲିକରେ କେନ୍ଦ୍ରମନ୍ତ୍ରୀଙ୍କ ନିର୍ବାଚନ ପ୍ରଚାର




ଆଠମଲ୍ଲିକ, ୨୭।୪(ପି.ଏନ): ଏଥର ଆଠମଲ୍ଲିକ, ଅନୁଗୋଳ ଏବଂ ଓଡ଼ିଶାରେ ନିଶ୍ଚୟ ପରିବର୍ତ୍ତନ ହେବ । ମୋଦୀ ଗ୍ୟାରେଣ୍ଟିରେ ସମାଜର ଅନ୍ତିମ ଶ୍ରେଣୀରେ ଥିବା ଲୋକମାନଙ୍କୁ ବିଶୁଦ୍ଧ ପାନୀୟ ଜଳ, ଉତ୍ତମ ସ୍ୱାସ୍ଥ୍ୟସେବା, ଗୁଣାତ୍ମକ ଶିକ୍ଷା ସୁବିଧା ସହ ରୋଜଗାର ଉପଲବ୍ଧ କରାଇବା ପାଇଁ ପରିବର୍ତ୍ତନ ହେବ ବୋଲି ଅନୁଗୋଳରେ ନିର୍ବାଚନ ପ୍ରଚାର କରିବା ଅବସରରେ କହିଛନ୍ତି ସମ୍ବଲପୁର ଲୋକସଭା ସାଂସଦ ପ୍ରାର୍ଥୀ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ଶନିବାର ଆଠମଲ୍ଲିକ ନିର୍ବାଚନମଣ୍ଡଳୀର ଅନ୍ତୁଳିଆରେ ଆୟୋଜିତ ହଜାର ହଜାର ଲୋକଙ୍କ ସହ ବିଶାଳ ପଦଯାତ୍ରାରେ ଯୋଗଦେଇ ଦଳୀୟ ପ୍ରାର୍ଥୀଙ୍କ ସମର୍ଥନରେ ପ୍ରଚାର କରିଛନ୍ତି । ସେଠାରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ କହିଛନ୍ତି, ବିରୋଧୀମାନେ ବିକାଶକୁ ପାରୁନଥିବା ମୁଖ୍ୟମନ୍ତ୍ରୀ କହୁଛନ୍ତି । ଓଡ଼ିଶାର ଗାଁରେ ପିଇବା ପାଣି ନାହିଁ । ଚାଷ ଜମିରେ ପାଣି ନାହିଁ । ଡାକ୍ତରଖାନାରେ ଡାକ୍ତର ନାହାନ୍ତି । ସ୍କୁଲ ଗୁଡିକରେ ଶିକ୍ଷକ ନାହାନ୍ତି । ପିଲାମାନେ ଅଧାରୁ ପାଠପଢା ଛାଡୁଛନ୍ତି । ଗାଁରେ ଗାଁରେ କାମ ଧନ୍ଦା ଆଶାରେ ଲୋକମାନେ ବାହାରକୁ ଦାଦନ ଖଟିବାକୁ ଯାଉଛନ୍ତି । ଓଡ଼ିଶାରେ ୬୦ ପ୍ରତିଶତ ମହିଳା ରକ୍ତହୀନତା ଏବଂ ଶିଶୁମାନେ ଅପପୁଷ୍ଟିର ଶୀକାର । ଏହାକୁ ମୁଖ୍ୟମନ୍ତ୍ରୀ ବିକାଶ କହୁଛନ୍ତି କି ?

ମୁଖ୍ୟମନ୍ତ୍ରୀ ଭିଡିଓରେ ଅଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ରିମୋର୍ଟ କଣ୍ଟ୍ରୋଲ ଅଣଓଡ଼ିଆ ଗୁମାସ୍ତା ପାଖରେ ପହଞ୍ଚିଲାଣି । ଏହା ଓଡ଼ିଆ ଅସ୍ମିତାର ପ୍ରଶ୍ନ । ଓଡ଼ିଶା କାହାର ବ୍ୟକ୍ତିଗତ ସମ୍ପତ୍ତି ନୁହେଁ । ଏକଛତ୍ରବାଦ କିମ୍ବା ରାଜତନ୍ତ୍ର ନୁହେଁ । ଏହା ଗଣତନ୍ତ୍ର । ଲୋକମାନେ ଯାହାକୁ ଚାହିଁବେ ତାକୁ ଜିତିବେ । ଓଡ଼ିଆ ଲୋକଙ୍କ କର ଖଜଣାରେ ଯେଉଁ ସରକାରୀ ବାବୁ ଦରମା ନେଇ ଓଡ଼ିଶାକୁ କବଜା କରିବାକୁ ଚାହୁଁଛନ୍ତି, ତାହା ବିରୁଦ୍ଧରେ ଜନମତ ହେବ ।ଆମ ରାଜ୍ୟରେ ଓଡ଼ିଆ ଭାଷା, ସଂସ୍କୃତି ଏବଂ ଓଡ଼ିଆ ଲୋକଙ୍କର ଭବିଷ୍ୟତ ଆଜି ଅନ୍ଧାରରେ । ଆମ ରାଜ୍ୟର ନେତା ଓଡ଼ିଆ ଲୋକ ହେବା ଦରକାର । ଓଡ଼ିଶାରେ ଭ୍ରଷ୍ଟ, ଦୁର୍ନୀତିଗ୍ରସ୍ତ ଓ ଅତ୍ୟାଚାରୀ ସରକାରକୁ ବଦଳାଇବା ଦରକାର । ଓଡ଼ିଆ ଭାଷା, ଅସ୍ମିତା ଓ ସ୍ୱାଭିମାନକୁ ବଞ୍ଚାଇବା ପାଇଁ ଆମେ ସମସ୍ତେ ପଦ୍ମଫୁଲରେ ଭୋଟ୍ ଦେବା । ଓଡ଼ିଶା ଏବଂ ଦେଶରେ ବିଜେପି ସରକାର ଗଠନ କରିବା ପାଇଁ ଉପସ୍ଥିତ ଜନସାଧାରଣଙ୍କୁ ନିବେଦନ କରିଛନ୍ତି କେନ୍ଦ୍ରମନ୍ତ୍ରୀ । ସେ ଆହୁରି କହିଛନ୍ତି ଯେ ଆଜି ପ୍ରଧାନମନ୍ତ୍ରୀ ମୋଦୀଙ୍କ ପ୍ରତି ଲୋକପ୍ରିୟତା କ୍ରମାଗତ ଭାବେ ବଢିବାରେ ଲାଗିଛି । ନିର୍ବାଚନ ଯେତେ ପାଖେଇ ଆସିବ, ମୋଦୀଙ୍କ ପ୍ରତି ସମର୍ଥନ ସେତେମାତ୍ରାରେ ବୃଦ୍ଧି ପାଉଥିବ । ଲୋକସଭାକୁ ଏଥର ସର୍ବାଧିକ ସିଟ୍ ଓଡ଼ିଶା ଦେବ । ବିଧାନସଭାରେ ପଛ ପରିବର୍ତ୍ତନ ହେବ । ଭୁବନେଶ୍ୱରରେ ପ୍ରଥମ ଥର ଓ ଦିଲ୍ଲୀରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସରକାର ହେବ । ପ୍ରଚାର କାଳରେ ଶ୍ରୀ ପ୍ରଧାନ ଓଗୀ ସ୍ଥିତ ମା' ବନଦୁର୍ଗା ମନ୍ଦିରରେ ଦର୍ଶନ କରିଥିଲେ । ପଦଯାତ୍ରାରେ ଶତାଧିକ ଜନସାଧାରଣ, ମାତୃଶକ୍ତି ଓ ଯୁବବର୍ଗମାନେ କେନ୍ଦ୍ରମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ ।

## ବିଜେଡି କଲା ହତାଦର: ବେଗୁନିଆରୁ ବିଜେପି ପ୍ରାର୍ଥୀ ହୋଇପାରନ୍ତି ଶ୍ରୀମୟୀ



ଭୁବନେଶ୍ୱର, ୨୭।୪(ପି.ଏନ): ଭୁବନେଶ୍ୱରର ସମ୍ଭାବ୍ୟ ସାଂସଦ ପ୍ରାର୍ଥୀ କହି ବିଜେଡି ନିଜର ଆଗଧାଡିର ନେତ୍ରୀ ଶ୍ରୀମୟୀ ମିଶ୍ରଙ୍କୁ ୬ମାସ ବୁଲାଇ ଶେଷରେ ହତାଦର କରିଛି । ଆଜି ଭୋଗରାଇ ସମେତ ଖୋର୍ଦ୍ଧା ଓ ବେଗୁନିଆ ପାଇଁ ବିଜେଡି ନିଜର ବିଧାୟକ ପ୍ରାର୍ଥୀ ଘୋଷଣା କରିବା ପରେ ଶ୍ରୀମୟୀଙ୍କୁ ଚଳିତ ନିର୍ବାଚନରେ ଦଳ କେଉଁଠି ବି ପ୍ରାର୍ଥୀ କରୁନଥିବା ପ୍ରାୟତଃ ସ୍ପଷ୍ଟ ହୋଇଯାଇଛି । ଦଳର ମହିଳା ଚେହେରା ଭାବେ ପରିଚିତ ଶ୍ରୀମୟୀଙ୍କୁ ବିଜେଡି ହତାଦର କରିଥିଲେ ମଧ୍ୟ ସେ ବିଜେପି ଟିକେଟରେ ବେଗୁନିଆରୁ ପ୍ରାର୍ଥୀ ହୋଇପାରନ୍ତି ବୋଲି ଚର୍ଚ୍ଚା ଜୋର ଧରିଛି । ବିଜେପି ଆଜି ନିଜର ବାକିଥିବା ୧୫ରୁ ୮ଟି ଆସନରେ ପ୍ରାର୍ଥୀ ଘୋଷଣା କରିଛି, ମାତ୍ର ବେଗୁନିଆ ଆସନରେ କାହାରିକୁ ପ୍ରାର୍ଥୀ କରିନଥିବାରୁ ଶ୍ରୀମୟୀଙ୍କ ପାଇଁ ଏହି ଆସନକୁ ଦଳ ଖାଲି ରଖିଥିବା ଚର୍ଚ୍ଚାକୁ ଅଧିକ ବଳ ମିଳିଛି । ସୂଚନା ଅନୁସାରେ, ବିଜେଡି ଆଜି ଖୋର୍ଦ୍ଧା ବିଧାନସଭା ଆସନରୁ ରାଜେନ୍ଦ୍ର ସାହୁ, ବେଗୁନିଆରୁ ପ୍ରଦୀପ ସାହୁ ଓ ଭୋଗରାଇରୁ ଗୌତମବୁଦ୍ଧ ଦାସଙ୍କୁ ପ୍ରାର୍ଥୀ କରିଛି । ଦଳ ୮ଟି ପର୍ଯ୍ୟାୟରେ ମୋଟ ୧୪୪ଟି ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଥିଲେ ମଧ୍ୟ କୋରେଇ, ନୀଳଗିରି ଓ ଖଣ୍ଡପଡା ଆସନ ପାଇଁ ନିଜର ପ୍ରାର୍ଥୀଙ୍କ ନାଁ ଘୋଷଣା କରିବାରେ ସକ୍ଷମ ହୋଇନି । ଏପଟେ ବିଜେପି ନିଜର ବାକିଥିବା ୧୫ଟି ଆସନରୁ ୮ଟିରେ ପ୍ରାର୍ଥୀ ଘୋଷଣା କରିଛି । ମାତ୍ର ଭୁବନେଶ୍ୱର ସଂସଦୀୟ କ୍ଷେତ୍ରର ବେଗୁନିଆ ଆସନ ସମେତ ମୋଟ ୭ଟିରେ କାହାରିକୁ ପ୍ରାର୍ଥୀ ଘୋଷଣା କରିନି ।

## ନିରାଶ ହେଲେ ଅନନ୍ତ ଓ ଜିତୁ: ଭୋଗରାଇରୁ ବିଜେଡିର ପ୍ରାର୍ଥୀ ହେଲେ ଗୌତମବୁଦ୍ଧ ଦାସ, ଖୋର୍ଦ୍ଧାରୁ ରାଜେନ୍ଦ୍ର ସାହୁ

ଭୁବନେଶ୍ୱର, ୨୭।୪(ପି.ଏନ): ବିଜୁ ଜନତା ଦଳ ଆଜି ସନ୍ଧ୍ୟାରେ ଆଉ ଏକ ପ୍ରାର୍ଥୀ ତାଲିକା ଘୋଷଣା କରିଛି। ଦଳୀୟ ସୁପ୍ରିମୋ ନବୀନ ପଟ୍ଟନାୟକ ଭୋଗରାଇ ବିଧାୟକ ଅନନ୍ତ ଦାସଙ୍କ ବଦଳରେ ପ୍ରାର୍ଥୀ ବଦଳାଇଛନ୍ତି। ସାମ୍ବାଦିକତାରୁ ରାଜନୀତିରେ ପ୍ରବେଶ କରିଥିବା ଗୌତମବୁଦ୍ଧ ଦାସଙ୍କୁ ବିଜେଡି ଭୋଗରାଇ ଆସନରେ ଅବତୀର୍ଣ୍ଣ କରିଛି। ସେହିପରି ବିଜେଡି ଖୋର୍ଦ୍ଧାରେ ଜ୍ୟୋତିରିନ୍ଦ୍ର ନାଥ ମିତ୍ରଙ୍କୁ ନିରାଶ ହେବାକୁ ପଡିଛି। ଖୋର୍ଦ୍ଧାରେ ବିଜେଡି ରାଜେନ୍ଦ୍ର ସାହୁ ଓ ବେଗୁନିଆରେ ପ୍ରଦୀପ ସାହୁଙ୍କୁ ଟିକେଟ୍ ଦେଇଛି। ବିଧାୟକ ଅନନ୍ତ ଦାସ ଓ ତାଙ୍କ ପୁଅ କିଛି ଦିନ ପୂର୍ବରୁ ଟିକେଟ୍ ? ପାଇଁ ନବୀନ ନିବାସ ଯାଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା କରି ଫେରିଯାଇଥିଲେ। କିନ୍ତୁ ବିଜେଡି ଅନନ୍ତ ଦାସ କିମ୍ବା ତାଙ୍କ ପୁଅଙ୍କୁ ଟିକେଟ୍ ଦେଇ ନାହିଁ। ଅନନ୍ତ ଦାସ ୨୦୦୪ ମସିହା ଠାରୁ କ୍ରମାଗତ ଭାବେ ୪ ଥର ଭୋଗରାଇରୁ ବିଧାୟକ ହୋଇଛନ୍ତି। ୨୦୧୯ ନିର୍ବାଚନରେ ସେ ୭୬,୭୯୬ ଖଣ୍ଡ ଭୋଟ୍ ପାଇଥିଲେ। କଂଗ୍ରେସର ପ୍ରାର୍ଥୀ ସତ୍ୟଶିବ ଦାସଙ୍କୁ ୧୬,୮୭୫ ଖଣ୍ଡ ଭୋଟ୍ ବ୍ୟବଧାନରେ ପରାସ୍ତ କରିଥିଲେ। ସେହିପରି ଖୋର୍ଦ୍ଧା ବିଧାୟକ ଶ୍ରୀ ମିତ୍ର ୮୪,୫୫୩ ଖଣ୍ଡ ଭୋଟ୍ ପାଇଥିଲେ। ସେ ବିଜେପି ପ୍ରାର୍ଥୀ କାଲୁ ଖଣ୍ଡାୟତଙ୍କୁ ୧୦,୦୪୩ ଖଣ୍ଡ ଭୋଟ୍ ବ୍ୟବଧାନରେ ପରାସ୍ତ କରିଥିଲେ। ସୂଚନାଯୋଗ୍ୟ, ବିଜେଡି ଏପର୍ଯ୍ୟନ୍ତ ୧୪୭ରୁ ୧୪୪ଟି ଆସନରେ ପ୍ରାର୍ଥୀ ଘୋଷଣା କରିସାରିଛି। ଖଣ୍ଡପଡା, କୋରେଇ ଓ ନୀଳଗିରିରେ ଦଳ ପ୍ରାର୍ଥୀ ଘୋଷଣା କରିପାରି ନାହିଁ।

## ନିର୍ବାଚନ ଲଢ଼ିବେ ମୋକିମଙ୍କ ଝିଅ ସୋଫିଆ ଫର୍ଦ୍ଦୋସ୍ !



ଭୁବନେଶ୍ୱର, ୨୭।୪(ପି.ଏନ): କଟକ-ବାରବାଟୀ ବିଧାୟକ ମହମ୍ମଦ ମୋକିମଙ୍କ ଝିଅଙ୍କ ସୋଫିଆ ଫର୍ଦ୍ଦୋସ୍ ରାଜନୀତି ଓହ୍ଲାଇବେ। ବିଧାୟକ ପ୍ରାର୍ଥୀ କରିବା ପାଇଁ ଆଜି ତାଙ୍କ ନାଁ ସୁପାରିସ୍ କରିଛି ପ୍ରଦେଶ କଂଗ୍ରେସ। ଏନେଇ ଇଓଉଡକୁ ପ୍ରସ୍ତାବ ଦିଆଯାଇଛି। ତାହା ଉପରେ AICC ବିଧିବଦ୍ଧ ନିଷ୍ପତ୍ତି ନେବ ବୋଲି ସୂଚନା ଦେଇଛନ୍ତି କଂଗ୍ରେସ ପ୍ରଭାରୀ ଅଜୟ କୁମାର। କଟକ-ବାରବାଟୀ ବିଧାୟକ ହେଉଛନ୍ତି ମହମ୍ମଦ ମୋକିମ। ଏକଦା ବିଜେପି ଓ ବିଜେଡି ଗଡ ଭାବେ ପରିଚିତ ଥିବା ଏହି ନିର୍ବାଚନମଣ୍ଡଳୀରେ ୨୦୧୯ ନିର୍ବାଚନରେ ମହମ୍ମଦ ମୋକିମ୍ କଂଗ୍ରେସରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ହେଲେ ସେ ORHDC ଦୁର୍ନୀତି ମାମଲାରେ ଛନ୍ଦି ହୋଇପଡିଥିବାରୁ ୨୦୨୪ ନିର୍ବାଚନରେ ପ୍ରାର୍ଥୀ ହେବା ନେଇ ଆଶଙ୍କା ଦେଖାଦେଇଥିଲା। ଯେଉଁଥିପାଇଁ ତାଙ୍କ ସ୍ଥାନରେ ଝିଅ ସୋଫିଆ ଫର୍ଦ୍ଦୋସ୍ ନିର୍ବାଚନ ଲଢ଼ନ୍ତୁ ନିର୍ବାଚନ ଲଢ଼ି ପାରନ୍ତି। ସେଥିପାଇଁ ଦୁଇ ଦିନ ତଳେ ମହମ୍ମଦ ମୋକିମଙ୍କ ଘରେ ସମର୍ଥକମାନେ ମେଳି କରିଥିଲେ। ଆଉ ସୋଫିଆଙ୍କୁ ପ୍ରାର୍ଥ କରିବାକୁ ସମସ୍ତେ ଦାବି କରିଥିଲେ।

## ଆହୁରି ୪ ଦିନ ବର୍ଷିବ ନିଆଁ, ଘରୁ ନ ବାହାରିବାକୁ ପାଣିପାଗ ବିଭାଗର ସତର୍କବାଣୀ

ଭୁବନେଶ୍ୱର, ୨୭।୪(ପି.ଏନ): ଆଗାମୀ ୪ ଦିନ ଯାଏଁ ରାଜ୍ୟରେ ଏଭଳି ଗ୍ରୀଷ୍ମପ୍ରବାହ ଜାରି ରହିବ । ପ୍ରବଳ ଖରାକୁ ଅସହ୍ୟ ଗୁଳୁଗୁଳିରେ ସାରା ରାଜ୍ୟ କଲବଲ ହୋଇଉଠିବ । ଘରୁ ବାହାରିବା ତ ଦୂରର କଥା, ଘରେ ରହିବା ମଧ୍ୟ କଷ୍ଟକର ହୋଇପଡିଛି । ସମ୍ଭାବ୍ୟ ଗ୍ରୀଷ୍ମପ୍ରବାହ ପାଇଁ ରାଜ୍ୟର ଅଧିକାଂଶ ଜିଲ୍ଲାକୁ ରେଡ୍ ଆଲର୍ଟ ଜାରି କରାଯାଇଛି । ଆଭ୍ୟନ୍ତରୀଣ ଓଡିଶାରେ ତାପମାତ୍ରା ୪୫ କିମ୍ବା ତା'ଠାରୁ ଅଧିକ ରେକର୍ଡ ହେବାର ସମ୍ଭାବନା ଥିବା କହିଛି ପାଣିପାଗ ବିଭାଗ । ଦିନ ୧୧ରୁ ୩ଟା ଭିତରେ ବାହାରକୁ ବାହାରିଲେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦେଇଛନ୍ତି ପାଣିପାଗ ବିଭାଗ । ଏପ୍ରିଲ ମାସରେ ସବୁ ସୀମା ପାର କରି ସାରିଲାଣି ତାତି । ଉପକୂଳରୁ ଉପାନ୍ତ, ଉତ୍ତରରୁ ଦକ୍ଷିଣ ଅସହ୍ୟ ଖରାରେ ଜଳୁଛି ସାରା ଓଡିଶା । ୪ ଦିନ ପର୍ଯ୍ୟନ୍ତ ରାଜ୍ୟରେ ତାତି ଆହୁରି ବଢିବ ବୋଲି ଆକଳନ କରିଛି ପାଣିପାଗ ବିଭାଗ । ତେଣୁ ଏହାକୁ ଦୃଷ୍ଟିରେ ରଖି ଅଧିକାଂଶ ଜିଲ୍ଲାକୁ ରେଡ ୱାର୍ଣ୍ଣିଂ ଜାରି କରାଯାଇଥିବା ବେଳେ କେହି ଏହି ସମୟରେ ଘରୁ ନବାରିବା ପାଇଁ ସତର୍କ ସୂଚନା ଜାରି କରିଛି ପାଣିପାଗ ବିଭାଗ । ଏ ନେଇ ରାଜ୍ୟବାସୀଙ୍କୁ ମୋବାଇଲରେ ମେସେଜ ମାଧ୍ୟମରେ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି ।ଅସମ୍ଭାଳ ଗ୍ରୀଷ୍ମ ପ୍ରବାହ, ପ୍ରଚଣ୍ଡ ହେଲାଣି ତାତି । ଗତକାଲି ରାଜ୍ୟର ୩୨ଟି ସ୍ଥାନରେ ପାରଦ ୪୦ ଡିଗ୍ରୀକୁ ଟପିଥିବାବେଳେ ତା'ମଧ୍ୟରୁ ୪ଟି ସହରର ପାରଦ ୪୪ ପାର୍ କରିଥିଲା । ୪୪.୬ ଡିଗ୍ରୀ ସହ ଅନୁଗୁଳରେ ସର୍ବାଧିକ ତାପମାତ୍ରା ରେକର୍ଡ ହୋଇଥିବା ବେଳେ ତା ପଛକୁ ବୌଦ୍ଧରେ ୪୪.୫ ଡିଗ୍ରୀ ରେକର୍ଡ ହୋଇଥିଲା । ସେହିପରି ନୂଆପଡା ଓ ବଲାଙ୍ଗିରରେ ୪୪ ଡିଗ୍ରୀ, ବାରିପଦାରେ ୪୩.୮ ଡିଗ୍ରୀ, ଟିଟିଲାଗଡ, ଯାଜପୁର, ସମ୍ବଲପୁର ଏବଂ ହୀରାକୁଦରେ ତାପମାତ୍ରା ୪୩.୬ ଡିଗ୍ରୀ ରହିଥିଲା । ଝାରସୁଗୁଡା ଓ ତାଳଚେରରେ ୪୩.୫ ଡିଗ୍ରୀ ରେକର୍ଡ କରାଯାଇଥିବାବେଳେ ଢେଙ୍କାନାଳରେ ପାରଦ ୪୩.୧ ଡିଗ୍ରୀ ରହିଥିଲା ।

## ସାଲେପୁରରୁ ଅରିନ୍ଦମ, ଖୋର୍ଦ୍ଧାରୁ ପ୍ରଶାନ୍ତ ଜଗଦ୍ଦେବ ବିଜେପି ପ୍ରାର୍ଥୀ

ଭୁବନେଶ୍ୱର, ୨୭।୪(ପି.ଏନ): ଓଡିଶା ପାଇଁ ବିଜେପି ପ୍ରକାଶ କରିଛି ଚତୁର୍ଥ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା। ଆଜି ଘୋଷଣା ହୋଇଛି ୮ ପ୍ରାର୍ଥୀ। ଏଥିରେ ଅଭିନେତା ଅରିନ୍ଦମ ରାୟଙ୍କୁ ସାଲେପୁରରୁ ମପ୍ରାର୍ଥୀ କରିଛି। ବିଜେଡିରୁ ବିଜେପିରେ ମିଶିଥିବା ପ୍ରଶାନ୍ତ ଜଗଦ୍ଦେବଙ୍କୁ ଦଳ ଖୋର୍ଦ୍ଧାରୁ ପ୍ରାର୍ଥୀ କରିଛି। ସେହିପରି ବିଜେଡିରୁ ଆସିଥିବା ସୀମାରାଣୀ ନାୟକଙ୍କୁ ହିନ୍ଦୋଳରୁ ପ୍ରାର୍ଥୀ କରିଛି ଦଳ।



## ପୁନମ୍ ମହାଜନ ଆଉଟ୍, ଉଜ୍ଜ୍ୱଳ ନିକମଙ୍କୁ ପ୍ରାର୍ଥୀ କଲା ବିଜେପି



ଭୁବନେଶ୍ୱର, ୨୭।୪(ପି.ଏନ): କଟିଲା ପୁନମ୍ ମହାଜନଙ୍କ ଟିକେଟ୍ । ଏବେ ତାଙ୍କ ବଦଳରେ ନିର୍ବାଚନ ଲଢ଼ିବେ ୨୬/୧୧ ଆତଙ୍କବାଦୀ ଆକ୍ରମଣ ମାମଲା ବରୋଧରେ ଲଢ଼ିଥିବା ଓକିଲ ଉଜ୍ଜ୍ୱଳ ନିକମ୍। ତାଙ୍କୁ ବିଜେପି ଟିକେଟ୍ ଦେଇଛି ।ବିଜେପି ପକ୍ଷରୁ ଆଜି ଲୋକସଭା ନିର୍ବାଚନ ପାଇଁ ୧୫ତମ ପ୍ରାର୍ଥୀ ତାଲିକା ଘୋଷଣା କରାଯାଇଛି। ଏଥିରେ ପୁନମ୍ ମହାଜନଙ୍କ ଟିକେଟ୍ କାଟି ମୁମ୍ବାଇର ନର୍ଥ ସେଣ୍ଟ୍ରାଲ ଆସନରୁ ଆତଙ୍କବାଦୀ ଅଜମଲ କସାବ୍ ବିରୋଧରେ ଲଢ଼ିଥିବା ଓକିଲ ଉଜ୍ଜ୍ୱଳ ନିକମ୍‌ଙ୍କୁ ଦଳ ପ୍ରାର୍ଥୀ କରିଛି। ଏହି ଆସନରେ କଂଗ୍ରେସ ବର୍ଷା ଗାଇକଓ୍ୱାଡଙ୍କୁ ଟିକେଟ୍ ଦେଇଛି।

## କଂଗ୍ରେସରୁ ଇସ୍ତଫା ଦେଲେ ମୋହନ ହେମ୍ବ୍ରମ, ଟିକେଟ୍ କଟିବା ପରେ ବ୍ୟକ୍ତ କଲେ ଅସନ୍ତୋଷ

ଭୁବନେଶ୍ୱର, ୨୭।୪(ପି.ଏନ): ଲୋକସଭା ନିର୍ବାଚନ ପାଇଁ ସରଗରମ ରାଜନୈତିକ ମାହୋଲ । ଏବେବି ପ୍ରଚାର କାର୍ଯ୍ୟ ମଧ୍ୟରେ ଜାରି ରହିଛି ଦଳ ଡିଆଁ । ଅନେକ ଆଶାୟୀ ପ୍ରାର୍ଥୀଙ୍କୁ ଟିକେଟ ମିଳିଥିବା ବେଳେ ସେମାନେ ଖୁସି ଅଛନ୍ତି ତ ଟିକେଟ ନ ମିଳିଥିବା ପ୍ରାର୍ଥୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଏଥିମଧ୍ୟରେ କଂଗ୍ରେସକୁ ଲାଗିଛି ଝଟକା । କେନ୍ଦୁଝରରେ କଂଗ୍ରେସ ସାଂସଦ ପ୍ରାର୍ଥୀ ମୋହନ ହେମ୍ବ୍ରମଙ୍କ ଟିକେଟ କଟିବା ପରେ ସେ କ୍ଷୁବ୍ଧ ହୋଇଛନ୍ତି । ସେ ଓ ତାଙ୍କ ପତ୍ନୀ ଝୁନା ପଟ୍ଟନାୟକ କଂଗ୍ରେସର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି । ଏହା ସହ ସାମ୍ବାଦିକ ସମ୍ମିଳନୀ କରି ପିସିସି ସଭାପତି ଶରତ ପଟ୍ଟନାୟକ ଓ ରାଜ୍ୟ ପ୍ରଭାରୀ ଅଜୟ କୁମାରଙ୍କ ଉପରେ ବର୍ଷିଛନ୍ତି ।ସୂଚନାଯୋଗ୍ୟ, କଂଗ୍ରେସ କେନ୍ଦୁଝରରେ ସାଂସଦ ପ୍ରାର୍ଥୀ ଭାବେ ପ୍ରଥମେ ମୋହନ ହେମ୍ବ୍ରମଙ୍କୁ ସାଂସଦ ପ୍ରାର୍ଥୀ ଘୋଷଣା କରିବା ପରେ ଦଳର ସମସ୍ତ କର୍ମକର୍ତ୍ତା ସମୂହ ଇସ୍ତଫା ଦେଇଥିଲେ । କିଛିଦିନ ପରେ ଦଳ ଏଠାରେ ପ୍ରାର୍ଥୀ ବଦଳାଇଥିଲା ଏବଂ ଇଂ. ବିନୋଦ ବିହାରୀ ନାଏକଙ୍କୁ ପ୍ରାର୍ଥୀ ଘୋଷଣା କରିଥିଲା । କଂଗ୍ରେସ ଉପରେ ବର୍ଷିବା ସହ ସେ କହିଛନ୍ତି ଯେ, ଏଆଇସିସିର ନିଷ୍ପତ୍ତି ତାଙ୍କୁ ଲଜ୍ଜିତ କରୁଛି । ଟିକେଟ ଦେଇ ପୁଣି କାଟୁଛି ଦଳ । ଯଦି ମୋର ଯୋଗ୍ୟତା ନଥିଲା, କାହିଁକି ଟିକେଟ ଦେଲେ ବୋଲି ସେ ପ୍ରଶ୍ନ କରିଛନ୍ତି । ଏହାଛଡା '୫୦ ହଜାର ସହ ଖର୍ଚ୍ଚ ବାବଦ ୭ ଲକ୍ଷ ଟଙ୍କା ନ ଦେଲେ ନ୍ୟାୟାଳୟର ଦ୍ୱାରସ୍ଥ ହେବେ ବୋଲି ବି ଧମକ ଦେଇଛନ୍ତି। ୨୦୧୯ ତେଲକୋଇ ବିଧାନସଭା ପାଇଁ ସେ ପ୍ରସ୍ତୁତ ହେଉଥିଲେ । ସେତେବେଳେ ମଧ୍ୟ ତାଙ୍କୁ ହଠାତ୍ ଲୋକସଭା ପାଇଁ ଲଢିବାକୁ କୁହାଯାଇଥିଲା । ଏଥର ମଧ୍ୟ ପ୍ରାର୍ଥୀ କରିବା ପାଇଁ କହା ଯାଇଥିଲା ।

## ଖୁବଶୀଘ୍ର କେନ୍ଦ୍ର ସରକାରୀ କର୍ମଚାରୀଙ୍କ ପାଇଁ ଖୁସି ଖବର, ଲାଗୁ ହୋଇପାରେ ଅଷ୍ଟମ ବେତନ

ନୂଆଦିଲ୍ଲୀ, ୨୭।୪(ପି.ଏନ): କେନ୍ଦ୍ର ସରକାରୀ କର୍ମଚାରୀ ଏବଂ ପେନସନଧାରୀଙ୍କ ପାଇଁ ବଡ ଖବର ସାମ୍ନାକୁ ଆସିଛି। ସରକାରୀ କର୍ମଚାରୀମାନେ ଅଷ୍ଟମ ବେତନ ଆୟୋଗ ସହିତ ଜଡିତ ଖୁସି ଖବର ପାଇବେ। ଭାରତୀୟ ରେଳ ବୈଷୟିକ ପର୍ଯ୍ୟବେକ୍ଷକ ସଂଘ ଏହି କମିଶନ ଗଠନ ପାଇଁ ଏକ ଚିଠି ଲେଖିଛନ୍ତି । ଯେଉଁଥିରେ ଅଷ୍ଟମ ବେତନ କମିଶନ ଗଠନ ସମ୍ପର୍କରେ ସୂଚନା ଦିଆଯାଇଛି। ଏଥିରେ ଅନେକ ସୁପାରିଶ ମଧ୍ୟ କରାଯାଇଛି । ଯଦି ସରକାର ଆସୋସିଏସନର ଏହି ସୁପାରିଶକୁ ଗ୍ରହଣ କରନ୍ତି, ତେବେ ଏହା ସରକାରୀ କର୍ମଚାରୀଙ୍କ ପାଇଁ ଲାଭଦାୟକ ହେବ । IRTSA ଏହାର ଚିଠିରେ ଅନେକ ପ୍ରମୁଖ ଦାବି ରଖିଛି । ପ୍ରଥମ ଦାବି ହେଉଛି ଯେ ଏକ ନୂତନ କେନ୍ଦ୍ରୀୟ ଦେୟ ଆୟୋଗ ଗଠନ । ବିଭିନ୍ନ ଗୋଷ୍ଠୀର କର୍ମଚାରୀଙ୍କ ବେତନରେ ଥିବା ଅସମାନତାକୁ ସରକାର ହଟାଇବାକୁ ଆସୋସିଏସନ ଚାହୁଁଛି। ଏହା ବ୍ୟତୀତ ଦରମା ଏବଂ ଭତ୍ତା, କାର୍ଯ୍ୟବ୍ୟବସ୍ଥା, ପଦୋନ୍ନତି ପଥ ଏବଂ ପଦବୀ ବଣ୍ଟନ ସହ ଜଡିତ ସମସ୍ତ ଅସଙ୍ଗତିକୁ ହଟାଇବା ପାଇଁ ଆସୋସିଏସନ ଏକ ପେ କମିଶନ ଗଠନ କରିବା ପାଇଁ ଦାବି କରିଛି ।

## ୨ ଦିନରୁ ଜଳୁଛି ସାରକୁଣ୍ଡା ସଂରକ୍ଷିତ ଜଙ୍ଗଲ, ବିପଦରେ ମୂଲ୍ୟବାନ ଗଛ ଏବଂ ଜୀବଜନ୍ତୁ



ସୁନ୍ଦରଗଡ, ୨୭।୪(ପି.ଏନ): ଅସହ୍ୟ ତାତି । ଗରମ ଓ ଗୁଳୁଗୁଳିରେ ଅସ୍ତବ୍ୟସ୍ତ ଜନଜୀବନ । ଏମିତିରେ ଦୁଇ ଦିନ ହେଲାଣି ଜଳୁଛି ସାରକୁଣ୍ଡା ସଂରକ୍ଷିତ ଜଙ୍ଗଲ । ବରସୁଆଁ ବନାଞ୍ଚଳ ଅଧୀନ ସାରକୁଣ୍ଡା ସଂରକ୍ଷିତ ଜଙ୍ଗଲରେ ନିଆଁ ଲାଗିଯିବା ଫଳରେ ବହୁ ମୂଲ୍ୟବାନ ଗଛ ଜଳିଯିବା ସହ ଅନେକ ଜୀବଜନ୍ତୁଙ୍କ ପ୍ରାଣ ବିପଦରେ । ନିଆଁର ପ୍ରକୋପ ଏତେ ଅଧିକ ରହିଛି ଯେ ଅନେକ ଦୂରକୁ ଏହା ସ୍ପଷ୍ଟ ଭାବେ ଦେଖାଯାଉଛି । ତେବେ ଦୁଇ ଦିନ ହେଲା ନିଆଁ ଲାଗିବା ଫଳରେ ଜଙ୍ଗଲ ନିକଟରେ ଥିବା ଗାଁ ଗୁଡିକ ମଧ୍ୟ ଧୂଆଁମୟ ହୋଇଛି । ବନ ବିଭାଗ ଏଥିପ୍ରତି ଦୃଷ୍ଟି ଦେଉନଥିବା ଅଭିଯୋଗ ହୋଇଛି । ଅପରପକ୍ଷରେ ଗତ ୫ ଦିନ ହେବ ପ୍ରବଳ ଗ୍ରୀଷ୍ମ ପ୍ରଭାବ ଯୋଗୁ ଶିମିଳିପାଳ ଜଙ୍ଗଲରେ ଲାଗିଥିବା ନିଆଁ ଲିଭିବାର ନାଁ ଧରୁନି । ଶିମିଳିପାଳ ଉତ୍ତର ଜୋନ୍ ବନ୍ୟପ୍ରାଣୀ ବନଖଣ୍ଡ ଅଧୀନରେ ୨୨ଟି ଏବଂ ଦକ୍ଷିଣ ବନ୍ୟପ୍ରାଣି ବନଖଣ୍ଡର ୧୩ଟି ସ୍ଥାନରେ ନିଆଁ ଲାଗିଥିବା ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣି ସଂରକ୍ଷକ ସୂଚନା ଦେଇଛନ୍ତି । ଫାୟାର ସ୍କ୍ୱାଡ୍, ବନ କର୍ମଚାରୀ ନିଆଁକୁ ଆୟତ କରିବାକୁ ପ୍ରୟାସ ଜାରି ରଖିଛନ୍ତି । ରାଜ୍ୟରେ ଅଧିକାଂଶ ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିବା ବେଳେ ହିଟ୍‌ୱେଭ୍ ଦେଖିବାକୁ ମିଳିଛି ।

## ତାତିରେ ରେକର୍ଡ କଲା ଅନୁଗୋଳ; ତା' ତଳକୁ ଅଛି ରାଜଧାନୀ ଭୁବନେଶ୍ୱର



ଭୁବନେଶ୍ୱର, ୨୭।୪(ପି.ଏନ): ତାତିରେ ରେକର୍ଡ କଲା ଶିଳ୍ପ ନଗରୀ ଅନୁଗୋଳ। ତା' ତଳକୁ ଅଛି ରାଜଧାନୀ ଭୁବନେଶ୍ୱର। ଆଜି ଅନୁଗୋଳରେ ସର୍ବାଧିକ ତାପମାତ୍ରା ୪୪.୭ ଡ଼ିଗ୍ରୀ ରେକର୍ଡ କରାଯାଇଥିବା ବେଳେ ଭୁବନେଶ୍ୱରରେ ୪୪.୬ ଡ଼ିଗ୍ରୀ ରେକର୍ଡ କରାଯାଇଛି। ଏଥିସହ ୩୩ ସହରରେ ତାପମାତ୍ରା ୪୦ଡ଼ିଗ୍ରୀ କିମ୍ବା ତା'ଠାରୁ ଅଧିକ ରେକର୍ଡ କରାଯାଇଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଏନେଇ ସୂଚନା ଦିଆଯାଇଛି ।ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଜାରି କରିଥିବା ବୁଲେଟିନ୍ ? ଅନୁସାରେ ବାରିପଦାରେ ୪୪.୨ ଡିଗ୍ରୀ, ବୌଦ୍ଧରେ ୪୩.୭ ଡିଗ୍ରୀ, ଢେଙ୍କାନାଳରେ ୪୩.୭ ଡିଗ୍ରୀ, ଭବାନୀପାଟଣାରେ ୪୩.୭ ଡିଗ୍ରୀ, ନୂଆପଡାରେ ୪୩.୬ ଡିଗ୍ରୀ, ଝାରସୁଗୁଡାରେ ୪୩.୬ ଡିଗ୍ରୀ, ବଲାଙ୍ଗିରରେ ୪୩.୫ ଡିଗ୍ରୀ, ଯାଜପୁରରେ ୪୩.୫ ଡିଗ୍ରୀ, ତାଳଚେରରେ ୪୩.୫ ଡିଗ୍ରୀ, ନୟାଗଡରେ ୪୩.୫ ଡିଗ୍ରୀ, କଟକରେ ୪୩.୪ ଡିଗ୍ରୀ, ଟିଟିଲାଗଡରେ ୪୩ ଡିଗ୍ରୀ, ସୁନ୍ଦରଗଡରେ ୪୨.୮ ଡିଗ୍ରୀ, ପାରଳାଖେମୁଣ୍ଡିରେ ୪୨.୮ ଡିଗ୍ରୀ, ମାଲକାନଗିରିରେ ୪୨.୭ ଡିଗ୍ରୀ, ରାଉରକେଲାରେ ୪୨.୭ ଡିଗ୍ରୀ, ଜଗତସିଂହପୁରରେ ୪୨.୫ ଡିଗ୍ରୀ ଓ ଚାନ୍ଦବାଲିରେ ତାପମାତ୍ରା ୪୨.୪ ଡିଗ୍ରୀ ରେକର୍ଡ କରାଯାଇଛି।








# ଟି ଟାଇମ୍

## ଭୂତଙ୍କ ମେଳା

ମେଳା ତ ଅନେକ ରହିଥାଏ। ମେଳାକୁ ଆକର୍ଷଣୀୟ କରିବା ପାଇଁ କେତେକ ସ୍ଥାନରେ ଗୋରୁଗାଈ ତ ଆଉ କେଉଁଠି କଣ୍ଢେଇ, ଖେଳନାମାନ ବିକ୍ରି କରାଯାଇଥାଏ। ହେଲେ ଭୂତମାନଙ୍କୁ ନେଇ କେବେ କୌଣସି ମେଳା ହେଉଥିବା ବିଷୟରେ ଶୁଣିଛନ୍ତି। କିନ୍ତୁ ଏପରି ଏକ ମେଳା ମିର୍ଜାପୁରର କୋହରୋରାର ବରହି ଗ୍ରାମରେ ବେଚୁବୀର ବାବାଙ୍କ ସମାଧି ଉପରେ ହୋଇଥାଏ। ଏହି ମେଳାରେ ଭୂତ, ପ୍ରେତ ଏବଂ ଡାହାଣୀମାନଙ୍କର ମେଳା ହୋଇଥାଏ। ଅନ୍ଧବିଶ୍ୱାସ ସହିତ ଜଡ଼ିତ ଏହି ମେଳାରେ ଭୂତ-ପ୍ରେତଙ୍କ ପ୍ରକୋପରୁ ଲୋକମାନଙ୍କୁ ମୁକ୍ତି ଦିଆଯାଇଥାଏ। ଅନ୍ଧବିଶ୍ୱାସର ଏ ସମସ୍ତ ଖେଳ ସ୍ଥାନୀୟ ପୋଲିସ କର୍ମଚାରୀମାନଙ୍କ ସାମ୍ନାରେ ହୋଇଥାଏ। ଏହି ମେଳା ୩୫୦ବର୍ଷରୁ ହୋଇଆସିଲାଣି। ଅନ୍ଧବିଶ୍ୱାସର ଏହି ମେଳାରେ ଅଭିଯୋଗ ନେଇ ମଣିଷମାନେ ଆସିଥାନ୍ତି। ଯଦି କୌଣସି ବ୍ୟକ୍ତିଙ୍କ ଉପରେ ଭୂତ କିମ୍ବା ପ୍ରେତଙ୍କର ପ୍ରଭାବ ରହିଥାଏ ତେବେ ତାଙ୍କୁ ଏହି ସଂକଟରୁ କେବଳ ବେଚୁବିର ବାବା ହିଁ ମୁକ୍ତ କରିପାରିବେ। ଏଠାକୁ ଅନେକ ଦୂର ଦୂରାନ୍ତରୁ ଲୋକମାନେ ଚିକିତ୍ସା କରିବା ପାଇଁ ଆସିଥାନ୍ତି। ବେଚୁ ବାବାଙ୍କ ସମାଧିର ଦେଖାଶୁଣା ତାଙ୍କର ଏହି ଛଅ ବଶଂଜ କରିଥାନ୍ତି। ଏଠାରେ ଭୂତ-ପ୍ରେତଙ୍କ ବ୍ୟତୀତ ନିଃସନ୍ତାନ ଲୋକମାନେ ମଧ୍ୟ ଆସିଥାନ୍ତି।

## ୧୦୬୮ଟଙ୍କାର କିଟ୍‌କାଟ୍

ଯଦି ଆପଣ ଚକୋଲେଟ୍ ଖାଇବାର ସୌଖୀନ୍ ତେବେ ଆପଣଙ୍କ ପାଇଁ ଏକ ବଡ଼ ଖୁସି ଖବର। ପ୍ରସିଦ୍ଧ କମ୍ପାନୀ ନେସ୍‌ଲେ ଜାପାନରେ ଗୋଟିଏ ନୂଆ ପ୍ରଡ଼କ୍ଟ ଲଞ୍ଚ କରିଛନ୍ତି । ଏହି ପ୍ରଡ଼କ୍ଟ ହେଉଛି ଗୋଟିଏ ଚକୋଲେଟ୍। କିନ୍ତୁ ଏହା ଏକ ସାଧାରଣ ଚକୋଲେଟ୍ ନୁହେଁ। ସୁନାରେ ପ୍ରସ୍ତୁତ ଚକୋଲେଟ୍। ନେସ୍‌ଲେ ଏହି ଚକୋଲେଟ୍‌ର ଉତ୍ପାଦନ କମ୍ପାନୀର ଚକଲେଟ୍ରୀ ବୁଟିକ୍ ପାଇଁ କରିଛନ୍ତି । ଏହାକୁ ଖାଇବା ଯୋଗ୍ୟ କରିବା ପାଇଁ ସେଥିରେ ସୁନାରେ ପତଳା କୋର୍ଟ ଦିଆଯାଇଛି । ଏବେ ଚକୋଲେଟ୍‌କୁ ୱାନ୍ ଫିଙ୍ଗର କିଟ୍‌କାଟ୍ ଚକୋଲେଟ୍ ଆକାରରେ ଲଞ୍ଚ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ କମ୍ପାନୀ ଡିସେମ୍ବରର ଶେଷ ଆଡ଼କୁ ୫୦୦ ଚକୋଲେଟ୍‌କୁ ଜାପାନ୍‌ର ୮ଟି କିଟ୍‌କାଟ୍ ବୁଟିକ୍‌ରେ ବିକ୍ରି କରିବେ



। ସୁନାର ପରସ୍ତ ପଡ଼ିଥିବା ଏହି ଚକୋଲେଟ୍‌ର ଜାପାନ ମୂଲ୍ୟ ୨,୦୧୬ୟେନ୍(୧୬ଡଲାର) ଦାମରେ ବିକ୍ରି କରାଯିବ । ଯାହାର ଭାରତୀୟ ମୂଲ୍ୟ ୧.୦୬୮ଟଙ୍କା ହେବ । ଜାପାନରେ ନେସଲେ ୩୦ପ୍ରକାରର କିଟ୍‌କାଟ୍ ବିକ୍ରି କରିଥାଏ ।

# ପୁରାଣ କାହାଣୀ

## ହଜିଯାଇଥିବା ଜିନିଷ ଖୋଜି ଆଣିବ ସୁଦର୍ଶନ ଚକ୍ର



ଜୀବନରେ କୌଣସି ଜିନିଷ ହଜିଯିବା, କେଉଁଠି ରଖି ଭୁଲିଯିବା, ହଜିଯାଇଥିବା ଜିନିଷ ଖୋଜିଲେ ନ ମିଳିବା ଆଦି ସମସ୍ୟା ସ୍ୱାଭାବିକ୍ ଭାବେ ଘଟିଥାଏ । ଯାହା ମନକୁ ଭାରାକ୍ରାନ୍ତ କରିଦିଏ। ଏଭଳି ପରିସ୍ଥିତିରେ କାର୍ତ୍ତବିର୍ଯ୍ୟାର୍ଜୁନ୍ ରାଜା ଯିଏ ହେୟ ବଂଶର ତଥା ଭଗବାନ ବିଷ୍ଣୁଙ୍କ ସୁଦର୍ଶନ ଚକ୍ରର ଅବତାର ବୋଲି କୁହାଯାଇଥାଏ। ତାଙ୍କର ସାଧନା କରିବା ଦ୍ୱାରା ଏହି ସବୁ ସମସ୍ୟାରୁ ତୁରନ୍ତ ମୁକ୍ତି ମିଳିଥାଏ। ପୁରାଣରେ ବର୍ଣ୍ଣିତ ହୋଇଛି ଯେ ସୁଦର୍ଶନ ଚକ୍ର ଯେ କୌଣସି ଦିଗକୁ ଯାଇ ହଜିଥିବା ଜିନିଷ ଖୋଜି ଆଣିବାରେ ସାହାଯ୍ୟ କରିଥାଏ। ଏହାର ସାଧନା ପାଇଁ ଦୀପ ଜଳାଇ ପୂର୍ବ ଅଥବା ଉତ୍ତର ଦିଗ ପଟକୁ ମୁହଁ କରି ବସନ୍ତୁ। ହଜିଯାଇଥିବା ଜିନିଷକୁ ଭାବନାରେ ଆଣି ଭଗବାନ ବିଷ୍ଣୁଙ୍କର ସୁଦର୍ଶନ ରୂପକୁ ସ୍ମରଣ କରି ଧ୍ୟାନ କରନ୍ତୁ ।

## ନ୍ୟୁଡ ସେଲଫି ବଦଳରେ ମିଳୁଛି ଋଣ

ବେଙ୍କିଂ ସାଧାରଣତଃ ଋଣ ପ୍ରଦାନ ସମୟରେ ବ୍ୟାଙ୍କ କର୍ତ୍ତୃପକ୍ଷ ଘର କିମ୍ବା ଜମି ପଟ୍ଟାକୁ ବନ୍ଧକ ରଖିଥାନ୍ତି। ହେଲେ ଚୀନର ଏକ ବ୍ୟାଙ୍କ ଗ୍ୟାରେଣ୍ଟି ବାବଦରେ ଝିଅଙ୍କ ଅଶ୍ଳୀଳ ଫଟୋକୁ ଗ୍ରହଣ କରୁଛି। ସର୍ତ୍ତ ରହିଛି ଯଦି ସଠିକ ସମୟରେ ଋଣ ପରିଶୋଧ କରାନଯାଏ ତେବେ ଏହି ଫଟୋକୁ ସାର୍ବଜନୀନ କରାଯିବ। ଚୀନରେ ଜିଏଦାଇବାଓ ନାମକ ଏକ କମ୍ପାନୀ ଲୋକଙ୍କୁ ବ୍ୟବସାୟ ଏବଂ ଆବଶ୍ୟକୀୟ ସାମଗ୍ରି କ୍ରୟ ପାଇଁ ଅନଲାଇନରେ ଋଣ ପ୍ରଦାନ କରୁଛି। ତେବେ ଋଣ ପାଇଁ ଗ୍ୟାରେଣ୍ଟର ଭାବେ ଝିଅ



ପିଲାଙ୍କୁ ଅନଲାଇନରେ ନ୍ୟୁଡ ଫଟୋ ଦେବାକୁ କୁହାଯାଉଛି। ଏଥିରେ ଝିଅମାନେ ନିଜ ପରିଚୟ ପତ୍ର ସହ ଫଟୋ ଦେଉଛନ୍ତି। କୁହାଯାଇଛି ଯେ ଯଦି ସଠିକ ସମୟରେ ଋଣ ଅର୍ଥ ପୈଠ ନହୁଏ ତେବେ ଏହି ଫଟୋ ପରିବାର ଏବଂ ପରିଚିତ ଲୋକମାନଙ୍କୁ ପଠାଇବା ସହ ସୋସିଆଲ ସାଇଟରେ ମଧ୍ୟ ସେୟାର କରାଯିବ। କମ୍ପାନୀଟି ୩୦% ସାପ୍ତାହିକ ସୁଧରେ ଏହି ଅର୍ଥ ଆବଶ୍ୟକୀୟ ଲୋକଙ୍କୁ ପ୍ରଦାନ କରୁଛି। ମିଳିଥିବା ସୂଚନା ଅନୁସାରେ ଏହି କମ୍ପାନୀଟି ଅଦ୍ୟାବଧି ୧୬୦ଜଣ ଝିଅଙ୍କ ଫଟୋକୁ ସୋସିଆଲ ସାଇଟରେ ଛାଡି ସାରିଲେଣି। ଘଟଣାକୁ ନେଇ ବିଶ୍ୱବ୍ୟାପୀ ତୀବ୍ର ପ୍ରତିକ୍ରିୟା ଆରମ୍ଭ ହୋଇଥିଲା ବେଳେ କମ୍ପାନୀକୁ ବନ୍ଦ କରିବା ପାଇଁ ଦାବି ତେଜିଲାଣି।

## ଖାତାକୁ ଆସିଲା ୩୧କୋଟି, ଗହଣା ଏବଂ କପଡ଼ା ପାଇଁ କରିଦେଲେ ଖର୍ଚ୍ଚ

ସିଡନୀ ଭାରତରେ ନୋଟରଦ୍ଦ ନିଷ୍ପତ୍ତି କାରଣରୁ ଅନେକ କଳାଧନକୁ ଧଳା କରିବା ପାଇଁ ଅନ୍ୟମାନଙ୍କ ଆକାଉଣ୍ଟରେ ଅର୍ଥ ଜମା କରୁଥିବା ଘଟଣା ଏବେ ଦେଖିବାକୁ ମିଳୁଛି। ସେହିପରି ଭୁଲରେ ମଧ୍ୟ ବ୍ୟାଙ୍କ





ଅଧିକାରୀମାନେ ଜଣଙ୍କ ସ୍ଥାନରେ ଅନ୍ୟଜଣଙ୍କ ଆକାଉଣ୍ଟରେ ଟଙ୍କା ଜମା କରିଦେଉଛନ୍ତି। ବ୍ୟାଙ୍କର ଏହି ତ୍ରୁଟି ଯୋଗୁ ଜଣେ ଛାତ୍ରଙ୍କୁ କୋର୍ଟର ଚକ୍କର କାଟିବାକୁ ପଡିଛି। ମାମଲାଟି ୨୦୧୨ ମସିହାର। ବ୍ୟାଙ୍କ ପକ୍ଷରୁ ଭୁଲରେ ମାଲେସିଆର ଜଣେ ୨୧ବର୍ଷିୟ ଛାତ୍ରୀ କ୍ରିଷ୍ଟିନାଙ୍କ ଖାତାକୁ ଆସିଥିଲା ୩୧କୋଟି ଟଙ୍କା। ୨୦୧୪ ଜୁଲାଇ ମାସରେ ଏ ସମ୍ପର୍କରେ କ୍ରିଷ୍ଟିନା ଜାଣିପାରିଥିଲେ। ପରେ ଏହି ଟଙ୍କାରେ ସେ ଗହଣା,ପ୍ରଶାଧନ ସାମଗ୍ରିଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଜିନିଷ କ୍ରୟ କରିଥିଲେ। ଏପରିକି ଗୋଟିଏ ଦିନ ସେ ଦେଢକୋଟି ଟଙ୍କାର କିଣାବିକା କରିଥିଲେ। ଗତବର୍ଷ ଏହି ତ୍ରୁଟି ସମ୍ପର୍କରେ ବ୍ୟାଙ୍କ କର୍ତ୍ତୃପକ୍ଷ ଅବଗତ ହେବାପରେ କ୍ରିଷ୍ଟିନାଙ୍କୁ ଫୋନ କରି ତୁରନ୍ତ ଟଙ୍କା ଫେରାଇବା ପାଇଁ ଅନୁରୋଧ କରିଥିଲେ। ହେଲେ କ୍ରିଷ୍ଟିନା କହିଥିଲେ ଯେ ମୁଁ ଭାବିଥିଲି ଏହି ଟଙ୍କା ମୋତେ ମୋ ବାପା ପଠାଇଛନ୍ତି। ପରେ ଘଟଣାଟି କୋର୍ଟରେ ପହଞ୍ଚିଥିଲା। ଗତ ମଙ୍ଗଳବାର ଦିନ ଡାଉନିଂ ସେଣ୍ଟର କୋର୍ଟରେ କ୍ରିଷ୍ଟିନା ଉପସ୍ଥିତ ହୋଇ ନିଜ ଯୁକ୍ତି ରଖିଥିଲେ। ପରେ ଏହି ମାମଲାରେ କୋର୍ଟ ତାଙ୍କୁ ସମ୍ମାନର ସହ ମୁକ୍ତି କରିଛି।

## ଖରିଫ୍ ଧାନ ସଂଗ୍ରହ ପାଇଁ ଚାଷୀ ନାମପଂଜୀକରଣରେ ୧୩ ପ୍ରତିଶତ ବୃଦ୍ଧି

ଭୁବନେଶ୍ୱର,(ପିଏନ)-୨୦୨୦-୨୧ ଖରିଫ୍ ବିପଣନ ଋତୁରେ ମୂଲ୍ୟ ସହାୟକ ଯୋଜନାରେ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ଚାଷୀ ନାମ ପଂଜୀକରଣ ଗତବର୍ଷ ତୁଳନାରେ ଉଲ୍ଲେଖନୀୟ ୧୩ ପ୍ରତିଶତ ବୃଦ୍ଧି ପାଇଛି । ୨୦୨୦-୨୧ ଖରିଫ୍ ଧାନ ସଂଗ୍ରହ ପାଇଁ ଅଦ୍ୟାବଧି ମୋଟ ୧୪ ଲକ୍ଷ ୨ ହଜାର ୨୦୫ ଜଣ ଚାଷୀ ଅନ୍ ଲାଇନ୍ ଜରିଆରେ ସେମାନଙ୍କ ନାମ ପଂଜୀକରଣ କରିଛନ୍ତି। ଗତବର୍ଷ ୨୦୧୯-୨୦ ଖରିଫ୍ ଧାନ ନିମନ୍ତେ ୧୨ ଲକ୍ଷ ୩୫ ହଜାର ୯୦୮ ଜଣ ଚାଷୀ ନାମ ପଂଜୀକରଣ କରିଥିଲେ ।

କୋଭିଡ୍-୧୯ ସ୍ଥିତିରେ ସରକାରଙ୍କ ସମସ୍ତ ମାର୍ଗଦର୍ଶିକା ଓ ସାମାଜିକ ଦୂରତ୍ୱ ଅନୁପାଳନ କରି ବିଭାଗ ଦ୍ୱାରା ପ୍ୟାକ୍ସ ଓ ଲ୍ୟାମ୍ପସ୍ ମାଧ୍ୟମରେ ଚାଷୀ ନାମ ପଂଜୀକରଣ କାର୍ଯ୍ୟ ସୁରୁଖୁରୁରେ କରାଯାଇପାରିଛି ଏବଂ ଗତବର୍ଷ ତୁଳନାରେ ୧ ଲକ୍ଷ ୬୬ ହଜାର ୨୯୭ ଜଣ ଅଧିକ ଚାଷୀ ସେମାନଙ୍କ ଖରିଫ୍ ଧାନ ବିକିବା ନିମନ୍ତେ ନାମ ପଂଜୀକରଣ କରିଥିବାରୁ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସମସ୍ତ କୃଷକ ଭାଇ ଏବଂ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ସାଧୁବାଦ ଜଣାଇଛନ୍ତି। ରାଜ୍ୟର ୩୦ଟି ଜିଲ୍ଲାରେ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ୨୮୫୨ଟି ପ୍ୟାକ୍ସ ଜରିଆରେ ନାମ ପଂଜୀକରଣ କାର୍ଯ୍ୟ କରାଯାଉଛି। ୨୦୨୦-୨୧ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ରାଜ୍ୟର ପ୍ରାୟ ପ୍ରତିଟି ଜିଲ୍ଲାରେ ଗତବର୍ଷ ତୁଳନାରେ ନାମ ପଂଜୀକରଣ ସଂଖ୍ୟା ବୃଦ୍ଧି ପାଇଥିବାବେଳେ ନୂଆପଡ଼ା ଜିଲ୍ଲାରେ ଉଲ୍ଲେଖନୀୟ ୩୫ ପ୍ରତିଶତ ବୃଦ୍ଧି ପାଇଛି । ଏତଦ୍ ବ୍ୟତୀତ ବଲାଙ୍ଗୀର ଓ ଯାଜପୁର ଜିଲ୍ଲାରେ ୨୯ ପ୍ରତିଶତ ବୃଦ୍ଧି ପାଇଥିବାବେଳେ ମୟୂରଭଞ୍ଜ ଜିଲ୍ଲାରେ ୨୮ ପ୍ରତିଶତ, ଝାରସୁଗୁଡ଼ାରେ ୨୩ ପ୍ରତିଶତ, ଦେବଗଡ଼ରେ ୨୨ ପ୍ରତିଶତ, ଭଦ୍ରଖରେ ୨୦ ପ୍ରତିଶତ, ଢେଙ୍କାନାଳରେ ୧୯ ପ୍ରତିଶତ, ଅନୁଗୋଳ, ଜଗତସିଂହପୁର ଓ କୋରାପୁଟରେ ୧୮ ପ୍ରତିଶତ ଲେଖାଏଁ ନାମ ପଂଜୀକରଣ ବୃଦ୍ଧି ପାଇଛି। ସେହିପରି କଟକ ଜିଲ୍ଲାରେ ଚାଷୀ ନାମ ପଂଜୀକରଣ ୧୭ ପ୍ରତିଶତ, ସମ୍ବଲପୁରରେ ୧୬ ପ୍ରତିଶତ, ବାଲେଶ୍ୱର ୧୫ ପ୍ରତିଶତ, ବରଗଡ଼ରେ ୧୫ ପ୍ରତିଶତ ଏବଂ ସୁନ୍ଦରଗଡ଼ରେ ୧୩ ପ୍ରତିଶତ ବୃଦ୍ଧି ପାଇଛି।

## ସନ୍ତାନ ଓ ଚାକିରି ଛାଡ଼ି ଆଇଏସ ବିରୋଧରେ ବନ୍ଧୁକ ଉଠାଇଲେ ମହିଳା

ସିରିୟାର ବେବିଲୋନିଆ ତାଙ୍କର ଦୁଇ ସନ୍ତାନ



ଓ ହେୟାର ଡ୍ରେସର ଚାକିରି ଛାଡି ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଂଗଠନ ଆଇଏସଆଇଏସ ବିରୋଧରେ ବନ୍ଧୁକ ଉଠାଇଛନ୍ତି। ସେ ଆଇଏସ ବିରୋଧରେ ଲଢୁଥିବା ଖ୍ରୀଷ୍ଟିଆନ ଫିମେଲ ପ୍ରୋଟେକସନ ଗ୍ରୁପରେ ସାମିଲ ହୋଇଛନ୍ତି। ୩୬ ବର୍ଷୀୟା ବେବିଲୋନିଆ ସିରିୟାର ଉତ୍ତର-ପୂର୍ବରେ ହଶକାହ ପ୍ରଦେଶରେ ଖ୍ରୀଷ୍ଟିଆନ ସଂଖ୍ୟାଲଘୁ ସଂପ୍ରଦାୟର ମହିଳା। ଏହି ଗ୍ରୁପରେ ୫୦ ମହିଳା ଅଛନ୍ତି ଏବଂ ଏମାନଙ୍କ ପ୍ରଶିକ୍ଷଣ ଶିବିର ସିରିୟାର ଅଲ-କହତନିଏ ସହରରେ ରହିଛି। ବେବିଲୋନିଆ କହିଛନ୍ତି ପିଲାଙ୍କ ଭବିଷ୍ୟକୁ ସୁରକ୍ଷିତ କରିବା ପାଇଁ ସେ ଆଇଏସଆଇଏସ ବିରୋଧରେ ଅସ୍ତ୍ର ଉଠାଇଛନ୍ତି। ସିରିୟାରେ ୮୯ହଜାର ଖ୍ରୀଷ୍ଟିଆନ ବସବାସ କରୁଥିଲେ ହେଁ ଆଇଏସ ଆତଙ୍କବାଦୀଙ୍କ ଭୟରେ ଏମାନଙ୍କ ସଂଖ୍ୟା ଦ୍ରୁତ ହ୍ରାସ ପାଉଛି।

# ଆଜିର ଭାଗ୍ୟ

**ମେଷ** କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ସୁନ୍ଦର ଆଖି

ମଣିଷ ଶରୀରରେ ଆଖି ହେଉଛି ସବୁଠାରୁ ସୁନ୍ଦର ଭାଗ । ଯାହା ଆପଣଙ୍କ ସୁନ୍ଦରତାକୁ ଆହୁରି ବଢାଇ ଦେଇଥାଏ । ଯଦି ଆପଣ ଆପଣଙ୍କ ଆଖିକୁ ସୁନ୍ଦର କରିବାକୁ ଚାହାନ୍ତି ତେବେ, ସ୍ମୋକି ଆଇଜ୍ ପାଇଁ ସର୍ବଦା ଗ୍ରେ ଏବଂ କଳା ରଙ୍ଗର ଆଇସ୍ୟାଡୋର ମିଶ୍ରଣକୁ କଳା ସହିତ ଲଗାନ୍ତୁ । ଏଥିପାଇଁ ସର୍ବପ୍ରଥମେ ଆଇବ୍ରୋର ତଳ ଭାଗରେ ରହିଥିବା ହାଡରୁ ଟିକେ ତଳକୁ ଆଖିପତାରେ ଗ୍ରେ ରଙ୍ଗର ଆଇସ୍ୟାଡେ ଲଗାନ୍ତୁ । ଏହାପରେ ଆଖିର ତଳ ଏବଂ ଉପର ଦୁଇ ଭାଗରେ କଳା ଲଗାନ୍ତୁ । ଏହା ଆଖିର ସୁନ୍ଦରତା ବଢେଇ ଦେଇଥାଏ ।

## କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ହାନିକାରକ

ଆପଣଙ୍କ ଶରୀର ପାଇଁ କ୍ଷତିକାଚ୍ ସାବ୍ୟସ୍ତ ହୋଇପାରେ। ନିକଟରେ କରାଯାଇଥିବା ଏକ ଗବେଷଣାରୁ ଜଣାଯାଇଛି କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ଓ ଲୁଣ ପ୍ରତିକ୍ରିୟା କରି ଏଭଳି ଏକ ହାନିକାରକ ରସାୟନ ନିର୍ମାଣ କରୁଛନ୍ତି, ଯାହା ଆପଣଙ୍କୁ ଡାକ୍ତରଖାନାରେ ପହଞ୍ଚାଇଦେବ। ଗବେଷକମାନେ ଅନେକ ଅଣୁମାନଙ୍କର ସନ୍ଧାନ କରିଛନ୍ତି, ଯାହା ସମ୍ପୂର୍ଣ୍ଣ ନୂଆ ଓ କ୍ଲୋରାମିନ୍ ଯୁକ୍ତ ପାଣି ଓ ଖାଦ୍ୟରେ ଥିବା ଆୟୋଡ଼ିନ୍ ଯୁକ୍ତ ଲୁଣ ମଧ୍ୟରେ



ପ୍ରତିକ୍ରିୟାରୁ ସୃଷ୍ଟି ହୋଇଛନ୍ତି। ପାଣିକୁ ସ୍ୱଚ୍ଛ କରିବା ପାଇଁ ସେଥିରେ କ୍ଲୋରିନ୍ କିମ୍ବା କ୍ଲୋରୋଏମିନ୍‌ର ଅଣୁ ମିଶାଯାଇଥାଏ। ଗବେଷକଙ୍କ ମତରେ ପାଇପ୍ ପାଣିରେ ଉପସ୍ଥିତ ଥିବା କ୍ଲୋରିନ୍ କିମ୍ବା କ୍ଲୋରୋଏମିନ୍ସ ଆୟୋଡ଼ିନ୍ ଲୁଣ ସହ ପ୍ରତିକ୍ରିୟା କରି ହାଇପୋଆୟୋଡ଼ସ୍ ଏସିଡ଼ ନିର୍ମାଣ କରିଥାଏ। ଯାହା ସାଧାରଣତଃ ହାନିକାରକ ନୁହେଁ। କିନ୍ତୁ ଯେତେବେଳେ ଏସିଡ଼ ଖାଦ୍ୟ ରାନ୍ଧିବା ସମୟରେ ପାଇପ୍ ପାଣିରେ ଉପସ୍ଥିତ ଅଣୁ ଓ ଅନ୍ୟ କାର୍ବନିକ୍ ପଦାର୍ଥ ସହିତ ପ୍ରତିକ୍ରିୟା କରିଥାଏ। ସେତେବେଳେ ସେଥିରେ ହାନିକାରକ ଆୟୋଡ଼ିନ୍ ଯୁକ୍ତ ଜୀବାଣୁ ନାଶକ ତିଆରି ହୋଇଥାଏ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ ।



ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଳୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ ।




## ନରଗାଙ୍ଗ ପଞ୍ଚାୟତରେ ନୂତନ ପାନୀୟ ପ୍ରକଳ୍ପ ଉଦ୍‌ଘାଟିତ

ବାଙ୍କୀ (ପିଏନ୍)- ବାଙ୍କୀ ଡମପଡ଼ା ବ୍ଲକ ଅନ୍ତର୍ଗତ ନରଗାଙ୍ଗ ପଞ୍ଚାୟତର ସରକାରଙ୍କ ତରଫରୁ ଲୋକମାନଙ୍କ ପାଇଁ ସ୍ୱଜଳ ଧାରା ଯୋଜନା ମାଧ୍ୟମରେ ବିଶୁଦ୍ଧ ପାନୀୟଜଳ ଯୋଗାଇ ଦେଉଥିବାବେଳେ ଏହି ପରିପ୍ରେକ୍ଷୀରେ ନରଗାଙ୍ଗ ପଞ୍ଚାୟତରେ ସ୍ଥାନୀୟ ସରପଞ୍ଚ ପ୍ରଶାନ୍ତ ଜଗଦେବଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଓ ଉଦ୍‌ଘାଟକ ଭାବେ ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ନୂତନ ପାନୀୟ ଜଳପ୍ରକଳ୍ପକୁ ଉଦ୍‌ଘାଟନ କରିଥିଲେ। ଏଥିରେ ସମ୍ମାନୀତ ଅତିଥି ଭାବେ ଡମପଡ଼ା ବ୍ଲକ ଅଧ୍ୟକ୍ଷ ସୂର୍ଯ୍ୟନାରାୟଣ ପାତ୍ର, ବ୍ଲକ ଉପାଧ୍ୟକ୍ଷ ରେବତୀ ଜେନା ପ୍ରମୁଖ ଯୋଗଦେଇଥିଲେ ଓ ପଞ୍ଚାୟତର ବହୁ ଜନସାଧାରଣ କାର୍ଯ୍ୟକ୍ରମରେ ସାମିଲ୍ ହୋଇଥିଲେ।

## ବାଙ୍କୀ ବିଧାୟକଙ୍କ ଦ୍ୱାରା ନୂତନ କଲ୍ୟାଣ ମଣ୍ଡପ ଭୂମି ପୂଜା ଉତ୍ସବ



ବାଙ୍କୀ (ପିଏନ୍)-ବାଙ୍କୀ ବ୍ଲକ ଅନ୍ତର୍ଗତ ବ୍ରହ୍ମପୁରା ପଞ୍ଚାୟତରେ ବିଲିତେନ୍ତୁଳିଆ ଗ୍ରାମର ଜଳେଶ୍ୱର ମନ୍ଦିର ପରିସରରେ ବ୍ଲକ ଦ୍ୱାରା ନୂତନ କଲ୍ୟାଣ ମଣ୍ଡପର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଏଥିରେ ଅନୁଆରୀ ପଞ୍ଚାୟତର ସରପଞ୍ଚ ସଂଜୟ ପାତ୍ରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଯୋଗଦେଇ ବ୍ରହ୍ମପୁରା ପଞ୍ଚାୟତର ସର୍ବାଙ୍ଗୀନ ଉନ୍ନତି ପାଇଁ ସେ ସଦାସର୍ବଦା ଚେଷ୍ଟିତ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନୀତ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ବ୍ଲକ ଅଧ୍ୟକ୍ଷା ପୁଷ୍ପଲତା ସାମନ୍ତ, ପୂର୍ବତନ ସରପଞ୍ଚ ବୈକୁଣ୍ଠ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ ସହକାରୀ ଯନ୍ତ୍ରୀ ସତ୍ୟବ୍ରତ ସ୍ୱାଇଁ କଲ୍ୟାଣମଣ୍ଡପ ସଂପର୍କରେ ସୂଚନା ଦେଇଥିଲେ।

## ଶାଳପଡା ପ୍ରିନ୍ସ କ୍ଲବ୍ ପକ୍ଷରୁ ଗ୍ରାମାଞ୍ଚଳ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ଆନନ୍ଦପୁର (ପିଏନ୍): ଆନନ୍ଦପୁର ଉପଖଣ୍ଡ ଶାଳପଡା କ୍ଷେତ୍ର ମୋହନ ଖେଳ ପଡିଆ ଠାରେ ପ୍ରିନ୍ସ କ୍ଲବ ପକ୍ଷରୁ ଗ୍ରାମାଞ୍ଚଳ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି । ଏହି ଟୁର୍ଣ୍ଣାମେଣ୍ଟରେ ଆଖପାଖ ଅଂଚଳର ୧୨ଟି ଦଳ ଅଂଶ ଗ୍ରହଣ କରିଥିବା ବେଳେ ଉଦ୍‌ଘାଟନୀ ମ୍ୟାଚ୍ ଭାଟିସିରା ଓ ଭଗାନଇ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ଭାଟିସିରା ଦଳ ବ୍ୟାଟିଂ କରି ୮ ଓଭରରେ ୮୧ରନ୍ କରିଥିଲା । ଏହାର ଜବାବରେ ଭଗାନଇ ଦଳ ନିର୍ଦ୍ଧାରିତ ୮ଓଭର ଖେଳି ୫୮ରନ୍ କରି ପରାଜିତ ହୋଇଥିଲା । ଉଦ୍‌ଘାଟନୀ ଖେଳରେ ମୁଖ୍ୟଅତିଥି ଭାବେ ବ୍ୟବସାୟୀ ରାମଚନ୍ଦ୍ର ପାଢୀ ଓ ସରୋଜ କୁମାର ମିଶ୍ର ଯୋଗ ଦେଇଥିବା ବେଳେ ଅମ୍ପାୟାର ଭାବେ ରାଜେନ୍ଦ୍ର ଦାଶ ଓ ପୁପୁନ ଦାଶ ଖେଳକୁ ପରିଚାଳନା କରିଥିଲେ । କ୍ଲବର ସଦସ୍ୟ ସନାତନ ପତି, ସିତାଂଶୁ ଦାଶ, ଚିରିବ ଦାଶ, ସନ୍ତୋଷ ଶତପଥି, ଗୋଉରା, ରାଜା ପ୍ରମୁଖଙ୍କ ସହ ବହୁ ସଦସ୍ୟ ଖେଳକୁ ପରିଚାଳନା କରିଥିଲେ ।

## ବିଶ୍ୱ ମାନବାଧିକାର ଆୟୁକ୍ତଙ୍କ ଦ୍ୱାରା ବହୁଦିନର ବିବାଦ ତୁଟିଲା

କେନ୍ଦୁଝର (ପିଏନ୍): କେନ୍ଦୁଝର ଜିଲ୍ଲା ସଦର ଥାନା ଅନ୍ତର୍ଗତ କଣ୍ଡରାପଶି ଗ୍ରାମ ପଂଚାୟତର କଣ୍ଡରାପଶି ଗ୍ରାମରେ ବେଣୁଧର ମାଝୀ (ୱାର୍ଡମେମ୍ବର) ଓ ଗ୍ରାମ ମୁଖିଆ, ପୂଜକ ତଥା ଗ୍ରାମବାସୀଙ୍କ ମଧ୍ୟରେ ବହୁଦିନ ଧରି ସାମାନ୍ୟ କଥାକୁ ନେଇ ମନମାଳିନ୍ୟ ଲାଗି ରହିଥିଲା । ଏ ବିବାଦ ଏତେ ଉତ୍କଟ ହେଲାଯେ ବ୍ୟକ୍ତିଗତ ସ୍ତରରୁ ଯାଇ ଗୋଷ୍ଠୀଗତ ଆଡକୁ ଗଲା । ଫଳରେ ବେଣୁଧର ମାଝୀ ଉପାୟ ନପାଇ ସଦର ଥାନାରେ ଅଭିଯୋଗ କଲେ । ଥାନାରୁ ନ୍ୟାୟ ନପାଇ ବାଧ ହୋଇ ବିଶ୍ୱ ମାନବାଧିକାର ଆୟୁକ୍ତ କେନ୍ଦୁଝରଙ୍କ ଦ୍ୱାରସ୍ଥ ହେଲେ । ଶ୍ରୀ ମାଝୀଙ୍କ ଅଭିଯୋଗକୁ ଅତ୍ୟନ୍ତ ଗମ୍ଭୀର ସହକାରେ ନେଇ ଆୟୁକ୍ତ ଗତ ୨୬ ତାରିଖ (ରବିବାର) ଦିନ ଗୋଟାଏ ବେଳେ ସମନ୍ୱୟ ବିଚାର ମଣ୍ଡଳୀର ବୈଠକ ଅନୁଷ୍ଠିତ ହୋଇଥିଲା । କଣ୍ଡରାପଶି ଗ୍ରାମ ପଂଚାୟତରେ ସ୍ଥାନୀୟ ସରପଂଚ ଓ ଭଦ୍ରବ୍ୟକ୍ତିଙ୍କ ଉପସ୍ଥିତିରେ ଉକ୍ତ ମନୋମାଳିନ୍ୟର ଫଇସାଲା କରି ପରସ୍ପର ଶାନ୍ତି ଓ ସୌହାର୍ଦ୍ଦ୍ୟ ବଜାୟ ରଖିବାକୁ ଲିଖିତ ସ୍ୱୀକୃତି କରାଇଥିଲେ ଏବଂ ଉଭୟ ପକ୍ଷ ପରସ୍ପରଙ୍କୁ ମିଠା ଖୁଆଇ ବନ୍ଧୁତା ସୂତ୍ରରେ ବାନ୍ଧି ହେଲେ । କହିବା ବାହୁଲ୍ୟ ଯେ ଆମ ଜିଲ୍ଲାର ଶାନ୍ତିପ୍ରିୟ ଓ ସରଳ ଆଦିବାସୀ ଭାଇମାନେ ଖୁବ୍ ଜଟିଳ ଘଟଣାକୁ ଅତି ସହଜରେ ନେଇଥାନ୍ତି । ଆଉ ଆବଶ୍ୟକ ସ୍ଥଳେ ଅତି ସହଜ ଘଟଣାକୁ ଜଟିଳ ଭାବେ ମଧ୍ୟ ଗ୍ରହଣ କରିଥାନ୍ତି । ଫଳସ୍ୱରୂପ ସମୟୋଚିତ ପଦକ୍ଷେପ ନନେଲେ ଭବିଷ୍ୟତରେ ସାମାନ୍ୟ ଘଟଣା ମଧ୍ୟ ଭୟଙ୍କର ଆଇନ୍ ପରିସ୍ଥିତି ଉପୁଜାଇଥାଏ । ଏହି ଘଟଣାକୁ ନଜର ଅନ୍ଦାଜ ନକରି ବିଶ୍ୱ ମାନବାଧିକାର ଆୟୁକ୍ତ କେନ୍ଦୁଝରର ସଭାପତି ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ, ମହିଳା ସଭାପତି ହେନା ସାହୁ, ଜିଲ୍ଲାର ବରିଷ୍ଠ ଆଇନଜୀବୀ ଚତୁର୍ଭୁଜ ହୋତା, ସମ୍ପାଦକ ସୟ କୁମାର ପଣ୍ଡା ଓ କାର୍ଯ୍ୟାଳୟର ସମନ୍ୱୟ ଅଧିକାରୀ ବିରଞ୍ଚି ନାରାୟଣ ମହାନ୍ତି ପ୍ରମୁଖଙ୍କ ସହଯୋଗରେ ଉକ୍ତ ଘଟଣାର ସମାଧାନ ହୋଇଥିବା ଯୋଗୁଁ କଣ୍ଡରାପଶି ଗ୍ରାମବାସୀ ବିଶ୍ୱ ମାନବାଧିକାର ଆୟୁକ୍ତଙ୍କୁ ଧନ୍ୟବାଦ ଦେଇଛନ୍ତି ।

## ସାମ୍ବାଦିକମାନଙ୍କ ବେଆଇନ ଗିରଫଦାରୀକୁ ନିନ୍ଦାକଲା ରାଷ୍ଟ୍ରୀୟ ମଧ୍ୟବିତ୍ତ ପରିବାର ମହାସଂଘ

ଭୁବନେଶ୍ୱର (ପିଏନ୍): ମାଲକାନଗିରିରେ ଅର୍ଗସ ପ୍ରତିନିଧିଙ୍କ ସହ ୪ଜଣ ସାମ୍ବାଦିକଙ୍କୁ ଗିରଫ ଘଟଣାରେ ରାଜ୍ୟବ୍ୟାପୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସାମ୍ବାଦିକଙ୍କ ଉପରେ ପୋଲିସ୍‌ର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନକୁ ନିନ୍ଦା କରିଛି ରାଷ୍ଟ୍ରୀୟ ମଧ୍ୟବିତ୍ତ ପରିବାର ମହାସଂଘ। ଯେଉଁ ସାମ୍ବାଦିକ ଗିରଫ ହୋଇଛନ୍ତି, ସେମାନେ ନକ୍ସଲ ନୁହଁନ୍ତି। ସେମାନଙ୍କୁ ଥାନାକୁ ଡ଼ାକି ଆଲୋଚନା କରିପାରିଥା'ନ୍ତେ। ପୋଲିସ୍ ମାଓବାଦୀ ଭଳି ରାତିଅଧରେ ଗିରଫ କରିବା ନିନ୍ଦନୀୟ। ରାତି ଅଧରେ ଫୋର୍ସ ଲଗାଇ ବଳପୂର୍ବକ ଗିରଫ କରିଛି ପୋଲିସ୍। ସାମ୍ବାଦିକଙ୍କ ସୁରକ୍ଷା ପାଇଁ ସାମ୍ବାଦିକ ସୁରକ୍ଷା ଆଇନ ଆଣିବାକୁ ଦାବି କରିଛି ମହାସଂଘ। ପୋଲିସ୍ ଉପରେ ପଡ଼ି ସାମ୍ବାଦିକଙ୍କୁ ଗିରଫ କରି ଫରୱାର୍ଡ଼ କରିଛି। ସେଥିପାଇଁ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦରକାର ବୋଲି ରାଷ୍ଟ୍ରୀୟ ମଧ୍ୟବିତ୍ତ ପରିବାର ମହାସଂଘର ସଂଗଠନ ସମ୍ପାଦକ କେ. ବାଲାରାଜୁ ଆଚାରୀ ଏକ ପ୍ରେସ୍ ବିବୃତ୍ତି ମାଧ୍ୟମରେ ଦାବି କରିଛନ୍ତି।

## ଶିରିଡ଼ି ସାଇ ବୁଲିବାକୁ ଯାଇ ବୃଦ୍ଧବ୍ୟକ୍ତିଙ୍କ ପତ୍ତା ମିଳୁ ନ ଥିବା ଅଭିଯୋଗ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡ଼ା ସହରର ଚାଟରାପାଟଣା ଗ୍ରାମର ଜନୈକ ବୃଦ୍ଧବ୍ୟକ୍ତି ଶିରିଡ଼ି ସାଇ ବୁଲିବାକୁ ଯାଇଥିବା ବେଳେ ତାଙ୍କର କୌଣସି ପତ୍ତା ମିଳୁନଥିବା ଅଭିଯୋଗ ହୋଇଛି । ସେହି ବ୍ୟକ୍ତି ହେଉଛନ୍ତି ମଧୁସୂଦନ ରାଉତ(୬୦)। ଗତ ବୁଧବାର ସନ୍ଧ୍ୟାରେ ସେ ପରିବାର ସହ ମୋବାଇଲରେ କଥା ହୋଇଥିଲେ। ସେ ପରିବାର ଲୋକଙ୍କୁ କହିଥିଲେ ଯେ ଏକ ପଙ୍କୁଆ ଜାଗାରେ ସେ ଫସି ଯାଇଛନ୍ତି। ତାଙ୍କୁ ଉଦ୍ଧାର କରିବା ପାଇଁ ଆଖପାଖରେ କେହି ନାହାଁନ୍ତି। ଏହା ଜାଣିବା ପରେ ପରିବାର ଲୋକେ ବିବ୍ରତ ହୋଇ ପଡିଥିଲେ। ପରିବାର ଲୋକେ କହିଛନ୍ତି ଯେ ଗତ ୨୧ ତାରିଖରେ କେତେକ ସାଇ ଭକ୍ତଙ୍କ ସହ ମଧୁସୁଦନ ଶିରିଡି ଯାଇଥିଲେ। ଏହାପର ଠାରୁ ତାଙ୍କର ପରିବାର ଲୋକଙ୍କ ସହ କୌଣସି ଯୋଗାଯୋଗ ହୋଇନଥିବା ସୂଚନା ମିଳିଛି। ଏକ ବ୍ୟବସାୟିକ ସଂସ୍ଥା ଲୋକମାନଙ୍କୁ ନେଇ ଶିରିଡି ବୁଲାଇବାକୁ ଯାଇଥିଲା। ତେଣୁ ଲୋକମାନେ କିପରି ସୁରକ୍ଷିତ ରହିବେ ସେ ଦାୟିତ୍ୱ ହେଉଛି ସଂପୃକ୍ତ ସଂସ୍ଥାର। ତେଣୁ ସଂପୃକ୍ତ ସଂସ୍ଥା କିପରି ଜାଣି ପାରିଲା ନାହିଁ ଯେ ମଧୁସୂଦନ ତାଙ୍କ ରୁମରୁ ବାହାରି କେଉଁଆଡେ ପଳାଇଲେ। ଏପର୍ଯ୍ୟନ୍ତ ସଂପୃକ୍ତ ସଂସ୍ଥା ମଧୁସୂଦନଙ୍କୁ ଉଦ୍ଧାର କରିବାରେ ସକ୍ଷମ ହୋଇନଥିବା ପରିବାର ପକ୍ଷରୁ ସୂଚନା ଦିଆଯାଇଛି। ସଂପୃକ୍ତ ବୃଦ୍ଧ ମଧୁସୁଦନଙ୍କୁ ଉଦ୍ଧାର କରିବା ପାଇଁ ପରିବାର ପକ୍ଷରୁ ଟାଉନ୍ ଥାନାରେ ଅଭିଯୋଗ କରାଯାଇଛି। ସେହିପରି ଏହି ଘଟଣା ପ୍ରଚାରିତ ହେବା ପରେ ରାଜ୍ୟ ଖଦୀ ବୋର୍ଡର ପୂର୍ବତନ ଅଧ୍ୟକ୍ଷ ତେଜେଶ୍ୱର ପରିଡ଼ା ମଧ୍ୟ ଆରକ୍ଷୀ ଅଧୀକ୍ଷକଙ୍କୁ ତୁରନ୍ତ ପଦକ୍ଷେପ ପାଇଁ ନିବେଦନ କରିଛନ୍ତି।

# ଜଳନ୍ଧର ଶକ୍ତିପୀଠ, ପଞ୍ଜାବ

ଜଳନ୍ଧର ଶକ୍ତିପୀଠ ବା 'ତ୍ରିପୁରମାଳିନୀ' ମନ୍ଦିର ହିନ୍ଦୁମାନଙ୍କ ପାଇଁ ଏକ ପ୍ରମୁଖ ଧାର୍ମିକ ସ୍ଥାନ ଭାବେ ପରିଚିତ। ଏହି ଶକ୍ତିପୀଠ ଦେବୀ "ତାଲାବ" ମନ୍ଦିର ପାଇଁ ଜଣାଶୁଣା। ଏହି ମନ୍ଦିର ଭାରତର ପଞ୍ଜାବ ରାଜ୍ୟ ଅନ୍ତର୍ଗତ ଜଳନ୍ଧରଠାରେ ଅବସ୍ଥିତ। ଏହି ମନ୍ଦିର ବହୁ ବର୍ଷର ପୁରୁଣା ବୋଲି କୁହାଯାଏ। ଏହି ମନ୍ଦିର ପାଖରେ ଥିବା ଏକ ପୋଖରୀକୁ ଅତି ପବିତ୍ର ବୋଲି ଗ୍ରହଣ କାରାଯାଏ।

ଦେବୀ ଭାଗବତ ପୁରାଣରେ ୧୦୮, କାଳିକା ପୁରାଣରେ ୨୬, ଶିବଚରିତରେ ୫୧, ଦୁର୍ଗାଶପ୍ତସତୀ ଏବଂ ତନ୍ତ୍ର ଚୂଡ଼ାମଣିରେ ଭାରତୀୟ ଉପମହାଦେଶରେ ଥିବା ଶକ୍ତିପୀଠ ଗୁଡ଼ିକର ସଂଖ୍ୟା ୫୨ ବୋଲି କୁହାଯାଇଛି। ମାତ୍ର ଶକ୍ତିପୀଠ ସଂଖ୍ୟା ୫୧ଟି ବୋଲି କେତେକ ମତ ଦିଅନ୍ତି। ତେବେ ତନ୍ତ୍ର ଚୂଡ଼ାମଣିରେ ୫୨ଟି ଶକ୍ତିପୀଠ ସଂପର୍କରେ କୁହାଯାଇଛି। ତେବେ ମାତା ସତୀଙ୍କ ୫୧ଟି ଶକ୍ତିପୀଠମାନଙ୍କ ମଧ୍ୟରେ "ଜଳନ୍ଧର ଶକ୍ତିପୀଠ" ବା ତାଲାବ ମନ୍ଦିର ଅନ୍ୟତମ। ଏହି ଶକ୍ତିପୀଠ ହିନ୍ଦୁମାନଙ୍କର ପ୍ରମୁଖ ଧାର୍ମିକ ସ୍ଥଳ ଭାବେ ବେଶ୍ ପରିଚିତ। ଏହି ଶକ୍ତିପୀଠ ସାରା ଭାରତରେ ବିଖ୍ୟାତ।







ହିନ୍ଦୁ ପୁରାଣ ଶାସ୍ତ୍ର ଅନୁଯାୟୀ ବ୍ରହ୍ମାଣ୍ଡ ସଂରଚନା ପାଇଁ ଭଗବାନ ବ୍ରହ୍ମା, ଭଗବାନ ମହାଦେବ ଓ ଭଗବାନ ବିଷ୍ଣୁ ତାଙ୍କର ତଥାକଥିତ ମାତା ଆଦିଶକ୍ତିଙ୍କୁ ସନ୍ତୁଷ୍ଟି ପାଇଁ ଏକ ଯଜ୍ଞର ଆୟୋଜନ କଲେ। ମା'ଶକ୍ତି ମଧ୍ୟ ଏଥିରେ ବ୍ରହ୍ମାଙ୍କୁ ସହଯୋଗ ଦେଲେ। ତେବେ ବ୍ରହ୍ମାଙ୍କ ପୁତ୍ର ଦକ୍ଷରାଜ ପିତାଙ୍କ ନିର୍ଦ୍ଦେଶରେ ମା' ଶକ୍ତିଙ୍କୁ ନିଜର ଝିଅ ରୂପରେ ପାଇବାକୁ ବିଭିନ୍ନ ଯଜ୍ଞ ଆଦି ଉପାସନା କଲେ। ଶେଷରେ ମା'ଶକ୍ତି ମାନବ ରୂପରେ ଜନ୍ମ ନେଲେ। ଏହାପଛରେ ବ୍ରହ୍ମାଙ୍କର ଉଦ୍ଦେଶ୍ୟ ଥିଲା ଯେ, ଭଗବାନ ଶିବଙ୍କ ସହ ଶକ୍ତିଙ୍କର ମିଶ୍ରଣ କରାଇ ସୃଷ୍ଟି ସଂରଚନା କରିବା ପାଇଁ। ସେଥିପାଇଁ ସେ ତାଙ୍କର ନାମକରଣ କରିଥିଲେ ସତୀ। ମାତ୍ର କୌଣସିପ୍ରକାର ମାତା ସତୀଙ୍କୁ ଶିବ ବିବାହ କରି କୈଳାଶ ପର୍ବତ ନେଇଗଲେ। ଏହା ଜାଣିପାରି ଦକ୍ଷଙ୍କ ରାଗ ଚରମସୀମାରେ ପହଂଚିଗଲା। ଶିବଙ୍କୁ ସବୁ ଦେବୀ ଦେବତାଙ୍କ ସାମ୍ନାରେ ଅପମାନିତ କରିବା ପାଇଁ ଦକ୍ଷ ମୁନିମଣ୍ଡଳଠାରେ ଏକ ଯଜ୍ଞର ଆୟୋଜନ କଲେ। ଝିଅ ସତୀ ଓ ଜ୍ୱାଇଁ ଶିବଙ୍କୁ ନିମନ୍ତ୍ରଣ କଲେ ନାହିଁ। ଏଥିରେ ନିଜକୁ ଅପମାନିତ ବୋଧ କରି ସତୀ ସ୍ୱୟଂ ବାପାଙ୍କ ଯଜ୍ଞ ସ୍ଥଳରେ ପହଂଚି ଯାହା ଦେଖିଲେ ଆଖିକୁ ବିଶ୍ୱାସ କଲେ ନାହିଁ। ବାପା ଦକ୍ଷ କିଛି ଆଦର ଗଉର ନକରି ଝିଅ ଜ୍ୱାଇଁଙ୍କୁ ଅପମାନସୂଚକ ଶବ୍ଦ ସବୁ ଶୁଣାଇଲେ। ସେହିକ୍ଷଣି ବାପାଙ୍କ ଅପମାନକୁ ସହ୍ୟ କରି ନପାରି ମାତା ସତୀ ଅଗ୍ନି କୁଣ୍ଡରେ ଆତ୍ମଦାହ କଲେ। ତ୍ରିକାଳଦର୍ଶୀ ଶିବ ଏ ଖବର ଜାଣି ସେଠାରେ ପହଞ୍ଚିଲେ ଓ ଗଭୀର ଦୁଃଖରେ ସତୀଙ୍କ ମର ଶରୀର ଧରି ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ। ଏହାଦ୍ୱାରା ସାରା ବ୍ରହ୍ମାଣ୍ଡ ପ୍ରକମ୍ପିତ ହୋଇ ଉଠିଲା। ସବୁଆଡ଼େ ଚାଲିଲା ଧ୍ୱଂସଲୀଳା। ଦେବ ଦେବୀ ମାନେ ଏହାର ସମାଧାନ ବା ଭଗବାନ ଶିବଙ୍କ କ୍ରୋଧକୁ ଶାନ୍ତ କରିବା ପାଇଁ କିଛି ଉପାୟ ବାହାର କରିବାକୁ ଭଗବାନ ବ୍ରହ୍ମା ଓ ଭଗବାନ ବିଷ୍ଣୁଙ୍କୁ ଅନୁରୋଧ କଲେ। ଧ୍ୱଂସଲୀଳା ବନ୍ଦ କରି ବ୍ରହ୍ମାଣ୍ଡରେ ଶାନ୍ତି ସ୍ଥାପନ ପାଇଁ ଭଗବାନ ବ୍ରହ୍ମା ଭଗବାନ ବିଷ୍ଣୁଙ୍କୁ ଅନୁରୋଧ କଲେ। ଭଗବାନ ବିଷ୍ଣୁ ଅନୁଭବ କଲେ ଯେ, ଯେପର୍ଯ୍ୟନ୍ତ ଭଗବାନ ଶିବଙ୍କ ହସ୍ତରୁ ମାତା ସତୀଙ୍କ ମର ଶରୀର ଅଲଗା ହୋଇନାହିଁ, ସେପର୍ଯ୍ୟନ୍ତ ଭଗବାନ ଶିବ ଶାନ୍ତ ହେବେ ନାହିଁ କି ବ୍ରହ୍ମାଣ୍ଡ ଧ୍ୱଂସାଭିମୁଖିରୁ ବର୍ତ୍ତିବ ନାହିଁ। ଏଣୁ ବ୍ରହ୍ମାଣ୍ଡ ରକ୍ଷା ପାଇଁ ସଙ୍ଗେସଙ୍ଗେ ଭଗବାନ ଶିବ ଧରିଥିବା ମାତା ସତୀଙ୍କ ମରଶରୀରକୁ ଖଣ୍ଡ ବିଖଣ୍ଡିତ କରି ଆତ୍ମା ରହିତ କରିବାକୁ ଭଗବାନ ବିଷ୍ଣୁ ନିଜର ସୁଦର୍ଶନ ଚକ୍ରକୁ ଆଦେଶ ଦେଲେ।

କିଛିକ୍ଷଣ ମଧ୍ୟରେ ସୁଦର୍ଶନ ଚକ୍ର ମା'ସତୀଙ୍କ ଶରୀରକୁ ଖଣ୍ଡ ବିଖଣ୍ଡିତ କରିଦେଲା ଓ ମା'ଙ୍କ ଶରୀରର ବିଭିନ୍ନ ଅଂଶ ଭାରତୀୟ ଉପମହାଦେଶର ଅନେକ ସ୍ଥାନରେ ବିଞ୍ଚିହୋଇ ପଡ଼ିଲା। ଦୁଃଖରେ ମ୍ରିୟମାଣ ଭଗବାନ ଶିବ ସତୀଙ୍କ ବିଖଣ୍ଡିତ ଅଙ୍ଗ ଖୋଜିବା ଆରମ୍ଭ କଲେ। ଏଥିରେ ସହାୟତା କଲେ ଭଗବାନ ଭୈରବ। ସର୍ବଶେଷରେ ମାତା ସତୀଙ୍କ ଅଙ୍ଗର ମୁଖ୍ୟାଂଶ ସମେତ ସମସ୍ତ ଖଣ୍ଡକୁ ଖୋଜି ପୂଜାର୍ଚ୍ଚନା ତଥା ଖଣ୍ଡଗୁଡ଼ିକୁ ସୁରକ୍ଷା ଦେବାକୁ ଭଗବାନ ଭୈରବଙ୍କୁ ନିର୍ଦ୍ଦେଶ ଦେଲେ ଭଗବାନ ବ୍ରହ୍ମା। ସେହି ଦୁର୍ଲଭ ସ୍ଥାନଗୁଡ଼ିକୁ ଭଗବାନ ବ୍ରହ୍ମା, ଭଗବାନ ବିଷ୍ଣୁ ଓ ଭଗବାନ ଶିବ ମିଶି ଶକ୍ତିପୀଠର ମାନ୍ୟତା ଦେଲେ।

"ଜଳନ୍ଧର ଶକ୍ତିପୀଠ"ରେ ମାତା ସତୀଙ୍କର 'ବାମସ୍ତନ' ଖଣ୍ଡ ପଡ଼ିଥିଲା। ଏଠାରେ ମାତା ଶକ୍ତିଙ୍କୁ 'ତ୍ରିପୁରମାଳିନୀ' ରୂପରେ ପୂଜା କରାଯାଉ ଥିବାବେଳେ ଭଗବାନ ଶିବ 'ଭୈରବ'(ଯିଏ ଭଗବାନ ଶିବଙ୍କର ଅନ୍ୟ ଏକ ରୂପ)ଙ୍କୁ "ଭୀଷଣ" ରୂପରେ ପୂଜା କରାଯାଇଥାଏଏ।

ଏହି ଶକ୍ତିପୀଠରେ ବର୍ଷସାରା ବିଭିନ୍ନ ପର୍ବପର୍ବାଣୀ ଧୂମଧାମ୍‌ରେ ପାଳିତ ହୋଇଥାଏ। ବିଶେଷତଃ ଦୁର୍ଗା ପୂଜା ଓ ପବିତ୍ର ନବରାତ୍ର ଉତ୍ସବ ଏଠାରେ ଧୂମଧାମରେ ପାଳନ କରାଯାଏ। ମନ୍ଦିରର ଆଧ୍ୟାତ୍ମିକ ପରିବେଶ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ମନ, ପ୍ରାଣ ଓ ହୃଦୟକୁ ଶାନ୍ତି ପ୍ରଦାନ କରିଥାଏ। ବର୍ଷର ସବୁ ସମୟରେ ମାତାଙ୍କର ଏହି ଶକ୍ତିପୀଠରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଗହଳି ଲାଗି ରହିଥାଏ। ଦେବୀଙ୍କର ମନ୍ଦିରର ଅପରୂପ ଶୋଭା ଦେଖିବା ଭଳି ହୋଇଥାଏ। ଏଥିପାଇଁ ଲକ୍ଷ ଲକ୍ଷ ଭକ୍ତ ଓ ଶ୍ରଦ୍ଧାଳୁ ମୁଖ୍ୟତଃ ମାତାଙ୍କୁ ପୂଜା କରିବାକୁ ଏଠାକୁ ଆସିଥାନ୍ତି। ଏଠାକାର ପୂଜାବିଧିର ପ୍ରତ୍ୟେକ କାର୍ଯ୍ୟକ୍ରମ ଖୁବ୍ ଆନନ୍ଦଦାୟକ ଓ ମନୋରମ।





**କେମିତି ଯିବେ:-**(୧) ନିକଟସ୍ଥ ରେଳଷ୍ଟେଷନ୍‌ଠାରୁ ମାତ୍ର ୨.୫ କିମି ଦୂରରେ "ଜଳନ୍ଧର ଶକ୍ତିପୀଠ" ଅବସ୍ଥିତ।

(୨) ନିକଟସ୍ଥ ଚଣ୍ଡିଗଡ଼ ଅନ୍ତର୍ଜାତୀୟ ବିମାନ ବନ୍ଦରଠାରୁ ମାତ୍ର ୧୮୩ କିମି ଦୂରରେ "ଜଳନ୍ଧର ଶକ୍ତିପୀଠ" ଅବସ୍ଥିତ।

ପ୍ରତିଦିନ ସକାଳ ୬ଟାରୁ ମନ୍ଦିର ଖୋଲାଯାଏ ଓ ରାତି ୯ଟାରେ ବନ୍ଦ ହୁଏ।

# ରାସନକାର୍ଡ ହିତାଧିକାରୀଙ୍କୁ କୋଭିଡ ସହାୟତା ମଧ୍ୟବିତ୍ତଙ୍କୁ ଅଣଦେଖା ଅଭିଯୋଗ



କେନ୍ଦ୍ରାପଡ଼ା (ପିଏନ୍): ରାସନକାର୍ଡଧାରୀଙ୍କ ପାଇଁ ରାଜ୍ୟ ସରକାରଙ୍କ ବଡ ଘୋଷଣା ପରେ ରାସନକାର୍ଡ ନଥିବା ମଧ୍ୟବିତ୍ତବର୍ଗଙ୍କୁ ସରକାର ଅଣଦେଖା କରୁଥିବା ମହାସଙ୍ଘ ଅଭିଯୋଗ କରିଛି। ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ରାଷ୍ଟ୍ରୀୟ ମଧ୍ୟବିତ୍ତ ପରିବାର ମହାସଙ୍ଘ କେନ୍ଦ୍ରାପଡା ଜିଲ୍ଲା କମିଟି ପକ୍ଷରୁ ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ପଞ୍ଚାୟତ ନିର୍ବାଚନ ପୂର୍ବରୁ ରାସନକାର୍ଡଧାରୀମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ କୋଭିଡ ସହାୟତା ବାବଦ ଅର୍ଥ ଏକ ହଜାର ଟଙ୍କା ସିଧାସଳଖ ଯିବ। ଏ ବାବଦରେ ରାଜ୍ୟ ସରକାରଙ୍କ ୩୫୦କୋଟି ଟଙ୍କା ବ୍ୟୟ ହେବ। ଜତୀୟ ଖାଦ୍ୟ ସୁରକ୍ଷା ଆଇନ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଜରିଆରେ ଏହି ସହାୟତା ରାଶି ଯୋଗାଇ ଦିଆଯିବ। କିନ୍ତୁ କୋଭିଡ ସମୟରେ ନିଜର ଜୀବନ ଜୀବିକା ହରାଇଥିବା ମଧ୍ୟବିତ୍ତ ଶ୍ରେଣୀର ଲୋକ ଯାହାର କି ରାସନ କାର୍ଡ ନାହିଁ ସେମାନେ କଣ ସରକାରଙ୍କ ସାବତ ପୁଅ ବୋଲି ମହାସଙ୍ଘ ପ୍ରଶ୍ନ କରିଛି। କୋଭିଡ ଯୋଗୁଁ ଲୋକଙ୍କ ଆର୍ଥିକ ସ୍ଥିତି ଦୋହଲି ଯାଇଥିବାରୁ ରାଜ୍ୟରେ ଲକ୍ଷ ଲକ୍ଷ ମଧ୍ୟବିତ୍ତ ଶ୍ରେଣୀର ଲୋକ ନିଜର ଜୀବିକା ହରାଇ ଏବେ ଦୁର୍ଦ୍ଦିନରେ ଜୀବନ କାଟୁଥିବା ବେଳେ ରାଜ୍ୟ ସରକାର ରାସନକାର୍ଡଧାରୀଙ୍କ ପାଇଁ ସହାୟତା ଘୋଷଣା ପଞ୍ଚାୟତ ନିର୍ବାଚନ ଜିତିବା ପାଇଁ ଏହା ସରକାରଙ୍କ ଏକ ନିର୍ବାଚନି ଚାଲ ବୋଲି ମହାସଙ୍ଘ ଅଭିଯୋଗ କରିଛି। କୋଭିଡ ସମୟରେ ସବୁଠୁ ବେଶୀ କ୍ଷତିଗ୍ରସ୍ତ ହୋଇଛନ୍ତି ମଧ୍ୟବିତ୍ତ ବର୍ଗ। ତେଣୁ ସେହି ବର୍ଗର ଲୋକମାନଙ୍କୁ ରାସନକାର୍ଡ ଯୋଗାଇ ଦିଆଯିବା ସହ କୋଭିଡ ସହାୟତା ପ୍ରଦାନ କରାଯିବାକୁ ମହାସଙ୍ଘ ପକ୍ଷରୁ ରାଜ୍ୟ ସଭାପତି ପ୍ରଦିପ ମିଶ୍ର, ସମ୍ପାଦକ ହରେକୃଷ୍ଣ ପାତ୍ର, ଜିଲ୍ଲା ସଭାପତି ନିରଞ୍ଜନ ପରିଡା, ବିଧୁଭୂଷଣ ମହାପାତ୍ର, ଆକାଶ ଦାସ, ଚିତ୍ତରଞ୍ଜନ ତରାଇ, ହରେକୃଷ୍ଣ ପଟ୍ଟନାୟକ, ସରୋଜ ରାଉତ ପ୍ରମୁଖ ଦାବି କରିଛନ୍ତି।

## ଆଦିତ୍ୟ ଆଲୁମିନା କାରଖାନା ହେବାପାଇଁ ବଡ଼ କସରତ ଆରମ୍ଭ

ଭୁବନେଶ୍ୱର (ପିଏନ୍): କଂସାରୀଗୁଡାଠାରେ ଆଦିତ୍ୟ ଆଲୁମିନା କାରଖାନା ନେଇଥିବା ଜମିଗୁଡ଼ିକର ମାଲିକମାନେ ରାଜଧାନୀରେ କାରଖାନା ପ୍ରତିଷ୍ଠା ପାଇଁ ବଡ଼ଧରଣର କସରତ ଆରମ୍ଭ କରିଦେଇଛନ୍ତି। ଦୀର୍ଘ ୧୭ ବର୍ଷ ହେଲା କୋରାପୁଟ ଜିଲ୍ଲାର କଂସାରୀଗୁଡାଠାରେ ଆଦିତ୍ୟ ଆଲୁମିନା ଶିଳ୍ପ ହେବାପାଇଁ କାରଖାନା ତରଫରୁ ଟିକିରିରୁ କଂସାରଗୁଡା ପର୍ଯ୍ୟନ୍ତ ସବୁ ଚାଷଜମିକୁ ସରଳ, ନିରୀହ ଗ୍ରାମବାସୀଙ୍କଠାରୁ ବହୁ କମ୍ ମୂଲ୍ୟରେ ଜମି ନେଇଥିଲା। ଗ୍ରାମବାସୀମାନେ ନିଜ ପିଲାଛୁଆଙ୍କ ଭବିଷ୍ୟତ କଥା ଚିନ୍ତା କରି, ଭବିଷ୍ୟତରେ କମ୍ପାନୀରେ ନିଯୁକ୍ତି ଆଶା ରଖି କମ୍ପାନୀ ପାଇଁ ଜମି ଦେଇଦେଲେ। ହେଲେ ବହୁ ବର୍ଷ ଅତିକ୍ରମ କଲାପରେ ମଧ୍ୟ ସେଠାରେ ଆଦିତ୍ୟ ଆଲୁମିନା ଶିଳ୍ପ ଆଜି ପର୍ଯ୍ୟନ୍ତ ହୋଇପାରିଲା ନାହିଁ। ଯେଉଁ ଉଦ୍ଦେଶ୍ୟ ରଖି ଗ୍ରାମବାସୀମାନେ ଜମି ଦେଇଥିଲେ, ତାହା ପୂରଣ ନ ହେବାରୁ ଗ୍ରାମବାସୀମାନେ ସେମାନଙ୍କ ଜମିରେ ତୁରନ୍ତ କାରଖାନା ହେଉ ନଚେତ୍ ସେହି ଜମିକୁ ସେମାନଙ୍କୁ ଫେରସ୍ତ ଦିଆଯାଉ ବୋଲି ଅଡି ବସିଛନ୍ତି। ଗ୍ରାମବାସୀମାନେ ବାରମ୍ବାର ସେମାନଙ୍କ ସମସ୍ୟା ଓ କମ୍ପାନୀ ପ୍ରତିଷ୍ଠା ପାଇଁ ସରକାରଙ୍କୁ ଜଣାଇ ଆସୁଥିଲେ ମଧ୍ୟ ଏପରିକି ବିଭିନ୍ନ ସମୟରେ ରାଲି, ଧାରଣା, ଆନ୍ଦୋଳନ ଓ ବିକ୍ଷୋଭ ପ୍ରଶାସନକୁ ଚେତାବନି ଦେବାପାଇଁ କରିଆସୁଥିଲେ ମଧ୍ୟ ସରକାର ଚୁପ୍ ରହିବା ସେମାନଙ୍କ ପାଇଁ ବଡ଼ କଷ୍ଟ ଦେଇଛି।

## ପାରାଚକରେ ଜୀବନବିନ୍ଦୁ ରକ୍ତଦାନ ଶିବିର



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଭରତପୁର ପଞ୍ଚାୟତର ପାରାଚକ ଗ୍ରାମରେ ଶୁକ୍ରବାର ଓଡିଶା ମୋ ପରିବାର ପକ୍ଷରୁ ଏକ ଜୀବନବିନ୍ଦୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଭରତପୁର ପଞ୍ଚାୟତ ସମିତି ସଭ୍ୟ ହେମନ୍ତ କୁମାର ବିଶ୍ୱାଳଙ୍କ ନେତୃତ୍ୱରେ ଆୟୋଜିତ ଏହି ଶିବିରକୁ କେନ୍ଦ୍ରାପଡା ବିଧାୟକ ଶଶି ଭୂଷଣ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଏହି ଶିବିରରେ ୩୭ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟିକା ଡ଼ଃ. ସିପ୍ରା ମଲ୍ଲିକ, ବ୍ଲକ ବିଜେଡି ସଭାପତି ଆଲୋକ ସାହୁ, ଓଡିଶା ମୋ ପରିବାରର ସଂଯୋଜକ କାଳି ପ୍ରସାଦ ମିଶ୍ର ଓ ହିରଣ୍ୟ ପଣ୍ଡା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରଦୀପ୍ତ ମହାନ୍ତି, ତ୍ରୈଲୋକ୍ୟ ମହାନ୍ତି, ଶରତ ସାମଲ ପ୍ରମୁଖ ଯୋଗଦେଇଥିଲେ। ଏହି ଶିବିରକୁ ଯୁବ ସମାଜସେବୀ ଦେବବ୍ରତ ମଲ୍ଲ, ଚନ୍ଦନ ରାଉତରାୟ, ସନ୍ତୋଷ ଦାସ, ପ୍ରଭାତ ମହାନ୍ତି, ଗଗନ ମଲିକ, ସର୍ବେଶ୍ୱର ପାତ୍ର, ବରଦା ବିଶ୍ୱାଳ, ସୁଚିସ୍ମିତା ଜେନା ପ୍ରମୁଖ ପରିଚାଳନା କରିଥିଲେ।

## ସାଂସଦଙ୍କ ଜନ୍ମଦିନରେ ଜିଲ୍ଲା ସଂଖ୍ୟାଲଘୁ ବିକାଶ କମିଟି ପକ୍ଷରୁ ରୋଗୀଙ୍କୁ ଫଳ ବଣ୍ଟନ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ସାଂସଦ ଅନୁଭବ ମହାନ୍ତିଙ୍କ ୪୧ତମ ଜନ୍ମଦିନ ପାଳନ ଅବସରରେ କେନ୍ଦ୍ରାପଡା ଜିଲ୍ଲା ସଂଖ୍ୟାଲଘୁ ବିକାଶ କମିଟି ପକ୍ଷରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଛି। କମିଟି ସଭାପତି ଅବଦୁଲ ମଜିଦଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସୟଦ ଅକମଲ ଅଲ୍ଲୀ, ମହମ୍ମଦ ଅମୀର, ସେକ ଅହମଦ, ସେକ ଯାହିଦ, ଅଭୟ ତରାଇ ପ୍ରମୁଖ ଡାକ୍ତରଖାନାରେ ରୋଗୀମାନଙ୍କୁ ଫଳ ବଣ୍ଟନ କରିଥିଲେ। ବିକାଶ କମିଟି ପକ୍ଷରୁ ସଭାପତି ଅବଦୁଲ ମଜିଦ କହିଛନ୍ତି ଯେ ସାଂସଦ ଶ୍ରୀ ମହାନ୍ତି ସଂଖ୍ୟାଲଘୁ ସଂପ୍ରଦାୟର ବିକାଶ ଓ କେନ୍ଦ୍ରାପଡାର ଭିତ୍ତିଭୂମୀର ବିକାଶ ପାଇଁ ସର୍ବଦା ପ୍ରୟାସ ଜାରି ରଖିଛନ୍ତି। ତେଣୁ କମିଟି ପକ୍ଷରୁ ସାଂସଦ ଶ୍ରୀ ମହାନ୍ତିଙ୍କ ଜନ୍ମଦିନ ଏକ ଭିନ୍ନ ଢଙ୍ଗରେ ପାଳନ କରାଯିବା ସହ ତାଙ୍କ ସୁସ୍ଥ ଓ ନିରାମୟ ଜୀବନ କାମନା କରାଯାଇ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଛି।

## ପଳସିଂହା ପଞ୍ଚାୟତରେ ପଞ୍ଚାୟତ ଭବନ ଉଦ୍‌ଘାଟିତ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ପଳସିଂହା ପଞ୍ଚାୟତରେ ଗ୍ରାମପଞ୍ଚାୟତ ଭବନ ଉଦଘାଟିତ ହୋଇଯାଇଛି। ଏହି ଅବସରରେ ସରପଞ୍ଚ କାଦମ୍ବିନୀ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ନବନିର୍ମିତ ଗ୍ରାମପଞ୍ଚାୟତ ଭବନକୁ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନାଏବ ସରପଞ୍ଚ ବିପିନ କୁମାର ପରିଡା, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ ନିତ୍ୟାନନ୍ଦ ବିଶ୍ୱାଳ ପ୍ରମୁଖ ଯୋଗଦେଇ ପଞ୍ଚାୟତ ଭବନକୁ ଉଦଘାଟନ କରିବା ସହ ପଞ୍ଚାୟତର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଜାରି ରହିଥିବା ମତବ୍ୟକ୍ତ କରିଥିଲେ। ଏହି ଅବସରରେ ପଞ୍ଚାୟତର ବରିଷ୍ଠ ନାଗରିକ ଭଗବାନ ଜେନା, ଶରତ ଚନ୍ଦ୍ର ଭଳ, ଧ୍ରୁବ ଚରଣ ଦାସ, ଗୟାଧର ବରାଳ, ଅବଧୂତ ମଳିକ, ଗଗନ ମଳିକ, ନିତ୍ୟାନନ୍ଦ ରାଉଳ, ବିଷ୍ଣୁଚରଣ ଦାସ ପ୍ରମୁଖଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ପଦ୍ମନାଭ ଦାସ ଓ ଯୁବନେତା ଅଜିତ କୁମାର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜ୍ଞାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪




**ଭୁବନେଶ୍ୱର, ୨୦୨୪, ଅପ୍ରେଲ ୨୮**

# ଡିହାଇଡ୍ରେସନ୍


ଡାକ୍ତର ସୁଶୀଲ କୁମାର ମିଶ୍ର

ଦିନକୁ ଦିନ ଖରାର ତାତି ବଢ଼ିଲାଣି । ଦିନ ନଅଟା ପରେ ବାହାରକୁ ବାହାରିବା ମୁସ୍କିଲ ହୋଇପଡ଼ିଲାଣି । ଅଂଶୁଘାତ ସମସ୍ୟା ମଧ ଦେଖାଦେଲାଣି । ମଣିଷ ଶରୀରର ୭୫ ଭାଗ ଜଳ ଆଧାରିତ, ଯାହା କି ଶରୀରର ବିଭିନ୍ନ କୋଷକୁ ଆଚ୍ଛାଦିତ କରିଥାଏ । ଅବଶିଷ୍ଟ ରହିଥାଏ ରକ୍ତକଣିକାରେ । ଶରୀରରୁ ଜଳ କମିଗଲେ ମଣିଷ ଜୀବନ ସଙ୍କଟରେ ପଡ଼ିଯାଏ । ଏହାକୁ ଡାକ୍ତରୀ ଭାଷାରେ କୁହାଯାଏ 'ଡିହାଇଡ୍ରେସନ୍' । ଆମ ଶରୀରରୁ ନିୟମିତ ଭାବେ ଜଳ କ୍ଷୟହୁଏ ଝାଳ, ପରିସ୍ରା ଭଳି କେତେକ ଉପାୟରେ; କିନ୍ତୁ 'ଆଣ୍ଟି-ଡ୍ୟୁରେଟିକ୍ ହରମୋନ୍' ବା ଏଏଚ୍‌ଡ଼ି ବୃକକ୍ ମାଧ୍ୟମରେ ଏହି ଜଳକ୍ଷୟକୁ ନିୟନ୍ତ୍ରିତ କରିଥାଏ ଓ ଶରୀର ପାଇଁ ଜଳ ସଂରକ୍ଷଣ କରିଥାଏ । ଏଥିରେ ବ୍ୟାଘାତ ସୃଷ୍ଟି ହେଲେ ବିପଦ ନିଶ୍ଚିତ । ତେବେ ଡିହାଇଡ୍ରେସନ୍ ଆଜିକାଲି ଏକ ବଡ଼ ସମସ୍ୟା ଭାବେ ଜଣାଶୁଣା ହେଲାଣି । ଯଥେଷ୍ଟ ପାଣି ନପିଇବା ଦ୍ୱାରା ସାଧାରଣତଃ ଏହି ସମସ୍ୟା ଉପୁଜିଥାଏ । ଡିହାଇଡ୍ରେସନ୍‌ର ଅନ୍ୟନାମ ଝାଡ଼ା-ବାନ୍ତି ବା ଡାଏରିଆ । ଏହି କାରଣରୁ ଭାରତରେ ପ୍ରତିବର୍ଷ ପ୍ରାୟ ୪ ମିଲିୟନ୍ ଶିଶୁଙ୍କ ମୃତ୍ୟୁ ହୋଇଥାଏ । ଶରୀରରୁ ଜଳୀୟ ଅଂଶ ଉଦ୍‌ବେଗଜନକ ଭାବେ ହ୍ରାସ ପାଇବା ହିଁ ଡିହାଇଡ୍ରେସନ୍ ବା ଡାଏରିଆର ପ୍ରମୁଖ କାରଣ । ଝାଡ଼ା ସହିତ ବାନ୍ତି ହେଲେ ରୋଗୀ ଗୁରୁତର ହୋଇପଡ଼େ; କାରଣ ଏହାଦ୍ୱାରା ଶରୀରରେ ଜଳର ଅଭାବକୁ ଭରଣା କରିବା କଷ୍ଟକର ହୋଇଥାଏ । ଗରମ ପରିବେଶ, ଅଧିକ ପରିଶ୍ରମ, ଦେହର ଉତ୍ତାପ ବୃଦ୍ଧି ଇତ୍ୟାଦି କାରଣରୁ ଅଧିକ ଝାଳ ବାହାରିବା ଦ୍ୱାରା ଶରୀରରୁ ଜଳୀୟ ଅଂଶ ହ୍ରାସ ପାଇଥାଏ । କୌଣସି ସଂକ୍ରମଣ କାରଣରୁ ମଧ ଶରୀର ଶୁଷ୍କ ହୋଇଯାଏ । ବହୁମୂତ୍ର ରୋଗୀ ଡିହାଇଡ୍ରେସନ୍‌ର ଶିକାର ହେବା ଆଶଙ୍କା ଅଧିକ ରହିଥାଏ । ସେମାନଙ୍କ ରକ୍ତରୁ ଶର୍କରା ଅଂଶ ହ୍ରାସ ପାଇବା ହିଁ ଏହାର କାରଣ । ପୋଡ଼ାରୋଗୀ ମଧ ଡିହାଇଡ୍ରେସନ୍ ଭୋଗି ପାରନ୍ତି; ଯେହେତୁ ସେମାନଙ୍କ ଚର୍ମ ଜଳ ଶୋଷିନିଏ । ଏହାଛଡ଼ା ସଂକ୍ରମଣ କାରଣରୁ ମଧ ଜଳୀୟ ଅଂଶ ହ୍ରାସ ପାଇବାର ଆଶଙ୍କା ଥାଏ ।

ଡିହାଇଡ୍ରେସନରେ ସବୁଠୁ ବଡ଼ ବିପଦ ହେଉଛି ବୃକକ୍ ଅକାମୀ ହୋଇଯିବା । ଡିହାଇଡ୍ରେସନ୍ ଯେତିକି ବୃଦ୍ଧି ପାଏ ସେହି ପରିମାଣରେ କୋଷ ଓ ରକ୍ତକଣିକାଗୁଡ଼ିକୁ ଶୁଷ୍କ କରିଦିଏ । ରକ୍ତଚାପ ଗୁରୁତର ଭାବେ ହ୍ରାସପାଏ ଏବଂ ଏହାଦ୍ୱାରା କେତେକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଅକାମୀ ହୋଇଯାଏ । ଏମିତିକି ରୋଗୀ କୋମାରେ ପଡ଼ିଯିବାର ଆଶଙ୍କା ରହିଥାଏ । କାରଣ ରକ୍ତଚାପ ହ୍ରାସ ପ୍ରତ୍ୟକ୍ଷ ଭାବେ ମସ୍ତିଷ୍କକୁ ପ୍ରଭାବିତ କରେ । ପରିସ୍ଥିତି ଗୁରୁତର ହେଲେ ମୃତ୍ୟୁ ଅବଶ୍ୟମ୍ଭାବୀ ହୋଇପଡ଼େ । ବେଳେବେଳେ ଜଳୀୟ ଅଂଶ କ୍ଷୟର ଭରଣା କରାଯାଇନପାରିଲେ ମସ୍ତିଷ୍କ ଆଘାତ ଭଳି ଅବସ୍ଥା ଉପୁଜେ । ଶରୀରକୁ ଯଥେଷ୍ଟ ଅମ୍ଳଜାନ ମିଳେନାହିଁ । ରକ୍ତଚାପ ହ୍ରାସ ସହିତ ଏଭଳି ସମସ୍ୟା ରୋଗୀକୁ ମୃତ୍ୟୁମୁଖକୁ ଠେଲିଦିଏ । ଅତ୍ୟଧିକ ଗରମ କାରଣରୁ ଯଦି ଡିହାଇଡ୍ରେସନ୍ ହୋଇଥାଏ ତେବେ ଅଧିକ ଝାଳବୋହି ଶରୀରକୁ ଶୀତଳ କରିବାକୁ ଚେଷ୍ଟାକରେ । ଏହା ଯଥେଷ୍ଟ ନହେଲେ ବା ଆବଶ୍ୟକ ମେଣ୍ଟାଇ ନପାରିଲେ ମାଂସପେଶୀ ଗୁଡ଼ିକ ସଂକୁଚିତ ହୋଇଯାଏ । ଯାହାକି ସୁଧୁରିବା କଷ୍ଟକର । ଡିହାଇଡ୍ରେସନ୍‌ର ଚିକିତ୍ସା ପାଇଁ ସର୍ବୋତ୍କୃଷ୍ଟ ଉପାୟ ହେଉଛି ଶରୀରକୁ ଯଥେଷ୍ଟ ଜଳ ଯୋଗାଇଦେବା ଓ ଜଳୀୟ ଅଂଶ ବୃଦ୍ଧି କରିବା ପ୍ରଥମେ ରୋଗୀକୁ ଯଥେଷ୍ଟ ପରିମାଣରେ ପାଣି ପିଆଇବା ଉଚିତ । 'ଇଲେକ୍ଟ୍ରୋଲାଇଟ୍' ଆଧାରିତ ପାଣି ପିଆଇବା ଦ୍ୱାରା ଯଥେଷ୍ଟ ଉପକାର ମିଳିଥାଏ । ଏହାଛଡ଼ା ପପ୍‌ସିକ୍ଲ, ଜେଲ- ଓ ଭଳି କେତେକ ଜଳୀୟଅଂଶ ବୃଦ୍ଧିକାରୀ ତରଳ ପଦାର୍ଥ ରୋଗୀକୁ ବାରମ୍ବାର ପିଆଇବା ଉଚିତ । ଏଥିରେ ସଫଳତା ନମିଳିଲେ ସାଲାଇନ୍ ଯୋଗେ ସିଧା ଧମନୀରେ ଜଳୀୟ ଅଂଶ ଭରଣା କରାଯାଏ । ପରିସ୍ରା ଠିକ୍ ହେବା ପର୍ଯ୍ୟନ୍ତ ଏ ବ୍ୟବସ୍ଥା ଜାରୀ ରଖାଯାଏ । ଶରୀର ଶୁଷ୍କ ହୋଇଯାଇଥିବାରୁ ବୃକକ୍‌ର କାର୍ଯ୍ୟକାରିତା ପ୍ରାୟ ବନ୍ଦ ରହିଥାଏ । ଔଷଧ ବା ଇଞ୍ଜେକସନ୍ ଦ୍ୱାରା ଏହାକୁ ସଚଳ କରିବାକୁ ହୁଏ । ଏହାଛଡ଼ା ବାନ୍ତି, ଝାଡ଼ା ତଥା ଜ୍ୱରକୁ ନିୟନ୍ତ୍ରଣ କରିବା ସର୍ବାଦୌ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ । ଡିହାଇଡ୍ରେସନ୍ ଏମିତି ଏକ ସମସ୍ୟା ବା ରୋଗ ଯେ ଏହାର ଚିକିତ୍ସା ଅପେକ୍ଷା ଏଥିପ୍ରତି ସତର୍କତା ଓ ପ୍ରତିଷେଧକ ଅଧିକ ଗୁରୁତ୍ୱପୂର୍ଣ୍ଣ । ତେଣୁ ପ୍ରତିଦିନ ଯଥେଷ୍ଟ ପରିମାଣରେ ପାଣି ପିଇବା ଉଚିତ । ଖରାଦିନେ ଏହି ପରିମାଣ ବୃଦ୍ଧି କରିବା ଉଚିତ । ଗାଢ଼ରଙ୍ଗର ପୋଷାକ ପିନ୍ଧିବା ଅନୁଚିତ । ଏହାଛଡ଼ା ଚିପା ପୋଷାକ ପରିବର୍ତ୍ତେ ଢ଼ିଲା ପୋଷାକ ପିନ୍ଧିବା ଉଚିତ । କାଫିନ୍‌ଯୁକ୍ତ ତଥା ନିଶାଯୁକ୍ତ ପାନୀୟ ସର୍ବାଦୌ ବର୍ଜନୀୟ । ଅଧିକ ସୂର୍ଯ୍ୟତାପରୁ ନିଜକୁ ଦୂରେଇ ରଖନ୍ତୁ, ଶୀତଳ ଓ ଛାଇ ଜାଗାରେ ଚଳପ୍ରଚଳନ ହୁଅନ୍ତୁ । ଖେଳାଖେଳି ଓ ବ୍ୟାୟାମ କରୁଥିବା ବ୍ୟକ୍ତି ଏହା ପୂର୍ବରୁ ମଝିରେ ବା ପରେ ସୋଡ଼ିୟମ୍‌ଯୁକ୍ତ ପାଣି ଯଥେଷ୍ଟ ପରିମାଣରେ ପିଇବା ଉଚିତ । ଏହା ଜଳୀୟ ଅଂଶ କ୍ଷୟକୁ ଭରଣା କରିବ । ଡିହାଇଡ୍ରେସନ୍‌ରେ ପୀଡ଼ିତ ରୋଗୀକୁ ତୁରନ୍ତ ତଳେ ଚଟାଣରେ ଶୁଆଇ ଦିଅନ୍ତୁ । ପାଦକୁ ପିଢ଼ାପଟା ଆକାରରେ ଉଚ୍ଚା ରଖନ୍ତୁ । ଯଥେଷ୍ଟ ପାଣି ବା ଇଲେକ୍ଟ୍ରୋରାଲ ପାଣି ପିଆନ୍ତୁ । ଶରୀର ଉତ୍ତାପ ହ୍ରାସ ପାଇଁ ଯଥେଷ୍ଟ ପବନ ଛାଡ଼ନ୍ତୁ । ପାଖରେ ପଙ୍ଖା ଲଗାଇ ଦିଅନ୍ତୁ । ଥଣ୍ଡା କପଡ଼ାରେ ବାରମ୍ବାର ଶରୀରକୁ ପୋଛନ୍ତୁ । ମୁଣ୍ଡାବିନ୍ଧା ଓ ବିତୃଷ୍ଣା ବା ବାନ୍ତି ବାନ୍ତି ଲାଗିବା, ରକ୍ତଚାପ ହ୍ରାସ ପାଇବା, ଘୁମାଇବା ପରି ଲାଗିବା କିମ୍ବା ଚେତାଶୂନ୍ୟ ହୋଇଯିବା, ଭୋକ ମରିଯିବା, ପାଟି ଶୁଖିଲା ଲାଗିବା, ଚର୍ମ ଶୁଷ୍କ ହୋଇଯିବା, ପରିସ୍ରା ଗାଢ଼ ହଳଦିଆ ରଙ୍ଗ ହେବା, ପରିସ୍ରା ପରିମାଣ ହ୍ରାସ ପାଇବା, ଏମିତିକି ପରିସ୍ରା ବନ୍ଦ ହୋଇଯିବା, ଆଖି କୋରଡ଼ିଆ ହେବା ସହ ମୁକ୍ତ ରକ୍ତିମ ପଡ଼ିଯିବା, କାନ୍ଦିଲେ ବି ଆଖିରୁ ଲୁହ ନଆସିବା, ଆଦୌ ଝାଳ ନବହିବା ଓ ପ୍ରତି ମୂହର୍ତ୍ତରେ ଅଚେତ ଲାଗିବା ହେଉଛି ମୁଖ୍ୟ ଲକ୍ଷଣ । ଡିହାଇଡ୍ରେସନ ଅନୁଭବ କରିବା ମାତ୍ରେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଜରୁରୀ । ନଚେତ ଏହା ଅତ୍ୟନ୍ତ ସଙ୍କଟାପନ୍ନ ପରିସ୍ଥିତି ସୃଷ୍ଟି କରିପାରେ ।

*ହୋମିଓପାଥିକ ଚିକିତ୍ସକ,*
*ପାଲାମଣ୍ଡପ, କଟକ*

# ଦେଶପ୍ରାଣ ମଧୁସୂଦନଙ୍କ ସ୍ୱପ୍ନ ଓ ସଂକଳ୍ପ


ଉମାଶଙ୍କର ପ୍ରସାଦ

ମଧୁସୂଦନ ଥିଲେ ସାରାଜୀବନ ଦେଶପ୍ରାଣ ଓ ଇଶ୍ୱର ପ୍ରାଣ । ବାଲ୍ୟ କାଳରୁ ମା'ଙ୍କର ପଦୁଟିଏ ଉପଦେଶ ସର୍ବଦା ସ୍ମରଣ କରୁଥିଲେ, ଈଶ୍ୱରଙ୍କ ବ୍ୟତିତ ଆଉ କାହାରିକୁ ଭୟ କରିବୁ ନାହିଁ । ଜୀବନର ଅନ୍ତିମ ଯାତ୍ରା ପର୍ଯ୍ୟନ୍ତ ମା'ଙ୍କର ସେ ଧାଡିଏ କଥା ଭୁଲିନଥିଲେ । ଏ ସମାଜରେ ମଣିଷ ସ୍ୱପ୍ନ ଦେଖେ । କିନ୍ତୁ ସବୁ ମଣିଷ ସ୍ୱପ୍ନ ଦେଖି ପାରନ୍ତିନି । ଯେଉଁ ବ୍ୟକ୍ତି ସ୍ୱପ୍ନ ଦେଖିବା ସହ ତାକୁ ସାକାର କରିବା ପାଇଁ ଆନ୍ତରିକ ଉଦ୍ୟମ କରେ ସେହିଠାରେ ତାର ଦେଖିଥିବା ସ୍ୱପ୍ନ ସାର୍ଥକ ହୋଇଥାଏ । ବ୍ୟକ୍ତିର ସ୍ୱପ୍ନ ଓ ଜାତିର ସ୍ୱପ୍ନ ସମ୍ପୂର୍ଣ୍ଣ ଅଲଗା । ବ୍ୟକ୍ତି ହୁଏତ ନିଜ ପାଇଁ ସ୍ୱପ୍ନ ଦେଖେ, ନିଜର ପ୍ରତିଷ୍ଠା ପାଇଁ ଉଦ୍ୟମ କରେ ମାତ୍ର ଗୋଟିଏ ଜାତି ସ୍ୱପ୍ନ ଦେଖେ ଜାତି ଅନ୍ତର୍ଗତ ସମସ୍ତ ମଣିଷ ପାଇଁ । ଜାତି ଅନ୍ତର୍ଗତ କୌଣସି ଉତ୍ସର୍ଗୀକୃତ ମଙ୍ଗଳକାମୀ ବ୍ୟକ୍ତିର ପରାର୍ଥପରାୟଣ ସ୍ୱପ୍ନ ଦିନେ ପାଲଟିଯାଇଥାଏ ଜାତିର ସ୍ୱପ୍ନ । ସେହିଭଳି ଓଡିଆ ଜାତି ପାଇଁ ଅହରହ ସ୍ୱପ୍ନ ଦେଖି ତାକୁ ସାକାର କରିବା ପାଇଁ ନିଜର ଜୀବନକୁ ଯିଏ ଉତ୍ସର୍ଗ କରିଥିଲେ ସେ ଆଉ କେହି ନୁହଁ ଆମ ପ୍ରାତଃସ୍ମରଣୀୟ ମଧୁସୂଦନ ଦାସ । ସହରୀୟ ପୃଷ୍ଠଭୂମିରେ ଅସଂଖ୍ୟ ନେତୃପୁରୁଷ ଜନ୍ମ ଗ୍ରହଣ କରିଥିଲେ । ମାତ୍ର ମଧୁସୂଦନ ଏକାନ୍ତ ଭାବେ ଓଡିଶାର ଗ୍ରାମ ଗହଳିର ପଲ୍ଲୀ ଅର୍ଥନୀତିର ପଟ୍ଟଭୂମିରେ କେବଳ ଜନ୍ମଗ୍ରହଣ କରିନଥିଲେ ତାଙ୍କର ପ୍ରତ୍ୟୁତ୍ପନ୍ନମତିତାର ପ୍ରଖର ଦୃଷ୍ଟିଭଙ୍ଗୀପୂର୍ଣ୍ଣ ଅନୁସନ୍ଧିତ୍ସା ଘେନି ସେ ଓଡିଶା କୃଷି ଓ ଗ୍ରାମ୍ୟଶିଳ୍ପର ଉତ୍ପାଦନ ପ୍ରକ୍ରିୟା ସହ ଘନିଷ୍ଠ ଆଉ ଅଚ୍ଛେଦ୍ୟ ଭାବି ନିବନ୍ଧିତ ଥିଲେ । କେବଳ ସେତିକି ନୁହେଁ, ମଧୁସୂଦନ ନିଜ ଶୈଶବ ଅବସ୍ଥାରୁ ଦେଖିଥିଲେ ସ୍ୱପ୍ନ, ଓଡିଆ ଜାତିର ଅନ୍ତସ୍ଥଳୀର ଆଦ୍ୟ ଉତ୍ସରୁ ପ୍ରବାହିତ ନିବିଡ ପ୍ରାଣ ନିର୍ଯ୍ୟାସକୁ ପାନ କରି ଋଦ୍ଧିମନ୍ତ ହୋଇଥିଲେ । ବ୍ୟକ୍ତି-ସ୍ୱାର୍ଥ ର ଉର୍ଦ୍ଧ୍ୱକୁ ଉଠି ଇତିହାସକୁ ଅନୁଧ୍ୟାନ କରି ଓ ତାହାର ନିରାକରଣ ପାଇଁ ସେ ମାର୍ଗ ପ୍ରସ୍ତୁତ କରିଥିଲେ । ସେ ସଦା ସର୍ବଦା କଥା ସହିତ କର୍ମକୁ ଗୁରୁତ୍ୱ ଦେଉଥିଲେ । ନିଜକୁ ତିଳ ତିଳ କରି ଉତ୍ସର୍ଗ କରି ଦେଇଥିଲେ ନିଜ ଜାତି ପାଇଁ । ସେହି ଜଣେ ବ୍ୟକ୍ତି କୁଳବୃଦ୍ଧ ମଧୁସୂଦନ ଦାସ ବାରିଷ୍ଟରି ନ ପଢି ମଧ ଓଡିଆ ଜାତି ପାଖରେ ସେ ଅତିପ୍ରିୟ ମଧୁ ବାରିଷ୍ଟର । ରାଜା ମହାରାଜା ନ ହୋଇ ମଧ କେତେ କେତେ ରାଜା ମହାରାଜାଙ୍କର ସେ ଥିଲେ ନମସ୍ୟ । ନେଟିଭ୍/ ଗାଉଁଲି ବ୍ୟକ୍ତିଟିଏ ହୋଇଥିଲେ ମଧ୍ୟ ଇଂରେଜ ସାହେବଙ୍କ ନିକଟରେ ସମ୍ମାନିତ । ୧୮୬୬ ମସିହାର ଅଙ୍ଗେ ନିଭାଇଥିବା ନଅଙ୍କ ଦୁର୍ଭିକ୍ଷ ର ତାଣ୍ଡବ ଲୀଳା ତାଙ୍କୁ ବହୁତ ବ୍ୟଥିତ କରିଥିଲା । ସେଦିନର ପ୍ରକାଶିତ 'ଉତ୍କଳଦୀପିକା'ପୃଷ୍ଠାରୁ ପଢିଥିବା ଓଡିଆ ଭାଷାକୁ ଉଠାଇ ବଙ୍ଗଳା ଭାଷାଚଳାଇବାର ସଂବାଦ ଓ ତତ୍‌କାଳୀନ ପରିସ୍ଥିତିରେ ଭାଷା-ସଂଗ୍ରାମର କାହାଣୀ, ଓଡିଆ ଭାଷାର ପୁନଃ ପ୍ରତିଷ୍ଠା । ସେ ଜାଣିଥିଲେ ଉନବିଂଶ ଶତାବ୍ଦୀର ଔପନିବେଶିକ ଶାସନ- ଶୋଷଣର କରୁଣ କଥା । ସେ ଅନୁଭବ କରିଥିଲେ ଗ୍ରାମ ଓଡିଶାର କୃଷି ଓ କୃଷକର ଦୁରବସ୍ଥା, ରାଜା ଜମିଦାର ରାଜକର୍ମଚାରୀ ମାନଙ୍କର ଶୋଷଣ ପୀଡନ, ଇଂରେଜ ସରକାରଙ୍କର ଉଦାସୀନତା । ଆଦ୍ୟ ମାଙ୍ଗଳିକ ଶଙ୍ଖଧ୍ୱନି ସୃଷ୍ଟି କରିଥିଲା ତାହା ତାଙ୍କ ଭିତରେ ପ୍ରତିଧ୍ୱନିତ ହୋଇଥିଲା ଓ ସେ ସ୍ୱପ୍ନ ଦେଖିଲେ ଜାତିକୁ ଏକତ୍ର କରି 'ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ'ପାଇଁ । ଏଥିପାଇଁ ସେ ସଂକଳ୍ପ ନେଇଥିଲେ । ସଂକଳ୍ପକୁ ସାକାର କରିବା ପାଇଁ ଜୀବନବ୍ୟାପୀ ସଂଗ୍ରାମ କଲେ । ନିଜର ଅର୍ଜିତ ଆୟକୁ ଜାତି ପାଇଁ ଉତ୍ସର୍ଗ କଲେ । ଦେବାଳିଆ ହେଲେ ଅଥଚ ଭାଙ୍ଗି ପଡିନଥିଲେ । ତାଙ୍କର ସ୍ୱପ୍ନ ସାକାର ହେଲା । ୧୯୩୬ ମସିହା ଏପ୍ରିଲ ପହିଲା ତାରିଖରେ ମାତ୍ର ଛଅଟି ରାଜ୍ୟକୁ ନେଇ ଗଠିତ ହେଲା 'ଉତ୍କଳ ପ୍ରଦେଶ' ।

ଜାତିର ଉନ୍ନତି ପାଇଁ କୃଷି ଓ କୃଷକର ଉନ୍ନତି ଅପରିହାର୍ଯ୍ୟ ବୋଲି ସେ ଜାଣି କୃଷକର ଅଧିକାର ସାବ୍ୟସ୍ତ କରିଥିଲେ । କୃଷି ସହିତ ସେ ପ୍ରତିଷ୍ଠା କରିଥିଲେ କଟକ ତାରକସି ଶିଳ୍ପ ଓ ଉତ୍କଳ ଟ୍ୟାନେରୀ । ଚିନ୍ତା କରିଥିଲେ ଓଡିଶାକୁ ରେଳପଥ ଦ୍ୱାରା ସଂଯୁକ୍ତ କରିବା ପାଇଁ । ୧୯୦୩ ମସିହା ଡିସେମ୍ବର ମାସ ୩୦ ଓ ୩୧ ତାରିଖ ଦିନ କଟକର ଇଦ୍‌ଗା ପଡିଆରେ ପ୍ରଥମ 'ଉତ୍କଳ ସମ୍ମିଳନୀ' ଆରମ୍ଭ କଲେ । ଏହି ସମ୍ମିଳନୀରେ ସେ ଉତ୍କଳର ରାଜା ମହାରାଜା ଜମିଦାର ଶିକ୍ଷିତ ଲେଖକ ଓ କୃଷକ ମାନଙ୍କୁ ମିଶାଇ ଦେଇ ଘୋଷଣା କଲେ:- "ଏହି ସମ୍ମିଳନୀ—ଜାତି ପ୍ରାଣସିନ୍ଧୁ / କୋଟି ପ୍ରାଣବିନ୍ଦୁ ଧରେ – ତୋର ପ୍ରାଣବିନ୍ଦୁ— ମିଶାଇ ଦେ ଭାଇ/ ଡେଇଁ ପଡି ସିନ୍ଧୁନୀରେ ।" ପ୍ରଥମ ଥର ପାଇଁ ଓଡିଆ ଜାତି ଜାଣିଲା ସମ୍ମିଳନୀର ତାତ୍ପର୍ଯ୍ୟ । ଜାଣିଲା ଓଡିଆ ଜାତୀୟତା ଓ ସ୍ୱଦେଶ ପ୍ରେମର ମାହାତ୍ମ୍ୟ । ଉପଲବ୍ଧି କଲା ତାର ଅତୀତ ଇତିହାସର ଗୌରବ ଓ ଔପନିବେଶକ ଶାସନର ବିପର୍ଯ୍ୟୟ । ଅନୁଭବ କଲା ଉତ୍କଳ-ସମ୍ମିଳନୀହିଁ ଜାତି-ପ୍ରାଣ-ସିନ୍ଧୁ । ସେହି ସିନ୍ଧୁରେ ଆପଣାର ପ୍ରାଣବିନ୍ଦୁକୁ ମିଶାଇ ଦେବାକୁ ଶପଥ ନେଲେ । ନିଜର ପ୍ରଚଣ୍ଡ ଜ୍ଞାନ ବଳରେ ସେ ଜାଣିଲେ ଜାତିର ସ୍ୱାତନ୍ତ୍ର୍ୟ ନଥିବାରୁ ସେ ଅବହେଳିତ ହୋଇଯାଇଛି । କିନ୍ତୁ ଦୁଃଖ ଓ ପରିତାପର ବିଷୟ ବିଂଶ ଶତାବ୍ଦୀର ପ୍ରଥମ ଦ୍ୱିଦଶନ୍ଧି ମଧ୍ୟରେ 'ଉତ୍କଳ-ସମ୍ମିଳନୀ'ର ପ୍ରାଣ ପ୍ରତିଷ୍ଠାତା ଓଡିଆ ନବଜାଗରଣର କର୍ଣ୍ଣଧାର ମଧୁସୂଦନଙ୍କ ବିରୋଧରେ ଗୋପାଳଚନ୍ଦ୍ର ପ୍ରହରାଜ, ସୁରଙ୍ଗୀର ରାଜା ଓ ଚିନ୍ତାମଣି ଆଚାର୍ଯ୍ୟ ପ୍ରମୁଖ ଉତ୍କଳ-ସମ୍ମିଳନୀକୁ ମଧୁବାବୁଙ୍କର ବ୍ୟକ୍ତିଗତ ଅନୁଷ୍ଠାନ ବୋଲି କହିଲେ । ଏପରିକି ୧୯୨୦ ମସିହାରେ ଉତ୍କଳମଣି ଗୋପବନ୍ଧୁ ଦାସ ଉତ୍କଳ-ସମ୍ମିଳନୀର ଆଉ ଆବଶ୍ୟକତା ନାହିଁ ବୋଲି କହିଥିଲେ । ମଧୁବାବୁ ଯାବତୀୟ ସମାଲୋଚନାର ଶରବ୍ୟ ହୋଇ ମଧ ଅବିଚଳିତ ରହିଥିଲେ ନିଜ ସଂକଳ୍ପରେ । ତାଙ୍କର ଏକମାତ୍ର ଲକ୍ଷ ଥିଲା ପ୍ରାକୃତିକ ଉତ୍କଳର ଏକତା ସ୍ଥାପନ, ଉତ୍କଳର ସର୍ବାଙ୍ଗିନ ଉନ୍ନତି ସାଧନ, ଓଡିଆଭାଷୀ ଅଂଚଳମାନଙ୍କୁ ଶାସନସୂତ୍ରରେ ଏକତ୍ରୀକରଣ ଓ ପ୍ରବାସୀ ତଥା ପରିତ୍ୟକ୍ତ ଅଂଚଳରେ ଥିବା ଓଡିଆ ମାନଙ୍କର ସ୍ୱାର୍ଥର ସୁରକ୍ଷା । ସମ୍ମିଳନୀ ପାଇଁ ଚାନ୍ଦା ଆଦାୟ କରିବାର ପରିପନ୍ଥୀ ଥିଲେ ସେ । ନିଜେ ଖର୍ଚ୍ଚ କରିବା ସହ ସେ କହୁଥିଲେ 'ମୁଁ ଟଙ୍କା ଥାଳି ହାତରେ ଧରି ଜନ୍ମ ହୋଇ ନଥିଲି, ଟଙ୍କା କମାଇଥିଲି । ତାହାକୁ ମୁଁ ମୋର ମା, ମୋର ଦେଶ, ମୋର ଭାଇମାନଙ୍କ ପାଇଁ ଖରଚ କରି ଶୂନ୍ୟ ହାତରେ ଫେରିଯିବି । ମାତ୍ର ଦୁଃଖ ଏତିକି ରହିଲା ମୋ ମନ ମାଫିକ ମୁଁ ମୋ ଦେଶଟାକୁ, ଜାତିଟାକୁ ଗଢିପାରିଲି ନାହିଁ । ଅସହଯୋଗ ଆନ୍ଦୋଳନରେ ଉତ୍କଳ-ସମ୍ମିଳନୀକୁ ମିଶାଇ ନଦେବାରୁ ଓ ଉତ୍କଳର ହିତ ପାଇଁ ମନ୍ତ୍ରୀପଦ ଗ୍ରହଣ କରିବାରୁ ତାଙ୍କ କୁଶପୁତ୍ତଳିକା କଟକ ସହରରେ ଦାହ କରାଗଲା । ଯେଉଁମାନେ ଦାହ କଲେ ସେହିମାନେ ପରବର୍ତ୍ତୀ କାଳରେ ବଡ ନେତା ହେଲେ । ନିଜ ପାଇଁ ବେଶ କିଛି କରିଗଲେ । ମଧୁସୂଦନ କିନ୍ତୁ ଜାତି ପାଇଁ ଦେଇଗଲେ । ସୁବିଧାବାଦୀମାନେ କ୍ରମେ ବିସ୍ମୃତ ହୋଇଗଲେଣି ମାତ୍ର ମଧୁସୂଦନ ଆଜି ବି ବଂଚିଛନ୍ତି ଓ ଓଡିଆ ଜାତି ଥିଲା ପର୍ଯ୍ୟନ୍ତ ବଂଚିରହିବେ । ଆଜି ସେହି ମହାପୁରୁଷ ଙ୍କ ୧୭୬ ତମ ଜନ୍ମ ଜୟନ୍ତୀରେ ଏ ଲେଖକର ସଶ୍ରଦ୍ଧ ଶ୍ରଦ୍ଧାଞ୍ଜଳି ।

ସମ୍ପାଦକ ମାର୍ଗଦର୍ଶୀ, ଖୋର୍ଦ୍ଧା
ମୋ : ୬୩୭୦୬ ୭୫୫୬୨

# ଉତ୍କଳ ପ୍ରଦେଶ ଗଠନରେ କୁଳବୃଦ୍ଧ ମଧୁବାବୁ


ଅକ୍ଷୟ କୁମାର ରାଉତ

ଷୋଡଶ ଶତାବ୍ଦୀର ମଧ ଭାଗରେ ଓଡିଶାର ରଜନୈତିକ ସାମ୍ରାଜ୍ୟର ଗୌରବ ରବି ଅସ୍ତମିତ ହେବା ପୂର୍ବରୁ ଓଡିଶାର ସୀମା ଉତରରେ ବଙ୍ଗ, ଦକ୍ଷିଣରେ ତେଲେଙ୍ଗାନା ଓ କର୍ଣ୍ଣାଟକ ପ୍ରଦେଶର କେତେକ ଅଂଚଳକୁ ନେଇ ପରିବ୍ୟାପ୍ତ ଥିଲା । ପର୍ଯ୍ୟାୟକ୍ରମେ ଆଫଗାନ, ମୋଗଲ, ମରାଠାଙ୍କ ଆକ୍ରମଣ ସହିତ ଅନ୍ତଃକନ୍ଦଳର ସୂତ୍ରପାତ ଓ ଭାତୃବିବାଦରେ ଓଡିଶାବାସୀ ସହ୍ୟଶକ୍ତି ହରାଇ ଚରମ ସୋପାନରେ ପହଂଚି ଯାଇଥିଲେ । ଏସବୁ ଥିଲା ପଲାସୀ ଯୁଦ୍ଧରେ ଇଷ୍ଟଇଣ୍ଡିଆ କମ୍ପାନୀ ବଙ୍ଗ ଅଧିକାର କରିବାର ୪୬ ବର୍ଷ ପରର ଘଟଣା । କେବଳ ବଙ୍ଗ କାହିଁକି ସାରା ଭାରତର ଭାଗ୍ୟ ମଧ ସେହିଠାରେ ନିର୍ଦ୍ଧାରିତ ହେଲା । ମରାଠାମାନେ କଟକର ବାରବାଟୀ ଦୁର୍ଗ ଅଧିକାର କରି ସାରା ଓଡିଶାରେ ରାଜୁତି ଚଳାଇବା ପରି ଇଂରେଜମାନେ ମଧ ସେହି ଦୁର୍ଗ ଅଧିକାର କରି ରାଜୁତି କଲେ । ପରେ କଲିକତାର ଫୋର୍ଟ ଉଇଲିୟମ ହେଲା ଓଡିଶା ଶାସନର କେନ୍ଦ୍ରସ୍ଥଳୀ । ଶତାବ୍ଦୀ ପରେ ଶତାବ୍ଦୀ ମୋଗଲ ମରାଠା ମାନଙ୍କ ଶୋଷଣ କଷଣ ଲୁଣ୍ଠନରେ ଅତିଷ୍ଠ ଓଡିଶା ଇଷ୍ଟଇଣ୍ଡିଆ କମ୍ପାନୀଙ୍କୁ ବିରୋଧ ନକରି ନିଜର ତ୍ରାଣକର୍ତା ଭାବେ ସ୍ୱାଗତ କରିଥିଲା । ଓଡିଶା କମ୍ପାନୀ ଶାସନ ଆରମ୍ଭରେ ଖଣ୍ଡବିଖଣ୍ଡିତ ହୋଇ ବଙ୍ଗଳା, ମଧ୍ୟପ୍ରଦେଶ, ମାନ୍ଦ୍ରାଜ ଆଦି ଯେଉଁ ପ୍ରଦେଶ ଗୁଡିକୁ ବ୍ରିଟିଶ୍ ମାନେ ଆଦରି ନେଇଥିଲେ ସେମାନଙ୍କ ସହ ସାମିଲ୍ ହୋଇ ଯାଇଥିଲା । ଫଳରେ ପରସ୍ପର ଠାରୁ ବିଛିନ୍ନ ତିନୋଟି ଅଲଗା ଅଲଗା ଶସନାଧିନରେ ସଂଖ୍ୟାଲଘୁ ଭାଷା ଭାଷୀ ଓ ଇତର ସଂସ୍କୃତି ଲୋକଙ୍କ ପରି ଓଡିଆଙ୍କୁ ରହିବାକୁ ପଡିଥିଲା ।

ଓଡିଶାକୁ କମ୍ପାନୀ ଶାସନର ୧୪ ବର୍ଷ ମଧ୍ୟରେ ଦୁଇ ତୃତୀୟାଂସ ଜମିଦାରୀ ଓଡିଶା ବାହାର ଲୋକଙ୍କ ହାତକୁ ଚାଲିଗଲା । ଓଡିଶା ଗୌରବର ମେରୁଦଣ୍ଡ ଭାଙ୍ଗିଗଲା ॥ ପାଇକ ମାନଙ୍କ ପ୍ରଭୁତ୍ୱ ଓ ପ୍ରତିପତି ହ୍ରାସ ପାଇଲା । ଦୀର୍ଘଦିନ ଧରି ଏଭଳି ଅସହ୍ୟ ପରିବେଶକୁ ବରଦାସ୍ତ କରିନପାରି ପାଇକମାନେ କମ୍ପାନୀ ଶାସନ ବିରୁଦ୍ଧରେ ବିଦ୍ରୋହ ଘୋଷଣା କରିବା ସହିତ ପୁରୀ ସହରକୁ ଦଖଲ କରିନେଲେ । ବ୍ରିଟିଶ୍ ଶାସନ ବିରୁଦ୍ଧରେ ପ୍ରଥମ ପ୍ରତିବାଦର ସଂଗ୍ରାମ ଥିଲା ଏହି ପାଇକ ବିଦ୍ରୋହ । କମ୍ପାନୀ ଶାସନର ସାମରିକ ଶକ୍ତି ବଳରେ ଏହି ବିଦ୍ରୋହ ଦବି ଯାଇଥିଲେ ବି ବେଳେ ବେଳେ ବିଦ୍ରୋହ ମୁଣ୍ଡ ଟେକୁଥିଲା । ଭାଷାଗତ ଦୃଷ୍ଟିରୁ ବିଖଣ୍ଡିତ ଆର୍ଥିକ ଦୃଷ୍ଟିରୁ ସଂକଟିତ ଓ ସାଂସ୍କୃତିକ ମ୍ରିୟମାଣ ଓଡିଶା କମ୍ପାନୀ ସରକାରଙ୍କୁ ବିରୋଧ କରିବାରୁ ଅକଥନୀୟ ଅତ୍ୟାଚାର ସହିବା ସହିତ ପରିଣାମରେ ବଙ୍ଗଳା ପ୍ରେସିଡେନ୍ସିର ଉପନିବେଶ ରୂପେ ରହିଥିଲା । ୧୮୬୬ ମସିହା ନଅଙ୍କ ଦୁର୍ଭିକ୍ଷ ବେଳେ ଓଡିଶାର ଅଭାବ ଅସୁବିଧା ଦେଖିବାକୁ ମିଳିଲା । ଏତେଦିନେ ବ୍ରିଟିଶ ଶାସନର ଚେତା ପଶିଲା । ଦୁର୍ଭିକ୍ଷ ପରେ ଭାରତ ସରକାର ଏ ବିଷୟରେ ସ୍ୱତନ୍ତ୍ର ତଦନ୍ତ କରି ଜାଣିଲେ ଓଡିଶାକୁ ଖଣ୍ଡ ଖଣ୍ଡ କରି ଶାସନ କରିବା ଫଳରେ ଏଭଳି ଦୁର୍ଭିକ୍ଷ ସଂଗଠିତ ହୋଇ୧୦ ଲକ୍ଷ ଲୋକଙ୍କ ପ୍ରାଣ ହାନୀ ଘଟିଲା । ଏହାର ପ୍ରତିକାର ନିମନ୍ତେ ଓଡିଶାକୁ ବଙ୍ଗଳାରୁ ଅଲଗା କରି ସମଗ୍ର ଭାଷାଭାଷୀ ଅଂଚଳକୁ ଏକ ସ୍ୱତନ୍ତ୍ର ପ୍ରଦେଶ ଶାସନାଧିନ କରି ରଖିବାକୁ ୧୮୬୮ ମସିହାରେ ବ୍ରିଟିଶ୍ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଶାସନର ଦୋଷତ୍ରୁଟି ସଂପର୍କରେ ଚେତାଇଦେବା ସହିତ ସୁପାରିଶ କରିଥିଲେ ତତ୍କାଳୀନ ସେକ୍ରେଟାରୀ ଅଫ୍ ଷ୍ଟେଟ୍ ଫର ଇଣ୍ଡିଆ ସାର୍ ଷ୍ଟ୍ରା ଫୋର୍ଡ ନର୍ଥକୋଟ୍ । ଏହି ସୁପାରିଶର ସୁଯୋଗ ଦାବି ନେଇ ସେତେବେଳେ କୌଣସି ସଂସ୍ଥା କି ରାଜନୈତିକ ବଳ ନଥିବା ଯୋଗୁଁ ଏହା କେବଳ କାଗଜରେ ସେପରି ରହିଯାଇଥିଲା । ଓଡିଶା ବାହାରେ ଯେଉଁ ସୁବିଧାବାଦୀ ଓଡିଶା ଶାସନ କଳକୁ କବ୍ଜା କରି ସବୁ ପ୍ରକାର ସୁଖ ସ୍ୱାଚ୍ଛନ୍ଦ୍ୟ ନେଇ ଚାଲିଥିଲେ, ସେମାନେ ସେମାନଙ୍କ ସ୍ୱାର୍ଥହାନୀ ଦେଖି ଉକ୍ତ ସୁପାରିଶକୁ ଭଣ୍ଡୁରକରୁବାକୁ ଚକ୍ରାନ୍ତ କରି ବସିଲେ । ଓଡିଶା ଡିଭିଜନର ସବୁ ସ୍କୁଲ୍‌ରୁ ଓଡିଆ ଭାଷା ଉଠାଇବାକୁ ଚେଷ୍ଟା କଲେ । ଏଥିପାଇଁ ଜନ୍ ବିମ୍‌ସ ସାହେବ ସ୍ପଷ୍ଟ ଭାବରେ ଓଡିଆ ଭାଷା ଅନ୍ୟାନ୍ୟ ଭାରତୀୟ ଭାଷା ଠାରୁ ଅଧିକ ପୁରାତନ ଓ ପ୍ରତିଷ୍ଠିତ ବୋଲିକହିଲେ । ପ୍ରକୃତରେ ବି ଓଡିଆମାନେ ଓଡିଆ ଭାଷାକୁ ନେଇ ଗର୍ବ କରୁଥିଲେ । ଏଭଳି ଅବସ୍ଥାରେ ଓଡିଆ ଭାଷା ରକ୍ଷା ଆନ୍ଦୋଳନକୁ ଚଳାଇବାକୁ ଓଡିଶାର ସମୂହ ଜନତା ଅତୀତର ସମସ୍ତ ଜଡତା ପରିହାର କରି ଏକମନ ଏକପ୍ରାଣରେ ମାତି ଉଠିଲେ । ଦୀର୍ଘଦିନର ଭାଷା ଆନ୍ଦୋଳନ ପରେ ଓଡିଆ ଭାଷାର ବିଜୟ ହେଲା । ଓଡିଆ ଭାଷା ଭାଷୀ ଅଂଚଳକୁ ଏକ ଶାସନାଧିନ କରି ରଖିବା ଲାଗି ପୂର୍ବରୁ ଯେଉଁ ଉଦ୍ୟମ ମୁଣ୍ଡ ଟେକିଥିଲା ତାହା ସମୟକ୍ରମେ ଅଧିକ ସକ୍ରିୟ ହୋଇ ଉଠିଲା । ଏଭଳି ଏକ ପରିବେଶ ପରିସ୍ଥିତିରେ ଏହି ନିଷ୍ପ୍ରାଣ ଓଡିଆ ଜାତିକୁ ଏକ ଦୃଢ ଜାତିର ଶକ୍ତି ଆଉ ଅସରନ୍ତି ଧୈର୍ଯ୍ୟ ଦେବାକୁ ଧାଇଁ ଆସିଲେ କୁଳବୃଦ୍ଧ ମଧୁବାବୁ । ଓଡିଆ ଭାଷାଭାଷୀ ଅଂଚଳକୁ ଏକ ଶାସନାଧିନ କରି ଓଡିଶାବାସୀଙ୍କ ଲାଗି ସ୍ୱତନ୍ତ୍ର ପ୍ରଦେଶ ଗଠନର ସମ୍ଭାବନାକୁ ବାସ୍ତବତାର ରୂପ ଦେବା ଲାଗି ଅନେକ କିଛି ଉଦ୍ୟମର ଆବଶ୍ୟକକୁ ବିଚାର କରି ସେହି ସମୟରେ ମଧୁବାବୁ ଓଡିଶାରେ ଏକ ଅନୁଷ୍ଠାନ ଉତ୍କଳସଭା ବା ଓଡିଶା ଆସୋସିଏସନ ଗଠନ କରିଥିଲେ । ସେତେବେଳେ ଏହାର କାର୍ଯ୍ୟ ପରିସର ସେତେଟା ପରିବ୍ୟାପ୍ତ ନହୋଇ କେବଳ କଟକ ଜିଲ୍ଲାରେ କାର୍ଯ୍ୟ କରୁଥିଲା । ୧୯୦୩ ମସିହା ଡିସେମ୍ବର ୩୦ ଓ ୩୧ ତାରିଖରେ ଦୁଇଦିନ ଧରି କଟକ ଠାରେ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ ବସିଲା । ସେଥିରେ ସାରା ଓଡିଶାର ରାଜା ରାଜୁଡା ଠୁ ଆରମ୍ଭ କରି ସାଧାରଣ ଜନତା ଏପରିକି ଓଡିଶା ବାହାରେ ଥିବା ଓଡିଆ ଲୋକ ମାନେ ବିପୁଳ ସଂଖ୍ୟାରେ ଯୋଗ ଦେଲେ । ସେଠାରେ ଓଡିଆ ଭାଷାଭାଷୀ ବିଚ୍ଛିନ୍ନାଂଚଳ ଗୁଡିକର ଏକତ୍ରିକରଣ ନିମନ୍ତେ ନାନାକଥା ଆଲୋଚନା କରାଯାଇଥିଲା । ୧୯୨୦ ମସିହାରେ ଗାନ୍ଧିଜୀଙ୍କର ଆହ୍ୱାନ କ୍ରମେ ଅସହଯୋଗ ଆନ୍ଦୋଳନକୁ କର୍ମସୂତ୍ର ଭାବେ ଉତ୍କଳ ସମ୍ମିଳନୀ ଗ୍ରହଣ କରି ଭାରତୀୟ ଜାତୀୟ ସ୍ରୋତରେ ତା ର ସ୍ୱତନ୍ତ୍ର ସତା ବଜାୟ ରଖିଲା । ଏହା ମୁଖ୍ୟତଃ ଜାତିବର୍ଣ୍ଣ ଭାଷା ନିର୍ବିଶେଷରେ ସମସ୍ତ ଓଡିଆ ଭାଷାଭାଷୀ ଅଂଚଳକୁ ଏକଶାସନାଧିନ କରିବାର ମହାସଭା ଥିଲା । କେବଳ ସ୍ୱତନ୍ତ୍ର ପ୍ରଦେଶ ନୁହେଁ ଉତ୍କଳ ସମ୍ମିଳନୀ ମଧ ଓଡିଶାରେ ବ୍ୟବସାୟିକ ଶିକ୍ଷାର ପ୍ରସାର ଓ ସର୍ବୋପରି ଓଡିଶାର ସାଂସ୍କୃତିକ ଓ ରାଜନୈତିକ ଜାଗରଣ ଆଣିବାରେ କାର୍ଯ୍ୟ କରୁଥିଲା । ଉତ୍କଳ ସମ୍ମିଳନୀ ତା ର କାର୍ଯ୍ୟକଳାପ ନେଇ ଓଡିଆଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ଆସନ ଅଧିକାର କରି ବସିଲା । ଓଡିଶାର ଓଡିଆ ମାନେ ଆଗ୍ରହ ସହକାରେ ଏହି ସମ୍ମିଳନୀରେ ଯୋଗ ଦେଉଥିଲେ । ଏହି କାର୍ଯ୍ୟ ନିମନ୍ତେ ମଧୁବାବୁ ବ୍ୟକ୍ତିଗତ ଭାବେ ମଧ ଋଣ କରୁଥିଲେ । ସେଥିପାଇଁ ତାଙ୍କୁ ଶେଷଜୀବନରେ ଦେବାଳିଆ ହେବାକୁ ମଧ ପଡିଥିଲା । ଉତ୍କଳ ସମ୍ମିଳନୀ ଦ୍ୱାରା କେବଳ ମଧୁବାବୁ ସ୍ୱତନ୍ତ୍ର ପ୍ରଦେଶ ଗଠନ ଚାହିଁ ନଥିଲେ । ପ୍ରଦେଶଟିକୁ ମଧ ସମସ୍ତ ପ୍ରକାର ଅନ୍ୟାୟ ଲୁଣ୍ଠନରୁ ମୁକ୍ତ କରାଇ ତାହାର ଅଧିବାସୀଙ୍କୁ ସ୍ୱାଧିନ ଜୀବନଯାପନ କରିବାକୁ ଉଦ୍ୟମ କରିଥିଲେ । ମଧୁବାବୁଙ୍କ ଏସବୁ ଲକ୍ଷ ସଫଳ ହୋଇଥିଲା କି ନାହିଁ ତାହା ସମୟ କହିବ, ହେଲେ ସେ ଯେଉଁ ମହତ ଲକ୍ଷ୍ୟ ନେଇ କାର୍ଯ୍ୟ କରିଥିଲେ ସେଥିରେ ତାଙ୍କର ମହନୀୟତା ଉଚ୍ଚକାଂକ୍ଷା ଦେଖିବାକୁ ମିଳେ । ଯାହାଟା ଅନ୍ୟ କୌଣସି ଓଡିଆଙ୍କ ଠାରେ ଦେଖିବାକୁ ମିଳୁନଥିଲା । ନିଜର ନିସ୍ୱାର୍ଥପର କାର୍ଯ୍ୟାବଳୀ ନିମନ୍ତେ ମଧୁବାବୁ ସବୁ ଶ୍ରେଣୀର ଓଡିଆଙ୍କ ଶ୍ରଦ୍ଧା ସମ୍ମାନର ଆସନରେ ଅଧିଷ୍ଠିତ ହୋଇପାରିଥିଲେ । ବ୍ୟକ୍ତିଗତ ଓ ସାମୁହିକ ସମାଜର ପରିସରରେ ବହୁ ଦାରୁଣ ବିପର୍ଯ୍ୟୟ ଓ ଦୁଃଖ ଦୁର୍ଦ୍ଦଶାକୁ ସେ ସାହସ ଓ ଆନନ୍ଦର ସହ ମୁକାବିଲା କରିବାରେ ଯେଉଁ ସାମର୍ଥ ପ୍ରଦର୍ଶନ କରିଥିଲେ ତାହା ଭଷାରେ ବର୍ଣ୍ଣନା କରାଯାଇ ନପାରେ ।

ଜୀବନର ଅନ୍ତିମ ମୁହୂର୍ତ୍ତ ନିକଟତର ହେବା ଜାଣି ଓଡିଶା ବିଷୟ ବୁଝିବାକୁ ଓ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ଦାୟିତ୍ୱ ବହନ କରିବାକୁ ସ୍ୱତନ୍ତ୍ର ଉତରାଧିକାରୀ ଭାବେ ଉତ୍କଳମଣୀ ପଣ୍ଡିତ ଗୋପବନ୍ଧୁ ଦାସଙ୍କୁ ମଧୁବାବୁ ମନେ ମନେ ସ୍ଥିର କରିନେଇଥିଲେ । କିନ୍ତୁ ଓଡିଶାର ଦୁର୍ଭାଗ୍ୟକୁ ୧୯୨୮ ମସିହା ଜୁନ୍ ୧୭ ତାରିଖରେ ଗୋପବନ୍ଧୁଙ୍କ ମୃତ୍ୟୁ ଘଟି ସାରିଥିଲା । ତେଣୁ ମଧୁବାବୁ ଓଡିଶାର ପଣ୍ଡିତ ନୀଳକଣ୍ଠ ଦାସଙ୍କ ଉପରେ ଏହି ଦାୟିତ୍ୱ ନ୍ୟସ୍ତ କରିଥିଲେ । ମଧୁବାବୁ ନିଜେ ଯେଉଁ ସତ୍ୟବାଦୀ ଗୋଷ୍ଠୀ ଗଠନ କରିଥିଲେ ପଣ୍ଡିତ ନୀଳକଣ୍ଠ ଦାସ ସେହି ଗୋଷ୍ଠୀର ମୁଖ୍ୟ ଥିଲେ । ପଣ୍ଡିତ ନୀଳକଣ୍ଠ ମଧୁବାବୁଙ୍କ ସଂକଟାପନ୍ନ ଅବସ୍ଥା ବିଷୟ ଶୁଣି ଶେଷଦର୍ଶନ ପାଇଁ କଟକ ଫେରି ଆସିଥିଲେ । ପଣ୍ଡିତ ନୀଳକଣ୍ଠଙ୍କୁ ସବୁ ଅଂଚଳ ଓଡିଶାରେ ମିଶିବାକୁ କହିବା ପରେ ତାଙ୍କର ଚୈତନ୍ୟ ସତା ଲୋପ ପାଇଯାଇଥିଲା । ୧୯୩୪ ମସିହା ଫେବୃୟାରୀ ୪ ତାରିଖ ରାତିରେ ତାଙ୍କର ଅମର ଆତ୍ମା ଦିବ୍ୟଧାମକୁ ବାହୁଡି ଗଲା । ସୁଦୀର୍ଘ ୮୫ ବର୍ଷ ବୟସରେ ଘଟଣାବହୁଳ କୁଳବୃଦ୍ଧ ମଧୁବାବୁଙ୍କ ଜୀବନର ପରିସମାପ୍ତି ଘଟିଲା । ଓଡିଶାକୁ ଗୋଟିଏ ସ୍ୱତନ୍ତ୍ର ପ୍ରଦେଶ କରିବାକୁ ମଧୁବାବୁ ଜୀବନସାରା ଲାଗି ପଡିଥିଲେ ବି ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ୧୯୩୬ ଏପ୍ରିଲ ୧ ତାରିଖକୁ ନିଜ ଆଖିରେ ଦେଖି ପାରିନଥିଲେ । ଓଡିଶା ସ୍ୱତନ୍ତ୍ର ପ୍ରଦେଶ ମାନ୍ୟତା ପାଇବାର ଦୀର୍ଘ ବର୍ଷ ବିତି ଯାଇଥିଲେ ବି, ଏବେବି ଓଡିଆ ଓ ଓଡିଶାର ବିକାଶ ଚିନ୍ତା କରୁଥିବା ଚିନ୍ତାନାୟକ ମାନେ ଓଡିଶାରୁ ବିଛିନ୍ନାଂଚଳ, ଓଡିଶାରେ ମିଶ୍ରଣ କରାଇ ପାରିନାହାନ୍ତି । ଓଡିଶା ପ୍ରଦେଶରୁ ବାଦ୍‌ପଡିଥିବା ସମସ୍ତ ବିଛିନ୍ନାଂଚଳକୁ ଓଡିଶାରେ ମିଶ୍ରଣ କରାଇବାକୁ ସମସ୍ତ ଓଡିଆ ପ୍ରଯତ୍ନ କରିପାରିଲେ ମଧୁବାବୁ ଜୀବନର ଯଥାର୍ଥ ଆଲୋକପାତ କରାଯିବା ସହିତ ସ୍ୱତନ୍ତ୍ର ପ୍ରଦେଶ ପାଳନର ଲକ୍ଷ ସାକାର ହୋଇପାରିବ ବୋଲି ଯଥାର୍ଥରେ କୁହାଯାଇପାରେ ।

ପାରାଦ୍ୱୀପଗଡ, କୁଜଙ୍ଗ
ଜଗତ୍‌ସିଂହପୁର
ମୋ:୯୯୩୭୬୯୧୪୭୫

# ନିର୍ବାଚନରେ ପ୍ରାର୍ଥୀମାନଙ୍କ ସତ୍ୟପାଠକୁ ଅନ୍ ଲାଇନ୍ ମାଧ୍ୟମରେ ଜାଣିବା ସାଧାରଣ ଜନତାଙ୍କ ଦ୍ୱାରା ସମ୍ଭବ ନୁହେଁ


ପ୍ରଦୀପ୍ତ କୁମାର କର

ଅନେକ ସମ୍ବାଦ ପତ୍ର ରେ ଭାରତ ନିର୍ବାଚନ ଆୟୋଗ 'ଚୁନବ କା ପର୍ବ ,ଦେଶ କା ଗର୍ବ ' ଓ 'ଆପଣ କଣ ଜଣେ ସଚେତନ ମତଦାତା ? ବୋଲି ତାଙ୍କ ସରକାରୀ ସ୍ତରରେ ଏକ ବିଜ୍ଞାପନ ଦେଇଛନ୍ତି । ଏହାର ।ଉଦ୍ଦେଶ୍ୟ ଏହି ବିଜ୍ଞାପନ ଜରିଆରେ ଆମେମାନେ ନିଜର ନିର୍ବାଚନ ମଣ୍ଡଳୀରୁ ଯେଉଁ ମାନେ ସାଂସଦ ବା ବିଧାୟକ ପାଇଁ ପ୍ରତିଦ୍ୱନ୍ଦିତା କରୁଛନ୍ତି ସେମାନେ ତାଙ୍କ ପ୍ରାର୍ଥୀ ପତ୍ର ଦାଖଲ କରିଥିବା ବେଳେ ଯେଉଁ ସତ୍ୟ ପାଠ ବିବରଣୀ ତାଙ୍କ ସମ୍ପତି ଠାରୁ ଆରମ୍ଭ କରି ଅନ୍ୟ ବିଷୟରେ ଯାହା ସବୁ ଦେଇଛନ୍ତି ସାଧାରଣ ଜନତା ଏହାକୁ ଲଗ୍ ଅନ୍ କରି ସେହି ସବୁ ସତ୍ୟା ସତ୍ୟ ଜାଣି ପାରିବେ । ଏହା ସମ୍ପୂର୍ଣ୍ଣ ନିରର୍ଥକ କାରଣ ଆମ ଦେଶର ସାଧାରଣ ଜନତା ସମସ୍ତେ ଶିକ୍ଷିତ ନୁହନ୍ତି ।ଦେଶ ସ୍ୱାଧୀନ ହେବାର ୭୫ ବର୍ଷ ପରେ ମଧ ଆଜି ଦିନରେ ବି ଲୋକ ମାନେ ଟିପ ଚିହ୍ନ କୁ ନିଜର ଦସ୍ତଖତ ଭାବରେ ସ୍ୱକୃତି ଦେଉଛନ୍ତି ,ଏବେବି ଅନେକ ସହର ତଥା ଗାଁ ବା ଅନେକ ଯାଯାବର ଶ୍ରେଣୀୟ ଲୋକମାନେ ସାରା ଜୀବନ ବୁଲି ବୁଲି ବ୍ୟବସାୟ କରୁଥିବାରୁ ସେମାନେ ଶ୍ରୀ ଅକ୍ଷର ବିବର୍ଜିତ୍ ।ଏମାନେ କେବେବି କୌଣସି ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ନଜର ରେ ଆସନ୍ତି ନାହିଁ କିନ୍ତୁ ଯେହେତୁ ସେମାନେ ମଧ ଆମ ଦେଶର ନାଗରିକ କାରଣ ସେମାନେ ପ୍ରାୟ ଗୁଜୁରାଟ , ରାଜସ୍ଥାନ ,କର୍ଣ୍ଣାଟକ , ଆନ୍ଧ୍ର,କେରଳ ,ପଶ୍ଚିମବଙ୍ଗ ର ମୂଳ ଅଧିବାସୀ ଓ ସାରା ଦେଶରେ ବୁଲି ବୁଲି ବ୍ୟବସାୟ କରନ୍ତି । ତା ଛଡା ଦିନ ମଜୁରିଆ ,ଚ଼ାଷୀ ,ଅଟୋ ଚ଼ାଳକ ଏପରି ଅନେକ ଅପାଠୁଆ ଅଛନ୍ତି ଯେଉଁ ମାନେ କି ଏଭଳି ସ୍ଥିତିରେ ସେହି ଲୋକ ମାନେ ଯଦି ତାଙ୍କ ଅଞ୍ଚଳ ର ନିର୍ବାଚନ ପାଇଁ ପ୍ରାର୍ଥୀ ହୋଇ ଥିବା ଲୋକଟି ବିଷୟରେ ସରକାରୀ ବିଜ୍ଞାପନ ଜରିଆରେ ଜାଣିବାକୁ ଚେଷ୍ଟା କଲେ ମଧ ଜାଣି ପାରିବେ ନାହିଁ କାରଣ ସେମାନେ ଏହି ପଦ୍ଧତି କୁ କେବେବି ଆପଣେଇ ପାରିବେ ନାହିଁ । ଏ ତ ଗଲା ଅଶିକ୍ଷିତ ମାନଙ୍କ କଥା ସେହି ପରି ଜଣେ ଶିକ୍ଷିତ ହେଲେ ମଧ ଶତକଡା ୭୦ ଭାଗ ଲୋକ ମଧ ମୋବାଇଲ ବା କମ୍ପ୍ୟୁଟର ଚ଼ଳାଇ ଶିଖି ନାହାନ୍ତି ତେବେ ସେମାନେ କିପରି ଏହି ବିଜ୍ଞାପନ ମାଧ୍ୟମ ରେ ନିଜ ଅଞ୍ଚଳ ର ପ୍ରାର୍ଥୀ ବିଷୟ ରେ ସମସ୍ତ ପ୍ରକାର ଜାଣି ପାରିବେ ଏହା କେବେବି ସମ୍ଭବ ନୁହେଁ ।ଯେପରି ସରକାର ଚ଼ାଷୀ ମାନଙ୍କ ପାଇଁ ଧାନ ମଣ୍ଡିରେ ବିକ୍ରି କରିବା ପାଇଁ ଅନ୍ ଲାଇନ୍ ପଦ୍ଧତି ଅବଲମ୍ବନ କଲେ ଓ ତାହା ଆମ ଦେଶର ଅଶିକ୍ଷିତ ଚ଼ାଷୀ ମାନଙ୍କ ପାଇଁ ଅତ୍ୟନ୍ତ ଦୁରୂହ ବ୍ୟାପାର ହେଉଛି ତଥାପି ଚ଼ାଷୀ ମାନେ ମଣ୍ଡି ରେ ଥିବା ସରକାରୀ ବାବୁ ମାନଙ୍କୁ ହାତ ଗୁଞ୍ଜା ଦେଇ ଅନ୍ ଲାଇନ୍ ରେ ନିଜର ପଞ୍ଜି କରଣ କରି ଯାହା କିଛି କରିଛନ୍ତି ଓ ଅଭିଯୋଗ କଲେ କେହି ଶୁଣିବାକୁ ନାହାନ୍ତି । ସେହି ପରି ଏ ବିଷୟ ରେ ମଧ ସରକାର ପଦକ୍ଷେପ ନେଇ ନିଜ ତରଫରୁ ପ୍ରାର୍ଥ ମାନଙ୍କ ଶପଥ ପାଠ କୁ ସର୍ବସାଧାରଣ ରେ ଟିଭି ଓ ସମ୍ବାଦପତ୍ର ଜରିଆରେ ପ୍ରକାଶ କରିବା ଉଚ଼ିତ୍ ।କାରଣ ଜଣେ ନିର୍ବାଚ଼ନ ପାଇଁ ପ୍ରାର୍ଥୀ ଯେତେବେଳେ ନିଜର ଅତି ଗୋପନୀୟ ତଥ୍ୟ କୁ ସତ୍ୟ ପାଠ ବିବରଣୀ ରେ ପ୍ରକାଶ କରି ସରକାରୀ ସ୍ତରରେ ଅଧିକାରୀ ଙ୍କୁ ଦେଉଛି ତେବେ ଏଥିରେ ଗୋପନୀୟତା ରହିବା ଉଚ଼ିତ୍ ନୁହେଁ ପୁଣି କେନ୍ଦ୍ର ସରକାର ଏହାକୁ ସର୍ବସାଧାରଣ ରେ ଜାଣିବା ପାଇଁ ଏକ ଅନ୍ ଲାଇନ୍ ପ୍ରକ୍ରିୟା ଆରମ୍ଭ କରିଛନ୍ତି ସେଥିପାଇଁ ସରକାରୀ ସ୍ତରରେ ଏହାକୁ ସାର୍ବଜନୀନ କରିବା ଉଚ଼ିତ୍ ଟିଭି ଓ ସମ୍ବାଦପତ୍ର ଜରିଆରେ ଓ ନିଜ ନିର୍ବାଚ଼ନ ମଣ୍ଡଳୀ ରେ ବଡ ବଡ଼ କାଗଜରେ ପ୍ରାର୍ଥୀ ଙ୍କ ସମସ୍ତ ବିଷୟରେ ଅନେକ ଜାଗାରେ ସର୍ବସାଧାରଣ ଙ୍କ ଅବଗତ ପାଇଁ ରଖିବା ଉଚ଼ିତ୍ ତେବେ ନିର୍ବାଚ଼ନ ରେ ଅନେକ ସ୍ୱଚ଼୍ଛତା ଆସିବ ଓ ଲୋକମାନେ ମଧ ଏହା ଜରିଆରେ ନିଜ ପ୍ରାର୍ଥୀ ମାନଙ୍କୁ ଜାଣି ପାରିବେ ଓ ସେହି ହିସାବରେ ନିଜ ବହୁମୂଲ୍ୟ ମତାମତ ଦେଇ ପାରିବେ । ଏହା ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ କିନ୍ତୁ ଏହାର ଯଥା ସମ୍ଭବ ସର୍ବସାଧାରଣ ଙ୍କ ସେବାରେ ଲାଗିବା ସହିତ ଦେଶର ଉନ୍ନତି ପାଇଁ କାର୍ଯ୍ୟକାରୀ ହେବା ଉଚ଼ିତ୍ ।

*ପ୍ଲଟ ନଂ ୨୫*
*ସୂର୍ଯ୍ୟ ନଗର , ଭୁବନେଶ୍ୱର*
*୯୪୩୭୦୮୪୩୧୨*




# ସମ୍ବର୍ଦ୍ଧନା

ଇ-ସାହିତ୍ୟ ପତ୍ରିକା 'ଭାଗ୍ୟରବି'ର ବାର୍ଷିକ ଉତ୍ସବରେ ଯୋଗଦେବାକୁ କବି ସତ୍ୟ ନାୟକଙ୍କୁ ଯୋଗଦେବାକୁ ନିମନ୍ତ୍ରଣ କରାଯାଇଥିଲା ।ଅନୁଷ୍ଠାନ ତରଫରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯିବାକୁ ମନୋନୀତ କରାଯାଇଛି ବୋଲି ସମ୍ପାଦକ ମହାଶୟ ଆଗୁଆ ସୂଚନା ଦେଇ ସାରିଥିଲେ। ନିଜ କୃତିତ୍ୱ ପାଇଁ ମନେ ମନେ କୃତ୍ୟ କୃତ୍ୟ ହୋଇଯାଇଥିଲେ କବି ସତ୍ୟ ନାୟକ।

ଏଇ ତ ଆରମ୍ଭ ମାତ୍ର ! ଆଗକୁ ଆହୁରି କିଛି ପୁରସ୍କାର ମିଳିବା ଭାବନାରେ ସେ ଅନ୍ୟମନସ୍କ ହୋଇ ଯାଉଥିଲେ ବାରମ୍ବାର। ତାଙ୍କ ଲେଖାକୁ କଟାକ୍ଷ କରୁଥିବା କେତେଜଣ ସାଙ୍ଗ ଙ୍କ କଥା ମନରେ ଆସିଲା। ତାଙ୍କ ଲେଖା କୁଆଡେ ଅପରିପକ୍ୱ ମାନସିକତାର ଦୃଷ୍ଟାନ୍ତ..! ଏମିତି ଅନେକ କୁତ୍ସାରଟନା ର ପ୍ରତିରୋଧ ଅବଶ୍ୟ ସେ କେବେ କରିବାକୁ ଚାହିଁ ନାହାନ୍ତି। ଏବେ ସେମାନଙ୍କୁ ଉଚିତ୍ ଜବାବ ଦେବାର ସୁଯୋଗ ଆସିଛି।

ଏତିକି ବେଳକୁ ମନେ ପଡିଗଲା ତାଙ୍କ ଅନୁଭବରେ ଥିବା ଏକ ଘଟଣା। ଯେଉଁଥିପାଇଁ ସେ ଏ ନିମନ୍ତ୍ରଣକୁ ଗ୍ରହଣ କରିବେ କି ନାହିଁ ଦ୍ୱିଧାରେ ପଡିଗଲେ। ଏମିତି ଆଉ ଏକ ଅନୁଷ୍ଠାନରେ ସେ ନିଜ ନାମକୁ ପଞ୍ଜିକରଣ କରି ରୀତିମତ କବିତା ପୋଷ୍ଟ କରୁଥିଲେ। ଦିନେ ହ୍ୱାଟସ ଆପ୍ ରେ ମେସେଜଟିଏ ଦେଖିଲେ- ' ଆପଣ ସପ୍ତାହର ଶ୍ରେଷ୍ଠ କବି ଭାବେ ମନୋନୀତ ହୋଇଛନ୍ତି। ତଳେ ଦିଆଯାଇଥିବା ଲିଙ୍କକୁ ଆପଣଙ୍କ ଚିହ୍ନା ପରିଚିତ ମାନଙ୍କ ପାଖକୁ ପଠାଇ ଭୋଟ ଦେବାକୁ କୁହନ୍ତୁ। ଆପଣଙ୍କ ଭାଗ୍ୟ ଆପଣ ପାଇଥିବା ଭୋଟ ଉପରେ ନିର୍ଭର କରେ। ଏହାଦ୍ୱାରା ଆପଣ ସିଧା ବାର୍ଷିକ ଶ୍ରେଷ୍ଠ କବି ପ୍ରତିଯୋଗିତାରେ ଜଣେ ପ୍ରତିଯୋଗୀ ରୂପେ ବିବେଚିତ ହେବେ।' ତା ତଳକୁ ଆହୁରି କିଛି ଲୋଭନୀୟ ଉପହାର ର ବିପଣି ଦେଖିଲେ। ସବୁଠୁ ବଡ଼କଥା ହେଲା ପ୍ରଥମ ଥର ପାଇଁ ଗୋଟିଏ ଅନୁଷ୍ଠାନ ତାଙ୍କ ନାମକୁ ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ କରିଛନ୍ତି...!ସତ୍ୟ ନାୟକ ସେଇ ଆଡକୁ ଆଉଜି ପଡ଼ିଲେ।

ସତ୍ୟ ବାବୁ ଲାଇଫ ଇନସୁରାନ୍ସ କ୍ଷେତ୍ରରେ ଏଜେଣ୍ଟ ଭାବେ କାମକରି ଜୀବିକା ନିର୍ବାହ କରନ୍ତି। ଅତଏବ ସେ ଲାଗିପଡିଲେ ତାଙ୍କର ପରିଚିତି ମାନଙ୍କ ପାଖକୁ ଲିଙ୍କ୍ ପଠାଇ ଭୋଟ ପାଇବାକୁ।

ମନୋନୀତ ଅନ୍ୟ କବି ମାନେ ମଧ୍ୟ ଭୋଟ ଯୋଗାଡ଼ରେ ଲାଗିଥିଲେ। ସମସ୍ତ ପ୍ରତିଯୋଗୀଙ୍କର ଭୋଟର ପରିମାଣ ଅପଡେଟ ହେଉଥାଏ। ସତ୍ୟ ବାବୁ ଲାଗିପଡିଲେ ଭୋଟ ଯୋଗାଡ଼ରେ। ବାରମ୍ବାର ଫୋନ୍ କରି ବନ୍ଧୁ ବାନ୍ଧବ ମାନଙ୍କ ଠାରୁ ଆରମ୍ଭ କରି ଚିହ୍ନା ଜଣା ସମସ୍ତଙ୍କୁ ଅନୁରୋଧ କରି ଚାଲିଲେ।

ବହୁତ ଖୁସି ଥିଲେ ସତ୍ୟ ନାୟକ।



ସୁଦର୍ଶନ ମହାପାତ୍ର

ଅନ୍ୟ ମାନଙ୍କ ଭୋଟ ତୁଳନାରେ ସେ ଯଥେଷ୍ଟ ଆଗରେ ଥିଲେ ।ଭୋଟ ଦେବାର ଅନ୍ତିମ ଦିନ ବିତିଗଲା। ଏଥର ଅପେକ୍ଷା ଫଳାଫଳକୁ...!

ଅନୁଷ୍ଠାନ ର ସାଇଟରେ ରେଜଲ୍ଟ ପ୍ରଦର୍ଶିତ ହେଲା। ସତ୍ୟ ବାବୁ ନିଜ ନାମ ତାଲିକାର ଷଷ୍ଠ ସ୍ଥାନରେ ଦେଖି ଯେତିକି ମର୍ମାହତ ହେଲେ ସେତିକି ଆଚମ୍ବିତ ହେଲେ। ତାଙ୍କ ଆଗରେ ଥିଲେ ପାଞ୍ଚଜଣ । ସେମାନଙ୍କ ଠାରୁ ଅନ୍ୟୁନ ଦୁଇ ଶହ ଭୋଟ ପଛରେ ଥିଲେ ସେ ।ଶେଷ ଦିନରେ କେମିତି ସବୁକିଛି ଓଲଟ ପାଲଟ ହୋଇଗଲା..?? କ'ଣ ନେତା ନିର୍ବାଚନ ହୋଇଛି ଯେ ରାତିରେ ନୋଟ୍ ନେଇ ସକାଳେ ଭୋଟ ଦେଲେ??

-' ସତ୍ୟ,ଜିତିଲୁ ତ ? ଜଣେ ଅନ୍ତରଙ୍ଗ ବନ୍ଧୁ ଫୋନ୍ କରି ପଚାରିଲେ।

-' ନା ନା, ମୋ ଠାରୁ ଆହୁରି ଲୋକପ୍ରିୟ କବି ଅଛନ୍ତି । ସେମାନଙ୍କ ପାଇଁ ବହୁତ ଭୋଟ ହୋଇଛି। ମୋତେ କିଛି ବନ୍ଧୁ ଧୋକା ଦେଇଛନ୍ତି। ମୁଁ ଜିତିବି କେମିତି?' ଅଭିମାନରେ କହିଲେ ସତ୍ୟ ନାୟକ।

-' ହେଲେ ବିଶ୍ୱାସ କର। ମୁଁ ଯଥାସାଧ୍ୟ ଚେଷ୍ଟା କରିଛି। ପୁଅ ଝିଅ ଦୁହେଁ ବି ସେମାନଙ୍କ ସାଙ୍ଗ ମାନଙ୍କ ଅନୁରୋଧ କରି ତୋ ପାଇଁ କିଛି ଭୋଟ ସଂଗ୍ରହ କରିଛନ୍ତି।' ସଫେଇ ଦେଲେ ବନ୍ଧୁ ଜଣକ।

-' ଆଚ୍ଛା ଛାଡ ସେ କଥା ।ବେଇମାନି ଚାଲିଛି ସବୁଠି।' ବିଷୋଦଗାର କରୁଥିଲେ ସତ୍ୟ ବାବୁ।

-' ତା ମାନେ ତୁ କ?ହୁଛୁ ମୁଁ ବେଇମାନ।ହଉ ଯାହା ଭାବୁଛୁ କହ। ତୋ ପାଇଁ ଭଲ ଭାବିବା ମୋର ଅପରାଧ।'

-' ଧେତ୍ ତୋତେ ନୁହେଁ।ଏଇ ପ୍ରତିଯୋଗିତା କରୁଥିବା ଅନୁଷ୍ଠାନ କୁ କହୁଛି।' ନରମ ସ୍ୱରରେ କହିଲେ ସତ୍ୟ।

କାଳେ ଆଉ ଭୋଟ ପାଇଁ ସତ୍ୟ ବାବୁ ଫୋନ୍ କରିଛନ୍ତି ଭାବି କିଛି ପରିଚିତ ଲୋକ ଆଉ ଫୋନ୍ ଉଠାଉ ନଥିଲେ ।ଏକରକମ ଏକ ତିକ୍ତ ଅନୁଭୂତି ମନରେ ସାଉଁଟି ସେ ଗ୍ରୁପ୍ ରୁ ନିଜକୁ ଓହରେଇ ଆଣିଥିଲେ ସତ୍ୟ ନାୟକ।

' ହେଲେ ଏବେକାର କଥା ଅଲଗା। ସୋସିଆଲ ମିଡିଆ ପ୍ରତିଯୋଗିତା ନୁହେଁ ଯେ ଠକିଦେବେ। ସମ୍ବର୍ଦ୍ଧନା ଦେବାକୁ ଡାକି କ'ଣ ଧୋକାଦେବେ ! ସେମିତି କେବେ ସମ୍ଭବ ନୁହେଁ। 'ମୁଁ ତ ତାଙ୍କୁ କହିନଥିଲି ମୋତେ ସମ୍ବର୍ଦ୍ଧନା ଦେବାକୁ' ଏମିତି ସବୁ କଥା ନିଜେ ନିଜେ ଗୁଣୁଗୁଣଉଥିଲେ ସତ୍ୟ ବାବୁ।

ସବୁ ତର୍ଜମା, ସବୁ ଭାବନା ନିଜ ଭିତରେ କରି ଶେଷରେ ସତ୍ୟ ବାବୁ ସିଦ୍ଧାନ୍ତ ନେଲେ ଭୁବନେଶ୍ୱର ଯାଇ କାର୍ଯ୍ୟକ୍ରମ ରେ ଯୋଗ ଦେବାକୁ।

ସେଦିନ ରବିବାର ଥିଲା ।ସତ୍ୟ ନାୟକ ପହଞ୍ଚିଗଲେ ମାଷ୍ଟରକ୍ୟାଣ୍ଟିନ ରେଲଓ୍ୱେ ଷ୍ଟେସନରେ। ସେଇଠୁ ପୁଣି ଅଟୋ ଧରି ସଚିବାଳୟ ମାର୍ଗରେ ଥିବା ଦେବମାୟା ଭବନରେ..! ସାଜସଜ୍ଜା ହୋଇ ଝିଅଟିଏ ନମସ୍କାର ଜଣାଇ ସ୍ୱାଗତ କଲା ଗୋଲାପର କଢିଟିଏ ଦେଇ । ସତ୍ୟ ବାବୁ ନିଜକୁ କୃତ୍ୟ କୃତ୍ୟ ମନେକଲେ ।

ପ୍ରେକ୍ଷାଳୟରେ ପ୍ରବେଶ କରିବା ପୂର୍ବରୁ ନିଜର ନାମ, ଠିକଣା, ଫୋନ୍ ନମ୍ବର ଇତ୍ୟାଦି ରେଜିଷ୍ଟ୍ରାର ରେ ଲେଖିବାକୁ ଅନୁରୋଧ କଲେ ଆଉ ଜଣେ ତରୁଣୀ।

ସୁଠାମ ସୁନ୍ଦର ଅକ୍ଷରରେ କବି ସତ୍ୟ ନାୟକ ନିଜ ବିବରଣୀ ଲେଖିଲେ।

-' ଆଜ୍ଞା, ପାଞ୍ଚ ଶହ ଟଙ୍କା ରେଜିଷ୍ଟ୍ରେସନ ଫି ଦିଅନ୍ତୁ। ବାର୍ଷିକ ସଂଖ୍ୟା 'ଭାଗ୍ୟରବି' ବହି ଏବଂ ମଧ୍ୟାହ୍ନ ଭୋଜନ କୁପନ ଗ୍ରହଣ କରନ୍ତୁ।' ତରୁଣୀ ଜଣକ ଯେମିତି ସତ୍ୟ ବାବୁଙ୍କୁ ଏକ ବିଜ୍ଞାପନ କିମ୍ବା ବ୍ୟବସାୟର ତତ୍ତ୍ୱ ବୁଝିବାକୁ ଆହ୍ୱାନ କରୁଥିଲେ।

-' ଆପଣଙ୍କ ପତ୍ରିକାର ସମ୍ପାଦକ,ଭାଗ୍ୟବାନ ବାବୁ କାହାନ୍ତି ? ମୋତେ ସମ୍ବର୍ଦ୍ଧିତ କରିବାକୁ ନିମନ୍ତ୍ରଣ କରିଛନ୍ତି ସେ।' କହିଲେ କବି ସତ୍ୟ ନାୟକ।

-' ହଁ ସାର୍ ଆମେ ଜାଣୁ । ହେଲେ ଏଠାରେ ରେଜିଷ୍ଟ୍ରେସନ କରି ହିଁ ଆପଣ ଭିତରକୁ ଯାଇ ପାରିବେ।'

ଅଗତ୍ୟା ପାଞ୍ଚ ଶହ ଟଙ୍କା ଦେଇ ପତ୍ରିକା ଏବଂ ଖାଇବା କୁପନ ନେଇ କବି ସତ୍ୟ ନାୟକ ହଲ ଭିତରକୁ ପ୍ରବେଶ କଲେ ।ହଲ ଭିତରେ ବି ଭାଗ୍ୟବାନ ବାବୁ ନଥିଲେ ।ସେ ଯେ ଅତିଥି ମାନଙ୍କ ସେବାରେ ନିୟୋଜିତ ଅଛନ୍ତି ବୋଲି କାହା ଠାରୁ ଶୁଣିଲେ ସତ୍ୟ ବାବୁ।

ଅତିଥି ମାନେ ଆସି ମଞ୍ଚାସୀନ ହେଲେ। ଅତିଥି ମାନଙ୍କର ପରିଚୟ ପର୍ବ ପରେ ଆରମ୍ଭ ହେଲା ଅଭିଭାଷଣ। ସାହିତ୍ୟର ଭବିଷ୍ୟତ ପାଇଁ କବି ବା ଲେଖକଙ୍କ ଅବଦାନ ବିଶଦ ଭାବରେ ବର୍ଣ୍ଣନା କଲେ ମୁଖ୍ୟ ବକ୍ତା। ସାହିତ୍ୟ ପ୍ରତି ଆକର୍ଷିତ ଥିବା ବ୍ୟକ୍ତି ସମ୍ବର୍ଦ୍ଧିତ ହେବା ପାଇଁ ଲାଳାୟିତ ହେବା ଉଚିତ ନୁହେଁ ବୋଲି କହିଲେ ମୁଖ୍ୟ ଅତିଥି।

ଅଭିଭାଷଣ ସରିଲା ବେଳକୁ ପୁସ୍ତକ ଉନ୍ମୋଚନ ପର୍ବ। ତା'ପରେ ଭୋଜନ ବିରତି ।କୁପନ ଧରି ଲାଇନରେ ଠିଆ ହୋଇ ଖାଇବା ଶେଷକଲେ କବି ସତ୍ୟ ନାୟକ।

ଭୋଜନ ବିରତି ପରେ କାର୍ଯ୍ୟକ୍ରମର ଦ୍ୱାତୀୟାର୍ଦ୍ଧରେ ଆରମ୍ଭ ହେଲା କବିତା ପାଠ ।କବି ସତ୍ୟ ନାୟକଙ୍କୁ ବି ନିଜ କବିତା ପଢିବାକୁ ସୁଯୋଗ ମିଳିଲା। ତା'ର ପ୍ରତି ବଦଳରେ ତାଙ୍କ ହାତରେ ଧରେଇ ଦିଆଗଲା ଛୋଟ ମୋମେଟମ ସାଙ୍ଗକୁ ସାର୍ଟିଫିକେଟ ଟିଏ। ସିଟକୁ ଆସି ସାର୍ଟିଫିକେଟ ର ବିଷୟବସ୍ତୁ ପଢିବା ଆଗରୁ ପାଖ ସିଟ ରୁ ଶୁଭିଲା -' ଆଜ୍ଞା,ଆଉ କ'ଣ ପଢୁଛନ୍ତି? କବିତା ପାଠୋତ୍ସବରେ ଯୋଗଦାନ ପୂର୍ବକ ଏ ପ୍ରଶଂସାପତ୍ର।' ସତ୍ୟ ବାବୁ ଖୁସି ହୋଇ ଅନ୍ୟ କବି ମାନଙ୍କର କବିତା ଶୁଣିବାରେ ମନୋନିବେଶ କଲା ଭିତରେ ସମ୍ବର୍ଦ୍ଧନା ପର୍ବକୁ ଅପେକ୍ଷା କରି ର?ହିଲେ।

ହେଲେ ହଲ୍ କ୍ରମେ ଫାଙ୍କା ହେବାରେ ଲାଗିଲା। ସତ୍ୟ ବାବୁଙ୍କ ମନରେ ସଂଶୟ ଜାତ ହେବା ସ୍ୱାଭାବିକ। ଆଉ କେହି ନାହାନ୍ତି କବିତା ପଢିବାକୁ। ଅତିଥି ମାନଙ୍କୁ ଧନ୍ୟବାଦ ଅର୍ପଣ କଲେ ଭାଗ୍ୟରବି ର ସଂପାଦକ ମହୋଦୟ।

ସତ୍ୟ ବାବୁ ଫେରିଲା ବେଳକୁ ଭାଗ୍ୟବାନ ବାବୁ ତାଙ୍କୁ ଚି?ହ୍ନିଲା ଚିହ୍ନିଲା ଆଖିରେ ଚାହିଁଲେ।- ' ଆପଣ ସତ୍ୟ ନାୟକ ନିଶ୍ଚୟ। ଆପଣଙ୍କ କବିତା ଗୁଡିକ ଖୁବ୍ ସୁନ୍ଦର। ଆଜି କବିତା ପଢିଥିଲେ ନା ! ସାର୍ଟିଫିକେଟ ମିଳିଲା ତ ?' ସତ୍ୟ ବାବୁଙ୍କ ଉତ୍ତର ଶୁଣିବା ଭିତରେ ଆଉ ଜଣେ କବି ବନ୍ଧୁଙ୍କୁ କୁଣ୍ଢାଇ ଧରି ସାରିଥିଲେ ଭାଗ୍ୟବାନ ବାବୁ।

ତାଙ୍କ ଆଡକୁ ଆଶ୍ଚର୍ଯ୍ୟ ହୋଇ ଚାହିଁ ର?ହିଥିଲେ କବି ସତ୍ୟ ନାୟକ...! ହାତରେ 'ଭାଗ୍ୟରବି' ପତ୍ରିକା ଓ ସାର୍ଟିଫିକେଟ ଟିର ମୂଲ୍ୟାଙ୍କନ କରିବା ଭିତରେ ମଧ୍ୟାହ୍ନ ଭୋଜନରେ ମିଳିଥିବା ଭାତ, ଡାଲମା, ଖଟା, ଖିରି ଆଦିର ମୂଲ୍ୟ ଯୁକ୍ତ କଲେ ତା ସହିତ ଏବଂ ବାଲେଶ୍ୱରରୁ ଯିବା ଆସିବା ଗାଡି ଭଡା , ରେଜିଷ୍ଟ୍ରେସନ ଫି ସବୁକୁ ଯୁକ୍ତ କରି, ପ୍ରଥମ ଯୋଗଫଳକୁ ଦ୍ୱିତୀୟ ଯୋଗଫଳରୁ ବିୟୁକ୍ତ କରୁ କରୁ ଟ୍ରେନ ଧରିବାକୁ ମାଷ୍ଟରକ୍ୟାଣ୍ଟିନ ଆଡେ ମୁହାଁଇଥିବା ଅଟୋ ଧରିଲେ ସତ୍ୟବାବୁ।

*କୁଞ୍ଜବିହାରୀ ଲେନ୍, କଟକ*

# ଭୂମିକା

ସମ୍ବିତ ଗଣିତରେ ଟିକିଏ ଦୁର୍ବଳ ବୋଲି ଅନୁଭବ କଲେ ସୁଧାଂଶୁ ସାର୍। ଗଣିତ କୁ ବାରମ୍ବାର ଅଭ୍ୟାସ କଲେ ସେ ବି ଭଲ କରିପାରିବ ବୋଲି ସମ୍ବିତ କୁ ବୁଝାଇଲେ ସାର୍। ସେ ବି ସୁନା ପିଲାଟି ପରି ଏବେ ଠାରୁ ମନଦେଇ ପଢ଼ାପଢ଼ି କରିବ ବୋଲି ସାରଙ୍କ ମନରେ ବିଶ୍ୱାସ ଭରିଲା।

ଦିନେ ଅଜଣା ଫୋନ୍ ନମ୍ବର ଦେଖି ଦ୍ୱିଧାରେ ଫୋନ୍ ଉଠାଇଲେ ସାର୍ ଆଉ ଜାଣିଲେ ସମ୍ବିତ ଫୋନ୍ କରିଛି।

-' ସାର୍ ପ୍ରଣାମ। ମୁଁ ସମ୍ବିତ। ହ୍ୱାଟସ ଆପ୍ ରେ ଗୋଟିଏ ପ୍ରଶ୍ନ ପଠାଇଛି। କେମିତି ହେବ ମୁଁ ଜାଣି ପାରୁନି।'

ସେଦିନ ଥିଲା ରବିବାର।

' ଠିକ୍ ଅଛି, ମୁଁ ଦେଖୁଛି ' କହି ଫୋନ୍ ରଖିଲେ ସାର୍। ପ୍ରଶ୍ନଟିର ଉତ୍ତର କରି ସେଇ ହ୍ୱାଟସ ଆପ୍ ରେ ତା ପାଖକୁ ଉତ୍ତର ପଠାଇ ଦେଲେ ସାର୍। ସଙ୍ଗେ ସଙ୍ଗେ 'ଧନ୍ୟବାଦ' ଲେଖି ମେସେଜ ପଠାଇଲା ସମ୍ବିତ।

ପରଦିନ ଥିଲା ଗଣିତ କ୍ଲାସ। ସେଇ ସମାନ ପ୍ରଶ୍ନର ଉତ୍ତର ଆସୁନଥିଲା ଆଉ ଜଣେ ଛାତ୍ରକୁ। ସାର୍ ତତକ୍ଷଣାତ୍ ସମ୍ବିତ କୁ ଡାକି ବୋର୍ଡରେ ଉତ୍ତର ଲେଖିବାକୁ ନିର୍ଦ୍ଦେଶ ଦେଲେ। ହେଲେ ସେ ବିଫଳ ହେଲା। ସାର୍ ଆଶ୍ଚର୍ଯ୍ୟ ହେବା ସ୍ୱାଭାବିକ। ଉତ୍ତର ଟିକୁ ଆଉଥରେ ବୁଝାଇଦେଲେ ବୋର୍ଡରେ।

ଦିନେ ଦୁଇଦିନ ଯାଇଛି କି ଠିକ୍ ସେଇ ଅପରାହ୍ନ ଦୁଇଟା ସମୟରେ ସମ୍ବିତ ଆଉ ଗୋଟିଏ ପ୍ରଶ୍ନ ପଠାଇଲା। ସେଦିନ ଥିଲା ରାମନବମୀ । ସ୍କୁଲ ଛୁଟିଥିଲା ।ପରକ୍ଲାସରେ ବୁଝେଇ ଦେବେ ବୋଲି ସାର୍ ତାକୁ ମେସେଜ ପଠାଇଦେଲେ। ଆଗଥର ଭଳି ' ଧନ୍ୟବାଦ ସାର୍ ' ମେସେଜ ପଠାଇଲା ସମ୍ବିତ।

ପ୍ରଚଣ୍ଡ ଖରା ଯୋଗୁ ସ୍କୁଲ ଛୁଟି ଘୋଷଣା କଲେ ସରକାର। ଛୁଟି ଭିତରେ ଏମିତି କେତେଥର ଫୋନ୍ କରି ପ୍ରଶ୍ନର ଉତ୍ତର ଚାହିଁଥିଲା ସମ୍ବିତ। ତାକୁ ସକାଳେ କିମ୍ବା ରାତିରେ ଫୋନ୍ କରିବାକୁ ସାର୍ କହିଥିଲେ ବି ସେ ଅଧିକାଂଶ ଦିନ ବିଶ୍ରାମ ନେବା ସମୟ ଦ୍ୱିପହର ଦୁଇଟାରୁ ତିନିଟା ଭିତରେ ଫୋନ୍ କରୁଥିବାରୁ ସାର୍ ମନେ ମନେ ଅଶାନ୍ତି ହେଲେ। ବେଳେ ବେଳେ ଫୋନ୍ ନ ଉଠାଇ ' ବ୍ୟସ୍ତ ଅଛି, ସନ୍ଧ୍ୟାରେ ଫୋନ୍ କରିବୁ' ବୋଲି ମେସେଜ ଦେବାକୁ ବାଧ ହେଲେ।

ଖରାଦିନ ଛୁଟି ସରିଯାଇଥିଲା ।ସ୍କୁଲ ଖୋଲିବାର କିଛି ଦିନ ପରେ ତ୍ରୈମାସିକ ପରୀକ୍ଷା ହେଲା।

କ୍ଲାସ ଟେଷ୍ଟ ଭଳି ସମ୍ବିତ ଏ ପରୀକ୍ଷାରେ ମଧ୍ୟ ଖରାପ କରିଥିଲା। ସାର୍ ତା ରେଜଲ୍ଟ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ ।କାରଣ ସେ ଭାବିଥିଲେ ସମ୍ବିତ ଏଥର ମନଦେଇ ପଢ଼ାପଢ଼ି କରିଛି ଏବଂ ନିଶ୍ଚୟ ଭଲ ନମ୍ବର ଆଣିବ ।



ରତ୍ନକାନ୍ତି ମିଶ୍ର

ସମ୍ବିତକୁ କ୍ଲାସରେ ସାର୍ ପାଖକୁ ଡାକିଲେ ଏବଂ ପରୀକ୍ଷା ଖରାପ ହେବାର କାରଣ ପଚାରିଲେ। ପରୀକ୍ଷା ବେଳକୁ ତା'ର ଦେହ ଖରାପ ଥିଲା ବୋଲି ସାରଙ୍କୁ ସଫେଇ ଦେଲା ଯାହା ସାର ବିଶ୍ୱାସ କଲେନାହିଁ।

ସେଦିନ ସ୍କୁଲ ଛୁଟି ହେଲାବେଳକୁ ସାରଙ୍କ ପାଖକୁ ଆସିଲା ସମ୍ବିତର ସାଙ୍ଗ ସୁଧୀର।

-'ଦିନ ଦୁଇଟା ତିନିଟା ବେଳେ ସମ୍ବିତ ତା ମା'ଙ୍କ ଠାରୁ ଫୋନ୍ ଆଣେ ପାଠ ପଢିବ ବୋଲି କହି। ଦିନେ ଦିନେ ତା' ମାଆ ତାକୁ ଫୋନ୍ ନଦେଲେ ସେ ସାରଙ୍କୁ ପାଠ ପଚାରିବ ବୋଲି କହି ଫୋନ୍ ନେଇଆସି ଗେମ୍ ଖେଳେ। '

-'ସାର୍, ମୁଁ ବି ଚାହୁଁଛି ସମ୍ବିତ ଠିକ୍ ଭାବରେ ପାଠ ପଢୁ। ହେଲେ ଯେତେ ବୁଝାଇଲେ ବି ସେ ବୁଝୁନି। ଆପଣଙ୍କ ନାଁ କହି ସେ କେମିତି ତା ମାଆଙ୍କ ଠାରୁ ଫୋନ୍ ଆଣି ଗେମ୍ ଖେଳୁଛି ମୋତେ ନିଜେ କହିଥିଲା।' କହିଲା ସୁଧୀର।

ସାର୍ ଏସବୁ କଥା ଶୁଣି ଆଶ୍ଚର୍ଯ୍ୟ ହେଲେ।

ପ୍ୟାରେଣ୍ଟସ ଟିଚ୍‌ର୍ସ ମିଟିଂ ରେ ସମ୍ବିତର ଖରାପ ନମ୍ବର ବିଷୟରେ ସ୍କୁଲ ଆଉ ଶିକ୍ଷକ ମାନଙ୍କୁ ଦୋଷାରୋପ କଲେ ସମ୍ବିତର ବାପା ମା। ସୁଧୀର ବିଷୟରେ ନକହି,ସମ୍ବିତ କରିଥିବା କାରସାଦି ବିଷୟରେ ତା ବାପାମାଆଙ୍କୁ ସମ୍ୟକ ସୂଚନା ଦେଲେ ସାର୍। ସମ୍ବିତ ଏସବୁ କଥା ସ୍ୱୀକାର କରିଥିଲା।

ସେତେବେଳକୁ ତଳକୁ ମୁହଁ ପୋତିଲେ ସମ୍ବିତ ର ମାଆ। ପିଲାକୁ ଭଲ ମଣିଷ କରିବାର ଦାୟିତ୍ୱ କେବଳ ଶିକ୍ଷକଙ୍କର ନୁହେଁ, ପିତାମାତାଙ୍କର ବି ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ବୁଝାଇଲେ ସୁଧାଂଶୁ ସାର୍।

ପର ପରୀକ୍ଷା ପାଇଁ ସମ୍ବିତ ସତକୁ ସତ ଖୁବ୍ ମନଦେଇ ପାଠ ପଢିଥିଲା ଏବଂ ଭଲ ନମ୍ବର ରଖିଥିଲା। ସୁଧାଂଶୁ ସାର୍ ତାକୁ ଆହୁରି ଭଲ କରିବାକୁ ପ୍ରୋତ୍ସାହିତ କରିଥିଲେ। ସମ୍ବିତ ର ବାପା ମା ମଧ୍ୟ ବହୁତ ଖୁସି ହେଲେ ଏବଂ କଥା ଅନୁଯାୟୀ ସମ୍ବିତକୁ ପୁରୀ ବୁଲାଇବାକୁ ନେଇଗଲେ।

ଜଗନ୍ନାଥ ଦର୍ଶନ ଏବଂ ପରିକ୍ରମା ମାର୍ଗ ସହ ସମୁଦ୍ରକୂଳରେ ବୁଲି ସମ୍ବିତ ଖୁବ୍ ଖୁସି ହେଲା।

*ଆଳି, କେନ୍ଦ୍ରାପଡା*

## ବସନ୍ତ

*ସୁରେନ୍ଦ୍ର ନାଥ ସାହୁ*



ଦେହେ ନୂତନତା
ହୁଏ ପଲ୍ଲବିତ
ପତ୍ର ଝଡା ଦେଲା ପରେ
ବସନ୍ତ କଳାକାର
ନିର୍ଦ୍ୱନ୍ଦ ପ୍ରତିଦ୍ୱନ୍ଦୀ
ଆସେ ଢଳି ମହୀପୁରେ।
ବିନା ଆମନ୍ତ୍ରଣେ
ଚଇତି ଆସଇ
ଦେଖିଣ ମାହେନ୍ଦ୍ର ବେଳା।
ଚନ୍ଦନ ସାଥିରେ
ଚୋରା ପ୍ରିତି କରି
ନିସ୍ୱାର୍ଥ ରଚେ ରାସକଳା ।
ପତରେ ପତରେ
ରଙ୍ଗୀନ୍ ଆସର
ବସେ ସହଜେ ସତରେ।
ପେନ୍ଥା ପେନ୍ଥା ଫୁଲ
ଫୁଟି ମହକଇ
ଗୁଣୁ ଗୀତ ଗାଆନ୍ତି ଭ୍ରମରେ।
ମଞ୍ଜୁଳା ମଞ୍ଜରୀ
ରସାଳ ସ୍ୱପ୍ନ ଧରି
ଝୁଲଇ ଆମ୍ବ ଡାଳରେ।
ପ୍ରାଣ ପ୍ରଫୁଲ୍ଲିତ
ହୁଅଇ ସହଜେ
ସ୍ୱର କୋଇଲି ଡାକରେ।
ଦେଖି ଫଗୁଣର
ରଙ୍ଗର ବାସର
ରାଗ ଦ୍ୱେଷ ଦହିଯାଏ।
ଚଇତି ଚାତୁରି
ପଣା ଭାଣ୍ଡଧରି
ନବବର୍ଷର ସ୍ୱାଦ ଚଖାଏ।
କିଚିରି ମିଚିରି
ଶବ୍ଦ ବାଜଣାରେ
ନାଚନ୍ତି ସନ୍ଧ୍ୟା ଓ ଉଷା।
ରବି ଫସଲର
ଖେତ ଦେଖି ହସେ
ମାଟିର ମଣିଷ ଚଷା ।

*କଳମ୍ବ (ଡିହସାହି)*
*ପୋଲସରା*
*ଗଞ୍ଜାମ-୭୬୧୧୦୫*
*ମୋ :୮୧୨୮୯୧୯୨୫୬*

## ମାଟି ମା'

*ଆଦ୍ୟାଶା ମହାପାତ୍ର*



ସୁଜଳା ସୁଫଳା ଶସ୍ୟ ଶ୍ୟାମଳା
ଏଇ ମାଟି ମାଆ ମୋର
ଅସମାନ୍ୟା ସିଏ ସୁଷମା ମଣ୍ଡିତ
ନାହିଁ ତା'ର ପଟାନ୍ତର ॥
କେତେ ଜୀବଜନ୍ତୁ କୀଟ ଓ ପତଙ୍ଗ
ପଶୁପକ୍ଷୀ ନରନାରୀ
ବୃକ୍ଷ ତରୁଲତା ଗୁଳ୍ମ ଯେ ପାଳିଛି
ସଭିଙ୍କୁ ଆପଣା କରି ॥
ଅଭାବ ରଖିନି ଆହାର ଦେଇଛି
ସଭିଙ୍କର ମୁଖେ ସିଏ
ଜଳ ସ୍ଥଳ ବନ ପର୍ବତ ସମୁଦ୍ର
ତା କୋଳରେ ଶୋଭାପାଏ ॥
ତା ଗର୍ଭରେ ପରା ସାଇତା ହୋଇଛି
ସୁନା ରୂପା ହୀରା ମୋତି
ଆକାଶେ ଉଇଁଲେ ଉଜ୍ଜ୍ୱଳ ଜ୍ୟୋତିଷ୍କ
ଝଲସେ ମାଟି ମା' ଦୀପ୍ତି ॥
ସବୁ ଥାଇ ଆଜି ଶିରୀ ତା ତୁଟିଛି
ମଣିଷର ଉପଦ୍ରବେ
ପ୍ରକୃତି ରଚୁଛି ପ୍ରଳୟ ତାଣ୍ଡବ
ସତେ ସେଇ ପରାଭବେ ॥
ସବୁଜ ସୁନ୍ଦର ହୋଇଲେ ଧରଣୀ
ହସିବ ସିନା ଜଗତ
ମାଟି ମା' ସୁରକ୍ଷା ଆମର ଦାୟିତ୍ୱ
ସଭିଏଁ ନେବା ଶପଥ ॥

*ନୂଆପଡା, କଟକ*

## ଈଶ୍ୱର ତୁମେ କେଉଁଠି ?

*ଡ.ମନୋରଞ୍ଜନ ବିଷୋୟୀ*



ଜନ୍ମ ପୂର୍ବରୁ ତ
ସବୁ ହିସାବ ନିକାଶ ସରିଥାଏ
ତଥାପି କାହିଁକି ମଣିଷର
ଏତେ ଅଭାବ ରହିଯାଏ ?
ସର୍ବଦା ସେ ତୁମକୁ ଖୋଜୁଥାଏ
ଆଉ ପାଇଗଲେ ତୁମକୁ
କିଛି ମାଗିବ ବୋଲି
ମନେ ମନେ ମସୁଧା କରୁଥାଏ ।
ତେଣୁ ତ ତୁମକୁ ଖୋଜିବାକୁ
ଏ ମନ୍ଦିରରୁ ସେ ମନ୍ଦିର
ସେ ଘୁରି ବୁଲୁଥାଏ ।
ଆଉ ଆତୁର ଡାକରେ ଡାକି
ହାତ ପାତି କେତେ କ'ଣ ମାଗୁଥାଏ ।
ତଥାପି ସେ କ'ଣ କିଛି ପାଏ ?
ନା' ତାର ଆତ୍ମାର କାକଳି
ତୁମ ପାଖରେ ପହଞ୍ଚିଥାଏ ?
ମାଗୁଥିବା ଜିନିଷ ନପାଇ
ତା' ମନ କେବଳ
ରାଗ ଅଭିମାନରେ ଭରି ରହିଥାଏ ।
କାରଣ ମାଗୁଥିବା ସବୁକିଛି ପାଇଗଲେ
କେହି କ'ଣ ତୁମକୁ ଖୋଜୁଥାନ୍ତା ?
ନା' ତୁମ ମନ୍ଦିରକୁ ଆସୁଥାନ୍ତା ?
ତେଣୁ ତ ତୁମେ ଈଶ୍ୱର
ଆମେ ମଣିଷ
ନ ହେଲେ ଏ ମଣିଷ
କେବେଠୁ ତୁମ ଜାଗା ମାଡ଼ି ବସିଥାନ୍ତା ।

*ଦାମୋଦରପୁର, ଗଂଜାମ*
*ମୋ:୮୮୯୫୧୪୧୭୨୭*

## ସମର୍ପଣ

*ଉମେଶ ଚନ୍ଦ୍ର ପାତ୍ର*



ପ୍ରତିଜ୍ଞାର ଦ୍ୱାହି ଦେଇ
ନେଇଗଲ ଯେତେ ସବୁ
ଅସରନ୍ତି ଉଦ୍ଦୀପନା
ଅନ୍ତରଙ୍ଗ ଆବେଗ ମୂର୍ଚ୍ଛନା
ଏବେ ଖାଲିବ
ଛନ୍ଦହୀନ , ରାଗହୀନ
କ୍ରମଶଃ ଶବ୍ଦହୀନ ......
ନିଃସ୍ୱ ଏ ଜୀବନ ।
ପ୍ରଣୟର ରାଣ ଦେଇ
ମୋହାଚ୍ଛନ୍ନ କରିଲ ଜୀବନ
ପ୍ରାଣ ଏବେ ନୀରବ ନିଶ୍ଚଳ
ତନ୍ଦ୍ରାବେଶ ଭାଜିବା ମୁହୂର୍ତ୍ତ
ଛାଇଆଲୁଅର ସ୍ଥିତି
ଯାଏ ଚାଲି
ସ୍ମୃତି ସବୁ ହଜିଲା ଦିନର ।
ବନ୍ଧୁତାର ପଣ ରଖି
ଛଳନାରେ ହରିନେଲ
ପାର୍ଥର ସାମର୍ଥ୍ୟ
ଅଭିମାନ ମାନଗୋବିନ୍ଦର
ଅପାଶୋରା କ୍ଷଣ ଭୀଷ୍ମ ପ୍ରତିଜ୍ଞାର
ଜୀଇଁବାର ମିଛ ବାହାନାରେ
ମିଛ ଅଭିନୟ
କଣ୍ଢେଇ ନାଚର ନାୟକର ।
କାଳର ଆବର୍ତ୍ତରେ
ଲୁହ ସାଥେ ବନ୍ଧୁତା କରିଛି
ସବୁ ଅଭିଳାଷ ମୁରୁଛି ଦେଇଛି
ଉସମର୍ପଣ କରିଛି ଜୀବନ ....
ସମୟର ହାତରେ ।

*ଛତିଆ, ଯାଜପୁର*
*ମୋ - ୯୮୫୩୫୮୯୪୩୨*

## କବିତା ଖାତା

*ନିରଞ୍ଜନ ସାହୁ*



କବିତା ଖାତାର ପୃଷ୍ଠା ଲେଉଟାଇ
ଯେତେବେଳେ ମୁହିଁ ପଢେ
ଲାଗୁଥାଏ ସତେ ତୁମକୁ ନେଇ ମୁଁ
କବିତା କୋଣାର୍କ ଗଢେ ।
ଖାତାରେ ଯେତେ ମୁଁ କବିତା ଲେଖିଛି
ସବୁଠି ତୁମକୁ ଦେଖେ
ବୁଝି ମୁଁ ପାରେନା ତୁମକୁ ନେଇ ମୁଁ
କାହିଁକି କବିତା ଲେଖେ
ଏବେବି ଯାହା ମୁଁ କବିତା ଲେଖୁଛି
ତୁମ ଭାବନାରେ ଷଢେ ।
ତୁମେ କବିତାରେ ନାୟିକା ସାଜିଛ
ସାଜି ଲାସ୍ୟମୟୀ ମୂର୍ତ୍ତି
ସେହି କବିତାକୁ ପଢ଼ିଦେବ ଯିଏ
ମନ ହୋଇଯିବ ଫୁର୍ତ୍ତି
ନିଖୁଣ ଭାବରେ ତୁମକୁ ବର୍ଣ୍ଣିବି
ଏ ନିଶା ମନରେ ଚଢେ ।
କୋଣାର୍କ ଯେପରି କଳା କାରିଗରୀ
ଦର୍ଶକର ମନ ଜିଣେ
ସେପରି ବହିଟେ ପ୍ରକାଶ କରିବି
ପାଠକ ଯେପରି କିଣେ
ମନପ୍ରାଣ ଦେଇ ଏ ଅଧମ କବି
ଆଗକୁ ଆଗକୁ ବଢେ ।

*ନିହଲ ପ୍ରସାଦ, ଗଁଡିଆ ପାଟଣା*
*ଢେଙ୍କାନାଳ*
*ମୋ : ୯୯୩୮୭୪୧୫୮୩*

## ଜୀବନ

*ବାଦଲ ଭୂୟାଁ*



ବନ୍ଧୁମାନେ କାହିଁକି କରୁଛ
ମାନ ଅଭିମାନ
କାହିଁକି ଏ ମନୋମାଳିନ୍ୟର କୋଳାହଳ
ଏତେ ରାଗ ରୋଷର କାରଣ କଣ ପାଇଁ
ଜୀବନ ମାନେ କ'ଣ ସାଙ୍ଗ ସାଥିଙ୍କ
ସହିତ କଳିତ କରାଳ,
ମତାନ୍ତର, ଭାବାନ୍ତର।
ଏଇ ଜୀବନ ଜଞ୍ଜାଳ
ଭିତରେ ବିତିଗଲାଣି
କେତେ ଯୁଗ, ମଣିଷର
କେତେ ଯେ ଆୟୁଷ
କେତେ ମନ ମରମ
ସବୁ ହଜି ଏ ପୃଥିବୀ ପୃଷ୍ଠରୁ
ନେଲେଣି ବିଦାୟ
ନୂଆ ଜନ୍ମ ଜୀବନରେ
ସକଳ ମୁହୂର୍ତ୍ତ ହେଉଛି
କୋଳାହଳମୟ
ଚାଲ ସାଙ୍ଗ, ସବୁ ବନ୍ଧୁ
ମୋର ସଭିଙ୍କର ଦୁଃଖ
ଶୋକ ବିଷର୍ଣ୍ଣ ବେଳାରେ
ପ୍ରବୋଧନା ବାକ୍ୟ ପଦେ କହି
ସବୁ ମନ ମନ୍ଦିରରେ ଭରିଦିଅ
ପୁଲକର ଗୀତ
ଦେଖିବ ଜୀବନ
ହୋଇଯାଇଛି ବାଙ୍ମୟ,
ଅମୃତ ବଳୟ।
ଚାଲ ସାଥି ମୋର, ଏକା ହୋଇ
ବୃନ୍ଦଗାନ କର ଜୀବନର
ସବୁଥିରେ ଏକ ନୁହେଁ ଅନେକରେ
ଆମ ସର୍ବତ୍ର ମୁଖର
ଏଇକଥା କହି କହି ଜୀବନ
ନଈରେ ସ୍ୱତଃ ବହିଚାଲ
ଦେଖିବ ଚୌହଦି ଜୀବନର
ଲାଗିବ ବିଭୂକ୍ତପାମୟ
ସବୁଜ ସୁନୀଳ ଆଉ ସବୁ ସ୍ୱପ୍ନମୟ।

*୪ଜି, ପ୍ରତାପ ଆପାର୍ଟମେଣ୍ଟ,*
*୭ଏକ୍ସଟେନସନ ରୋଡ଼,*
*ପୁରୁଣା ସୋନାରି, ଜାମସେଦପୁର,*
*ଝାରଖଣ୍ଡ,*
*ଦୂରଭାଷ : ୯୨୦୪୬୫୨୦୬୫ / ୭୪୮୮୯୯୮୫୩୨*

# ରାଜାଙ୍କ ନର୍କପୁର ଗମନ

ସକାଳୁ ସକାଳୁ ନିଦରୁ ଉଠି ହାତ ମୁହଁ ଧୋଉ ଧୋଉ ଦୁଆର ପାଖରେ ଖଟ ଖଟ ଶବ୍ଦ ଶୁଣି ରାଜା ଯାଇ ଦେଖିଲେ ଜଣେ ଭୟଙ୍କର ଦେଖାଯାଉଥିବା ବ୍ୟକ୍ତିଟିଏ ଛିଡା ହୋଇଛି । ରାଜା କିଛି ପଚାରିବା ପୂର୍ବରୁ ବ୍ୟକ୍ତି ଜଣକ କହିଉଠିଲେ ମୁଁ ଯମରାଜ ।କ୍ଷ ତୁମର ମୃତ୍ୟୁର ଦିନ ଆଜି । ତୁମକୁ ମୁଁ ନେବାକୁ ଆସିଛି। ମନ ଦୁଃଖ କରିବ ନାହିଁ,ଯିବାକୁ ହିଁ ପଡିବ କ୍ଷଆଉ ସମୟ ନାହିଁ ଏବେ ସାଙ୍ଗେ ସାଙ୍ଗେ ଚାଲ । ରାଜା ମୃତ୍ୟୁ ଯେ ଏତେ ପାଖରେ,ଭାବିବାକୁ ବି ଟିକେ ସମୟ ନାହିଁ ଜୋରରେ କାନ୍ଦିବାକୁ ଲାଗିଲେ । କାନ୍ଦୁ କାନ୍ଦୁ କହିଲେ ମୁଁ ତ କେତେ ସ୍ୱପ୍ନ ଦେଖିଥିଲି ଜନତାଙ୍କ ପାଇଁ । ଏତେ ବ୍ୟସ୍ତ ରହୁଛି ଯେ ତାଙ୍କ ପାଇଁ କିଛି କରିପାରିନାହିଁ । କିଛି ପୂଣ୍ୟ କାମ କରିନାହିଁ । ଗରିବ ଦୁଃଖୀରଙ୍କଙ୍କ ପାଇଁ ବହୁତ କିଛି କରିବାର ଅଛି । ପୂଣ୍ୟ କାର୍ଯ୍ୟ କରି ସ୍ୱର୍ଗ ପ୍ରାପ୍ତି ହେବାକୁ ମୋର ମନ । ମୋତେ ସମୟ ଦିଅ କହି ଯମରାଜଙ୍କ ଗୋଡ଼ତଳେ ପଡିଗଲେ । ରାଜାଙ୍କର ଏ ଅବସ୍ଥା ଦେଖି ଯମରାଜଙ୍କର ଦୟା ଆସିଲା ଓ ସେ କହିଲେ ଠିକ ଅଛି କିନ୍ତୁ ମୁଁ ପାଞ୍ଚ ବର୍ଷ ପରେ ଆସିବି ତୋ ପୂଣ୍ୟକାମର ହିସାବ ନେବା ପାଇଁ ।

ରାଜା କହିଲେ ଯମରାଜ ଯେତେବେଳେ ଇଚ୍ଛା ଆସନ୍ତୁ କିନ୍ତୁ ମୋର ମୃତ୍ୟୁ ସମୟ ଯେତେବେଳେ ଆସିବ ସେତେବେଳେ କିନ୍ତୁ ମୋତେ ଜଣାଇ ଆସିବେ । ଯମରାଜ ତଥାସ୍ତୁ କହି ପ୍ରତ୍ୟାଗମନ କଲେ ।



ପୂର୍ଣ୍ଣଚନ୍ଦ୍ର ବହଳୀ

ରାଜା ଯମରାଜଙ୍କ ବର ପାଇ ଆନନ୍ଦରେ ଅଧୀର ହୋଇ ନାଚିବାକୁ ଲାଗିଲେ । ଜୀବନ ବହୁତ ବଡ଼ । ଯାହାହେଉ ଯମରାଜ ଦୟା କରିଛନ୍ତି । ଜୀବନକୁ ଉପଭୋଗ କରିବାକୁ ହେବ ।ଏକ ଅହେତୁକ ଆନନ୍ଦରେ ରାଜା ଭୋଗ ବିଳାସରେ ମାତି ରହିଲେ । ପୂଣ୍ୟ କାର୍ଯ୍ୟ କରିବା ଦିଗରେ ମନ ବଳାଇଲେ ନାହିଁ । ଏହା ବ୍ୟତୀତ ରାଜା ଭାବିଲେ ପୂଣ୍ୟ କାମ କରି ପକାଇଲେ କାଳେ ଯମରାଜ ଶୀଘ୍ର ଡାକରା ଦେବେ ସେଥିପାଇଁ ଜନତାଙ୍କ ମଙ୍ଗଳ ଦିଗରେ ବିଶେଷ କିଛି ଧ୍ୟାନ ଦେଲେ ନାହିଁ । ଇତିମଧ୍ୟରେ ଚାରି ବର୍ଷ ବିତିଗଲା । ପଞ୍ଚମ ବର୍ଷ ପଦାର୍ପଣ ହେଲାକ୍ଷଣି ରାଜା ଜନତାଙ୍କ ନିମନ୍ତେ ବହୁ ଯୋଜନା ଘୋଷଣା କଲେ । ଅନ୍ନ ଦାନ, ପୋଷାକ ଓ କମ୍ବଳ ବଣ୍ଟନ, ଘର ନ ଥିବା ଲୋକଙ୍କୁ ବାସଗୃହ ନିର୍ମାଣ ପାଇଁ ଅର୍ଥ ସାହାଯ୍ୟ, ପିଲାମାନଙ୍କ ପଢିବା ପାଇଁ ଉପକରଣ ସହ ପ୍ରତ୍ୟେକ ଦିନ ଖାଦ୍ୟର ବ୍ୟବସ୍ଥା ଇତ୍ୟାଦି ବହୁ କାର୍ଯ୍ୟ ଏହି ଯୋଜନାରେ ଅନ୍ତର୍ଭୁକ୍ତ ଥିଲା । ଯମରାଜ କେତେବେଳେ ବି ଆସି ପହଂଚି ପାରନ୍ତି ଚିନ୍ତାରେ ବି ରାଜା ଥାଆନ୍ତି । କିନ୍ତୁ ପାଞ୍ଚ ବର୍ଷ ବିତିଗଲା ପରେ ମଧ୍ୟ ଯମରାଜ ଆସିଲେ ନାହିଁ ।

ରାଜା ଭାବିଲେ ଯମରାଜ ବୋଧେ ମୋ କଥା ଭୁଲିଯାଇଛନ୍ତି । ଏ ବିଶାଳ ସାମ୍ରାଜ୍ୟ ଭିତରେ ମୋ ମୃତ୍ୟୁର କଥା କଣ ତାଙ୍କର ମନେ ଥିବ । ରାଜା ବେପରୁଆ ହୋଇଗଲେ । ଯୋଜନା ସବୁ କାର୍ଯ୍ୟକାରୀ କରିବାରେ ମନ ବଳାଇଲେ ନାହିଁ । ତେବେ ପ୍ରତି ପାଞ୍ଚ ବର୍ଷ ଶେଷ ଭାଗକୁ ଯମରାଜଙ୍କ ଆସିବା ଆଶଙ୍କାରେ କିଛି ଜନହିତକର କାର୍ଯ୍ୟରେ ମନୋନିବେଶ କରନ୍ତି । ପୁଣି ଯେପରିକି ସେପରି ।

ହଠାତ ଦୁଆର ପାଖରେ କାହାର ଶବ୍ଦ ଶୁଭିଲା, ଆରେ ଏବେ ଘରୁ ବାହାର । ତୋର ମୃତ୍ୟୁ ସମୟ ହୋଇଗଲା । ମୋ ସହିତ ନର୍କକୁ ଚାଲ । ରାଜା ଘରୁ ବାହାରି ଆସି ଦେଖିଲେ ଯମରାଜ ଛିଡା ହୋଇଛନ୍ତି । ରାଜା ପୁଣି କାନ୍ଦିବାକୁ ଲାଗିଲେ ଓ ଯମରାଜଙ୍କୁ କହିଲେ ଆପଣ ତ କଥା ଦେଇଥିଲେ ମୃତ୍ୟୁ ସମୟ ଆସିବା ଆଗରୁ ଜଣାଇବେ ବୋଲି । ଆପଣ ନ ଜଣାଇ ଆସିଲେ । ମୋର ଆହୁରି ବହୁତ ପୂଣ୍ୟ କାର୍ଯ୍ୟ ଆହୁରି ବାକି ଅଛି । ସେ ସବୁ ଶେଷ ହେବାକୁ ଆହୁରି କିଛି ସମୟ ଆବଶ୍ୟକ ।

ଯମରାଜ ରାଗିକରି କହିଲେ ଆରେ ମୂର୍ଖ ମୁଁ ବହୁତ ଥର ତୋ ପାଖକୁ ଆସିଛି । ଯେତେବେଳେ ତୋ ବାଳ ପଚିବା ଆରମ୍ଭ କଲା, ପୁଣି ବାଳ ଯେତେବେଳେ ପୁରା ଧଳା ହେଲା, ଯେତେବେଳେ ତୋ ଆଖିକୁ କମ ଦେଖାଗଲା, ଯେତେବେଳେ ଥରି ଥରି ଚାଲିବାକୁ ଆରମ୍ଭ କଲୁ, ସବୁ ସମୟରେ ଆସିଛି କିନ୍ତୁ ସମୟକୁ ତୁମେ ବୁଝିପାରିଲ ନାହିଁ । କେଉଁ ପୂଣ୍ୟ କାମ କରିଛ ହିସାବ ଦେଇପାରିବ। ତୁମେ ଜନତାକୁ ଭଣ୍ଡାଇ ପାର କିନ୍ତୁ ମୋତେ ନୁହଁ ।ଭାବିଲ ମୋ ବର ପାଇ ତୁମେ ବଳିୟାନ ହୋଇଗଲ । ମୁଁ ବୋଧେ ତୁମ କଥା ଭୁଲିଯାଇଛି ଭାବି କ୍ଷମତାରେ ରହି ପାପ କଣ ପୂଣ୍ୟ କଣ ପାସୋରିଦେଲ । ତୁମେ ଭାବିନେଲ ଯେ ଯମରାଜାଙ୍କ କାର୍ଯ୍ୟାଳୟ ଏତେବର୍ଷ ପରେ ତୁମ ହିସାବ ଖୋଜି ପାଇବ ନାହିଁ । ଜାଣି ରଖ ତାହା ମର୍ତ୍ତ୍ୟର ତୁମ ଶାସନ ବ୍ୟବସ୍ଥା ଭଳି ନୁହେଁ । ଯମରାଜଙ୍କ କାର୍ଯ୍ୟାଳୟରେ ଟିକିନିଖି ହିସାବନିକାଶ କରାଯାଏ । ମୋ ସହିତ ଏମିତି କରନ୍ତୁ ନାହିଁ ଯମରାଜ । ଏବେ ନର୍କପୁରକୁ ଯିବାକୁ ମୋର ଜମା ମନ ନାହିଁ । ଯମରାଜ ଏକ ବିକଟାଳ ହସ ହସି କହିଲେ ଆରେ ମୂର୍ଖ କ୍ଷମତାରେ ରହି ମସ୍ତ ହେଲୁ । ପୂଣ୍ୟ କର୍ମ କରିବା ପାଇଁ କହି ମୋତେ ଭଣ୍ଡଇବା ସହ ଜନତାକୁ ଭଣ୍ଡାଇ ଚାଲିଛୁ । ତୋ ଶରୀର ଆଉ ପୂଣ୍ୟ କର୍ମ କରିବା ପାଇଁ ସାଥ ଦେବନାହିଁ । ଚାଲ ମୋ ସହିତ.....ତୋର ସ୍ଥାନ କେବଳ ନର୍କରେ। ରାଜା କେବଳ କାନ୍ଦୁଥାଆନ୍ତି ଏବଂ କହୁଥାନ୍ତି ସତରେ କଣ ମୁଁ ମୃତ୍ୟୁ ଲଭିବି । ମୋର ସ୍ଥାନ ପୁଣି ନର୍କପୁରରେ.....ମୋ ସହିତ କାହିଁକି ଏପରି ହେଲା.... ।

*ସମ୍ପାଦକ, ଶିବାନୀ, ଭଦ୍ରକ*




# ଆଜିର ଯୁବପୀଢ଼ି ଓ ବରିଷ୍ଠ ନାଗରିକ

ଭୁବନେଶ୍ୱର(ପିଏନ୍): ଭାରତବର୍ଷର ସ୍ୱପ୍ନ, ସମ୍ଭାବନା ଓ ଭବିଷ୍ୟତ ଦେଶର ଯୁବପିଢ଼ୀଙ୍କ ଉପରେ ନ୍ୟସ୍ତ। ତେବେ ନିକଟ ଭବିଷ୍ୟତରେ ଯୁବ ଶକ୍ତି ଆମ ଦେଶର ସବୁଠାରୁ ବଡ଼ ଶକ୍ତି, ସମ୍ବଳ ଓ ସଂପଦ ହେବାକୁ ଯାଉଛି। ଏ କଥା ବିଭିନ୍ନ ସର୍ବେକ୍ଷଣ ତଥା ପରିସଂଖ୍ୟାନରୁ ସ୍ପଷ୍ଟ ହୋଇଛି। ଏବେ ଆମ ଦେଶରେ ୫୦ ପ୍ରତିଶତଙ୍କ ବୟସ ୨୫ ବର୍ଷ ତଳେ। ଦଶରୁ ଚବିଶ ବର୍ଷ ବୟସ ଗୋଷ୍ଠୀରେ ଏବେ ଅଛନ୍ତି ୩୬୫ ନିୟୁତ ଭାରତୀୟ ଯୁବକ ଯୁବତୀ। ଭାରତୀୟ ଜନ ସଂଖ୍ୟାର ୬୫ ପ୍ରତିଶତଙ୍କ ବୟସ ୩୫ ବର୍ଷ ତଳେ। ଏକ ଆକଳନରୁ ଜଣାପଡ଼ିଛି ଯେ ୨୦୨୦ ମସିହା ଶେଷବେଳକୁ ଭାରତର ଯୁବକଯୁବତୀଙ୍କ ସଂଖ୍ୟା ପୃଥିବୀର ଯେକୌଣସି ଦେଶ ତୁଳନାରେ ସର୍ବାଧିକ ଥିଲା ଏବଂ ସେଇ ସମୟରେ ଭାରତୀୟମାନଙ୍କ ହାରାହାରି ବୟସ ହୋଇଥିଲା ୨୯। ଏହା ନିଶ୍ଚିତ ଭାବେ ଆଶା ଉଦ୍ରେକକାରୀ। କାରଣ ଯଦି ମାନବ ସମ୍ବଳର ଏକ ବୃହତ୍ ଭାଗ ଯୁବଗୋଷ୍ଠୀ ହେବେ, ତେବେ ସେ ଦେଶର ପ୍ରଗତିର ସେ ଦେଶର ପ୍ରଗତିର ବେଗ ଦ୍ରୁତ ହେବା ଅନିବାର୍ଯ୍ୟ। କିନ୍ତୁ ଏ ପରିପ୍ରେକ୍ଷୀରେ ଆଉ ଏକ ପରିସଂଖ୍ୟାନ ଏହା ବି ଜଣେଇ ଦେଉଛି ଯେ ଭବିଷ୍ୟତର ଯୁବ ଉନ୍ମାଦନା ପରିଚାଳିତ ଭାରତରେ ଏକ ଅଦୃଶ୍ୟ କ୍ଷତ ଭାରତୀୟ ସମାଜକୁ ଯନ୍ତ୍ରଣା ଜର୍ଜରିତ କରୁଥିବ, କିନ୍ତୁ ଅଦୃଶ୍ୟ ହୋଇଥିବା ହେତୁ ତାହା ବାହାରକୁ ଜଣାପଡୁ ନଥିବ। ସେ କ୍ଷତଟି ହେଲା ବରିଷ୍ଠ ନାଗରିକଙ୍କ ସଂଖ୍ୟା ବୃଦ୍ଧି ସହିତ ସେମାନଙ୍କ ଦୟନୀୟସ୍ଥିତି। ବିଭିନ୍ନ ପରିସଂଖ୍ୟାନରୁ ଜଣାପଡ଼ିଛି ଯେ ୬୦ ବର୍ଷ ବୟସରୁ ଅଧିକ ବୟସ ବର୍ଗର ଭାରତୀୟଙ୍କ ସଂଖ୍ୟା ଏବେ ୧୦୪ ନିୟୁତ। କିନ୍ତୁ ଉଦ୍‌ବେଗର କଥା ହେଲା ୨୦୦୬ରୁ ୨୦୫୦ ଭିତର ଅବଧିରେ ଭାରତୀୟ ଜନସଂଖ୍ୟାରେ ୪୦ ପ୍ରତିଶତ ବୃଦ୍ଧି ଦେଖାଦେବାର ସମ୍ଭାବନା ଥିବାବେଳେ ୬୦ବର୍ଷ ବୟସରୁ ଅଧିକ ବୟସ ବର୍ଗର ଲୋକମାନଙ୍କ ସଂଖ୍ୟାରେ କଳ୍ପନାନୀତ ଭାବେ ୨୭୦ ପ୍ରତିଶତ ବୃଦ୍ଧି ଘଟିଥିବ। ଜାତିସଂଘର ଜନସଂଖ୍ୟା ଡିଭିଜନ ସୂତ୍ରରୁ ପ୍ରକାଶ ଯେ ୨୦୫୦ ବେଳକୁ ଭାରତରେ ୮୦ ବର୍ଷରୁ ଅଧିକ ବୟସର ଲୋକଙ୍କ ସଂଖ୍ୟା ହୋଇଥିବ ୪୮ ନିୟୁତ ଏବଂ ୬୦ବର୍ଷ ବୟସରୁ ଅଧିକ ବୟସ ବର୍ଗର ଲୋକଙ୍କ ସଂଖ୍ୟା ହୋଇଥିବ ୩୨୪ ନିୟୁତ। ଏଇ ବୟସ ବର୍ଗର ଲୋକଙ୍କ ଭିତରୁ ଅସଂଖ୍ୟ ବେଶ୍ ସମର୍ଥ ହୋଇଥିବା ସତ୍ତ୍ୱେ କାର୍ଯ୍ୟରୁ ଅବସର ନେବାକୁ ବାଧ୍ୟ ହୋଇଥିବେ ଏବଂ ନିଜ ନିଜ ଘର ଭିତରକୁ ଅପସରି ଯାଇଥିବେ। ବିଭିନ୍ନ କାର୍ଯ୍ୟ କରିବାକୁ ଯୋଗ୍ୟ ହୋଇଥିବା ସତ୍ତ୍ୱେ ସେମାନେ ସୀମାନ୍ତରିତ ହୋଇଯାଇ ଥିବେ। ଜଣାଯାଇଛି ଯେ ଏବେ ଅବସର ନେଉଥିବା ଲୋକଙ୍କ ଭିତରେ ୯୨ ପ୍ରତିଶତ ପେନ୍‌ସନ ପାଆନ୍ତି ନାହିଁ ଏବଂ ୯୦ ପ୍ରତିଶତ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନା ଭିତରେ ଅନ୍ତର୍ଭୁକ୍ତ ନୁହନ୍ତି। ପୃଥିବୀଟା ଯୁବକମାନଙ୍କର ବୋଲି କୁହାଯାଏ। କାରଣ ଯୁବକମାନେ ହିଁ ଏ ଜଗତର ନାନା କାରବାର ଚଳାନ୍ତି। କିନ୍ତୁ କ୍ରମେ ଯେଉଁ ବିଡ଼ମ୍ବିତ ସମୟଟି ଆସିବାକୁ ଯାଉଛି ସେଥିରେ ଦେଖାଯିବ ଯେ ବରିଷ୍ଠ ନାଗରିକମାନେ ଶିକ୍ଷାଦୀକ୍ଷାର ପ୍ରଭାବରୁ, ଖାଦ୍ୟପେୟ ତଥା ଉନ୍ନତ ଚିକିତ୍ସା ସେବାର ପ୍ରସାଦରୁ ଅଧିକ ସକ୍ରିୟ ତଥା ଯୁବକସୁଲଭ ହୋଇପାରିଥିଲେ ମଧ୍ୟ ସେମାନେ ନିଃସଙ୍ଗ ଏବଂ କର୍ମହୀନ ଜୀବନ ଜିଇବାକୁ ବାଧ୍ୟ ହେବେ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଆମ ସମୟର ବରିଷ୍ଠ ନାଗରିକଙ୍କ ଉନ୍ନତିକଳ୍ପେ ଅନେକ ଯୋଜନା ଓ ପ୍ରକଳ୍ପ ହାତକୁ ନେଇଛନ୍ତି। ବିଶେଷକରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବରିଷ୍ଠ ନାଗରିକଙ୍କ ଧନଜୀବନ ଓ ସ୍ୱାସ୍ଥ୍ୟ ସୁରକ୍ଷାକୁ ଲକ୍ଷ୍ୟ କରି ସ୍ୱତନ୍ତ୍ର ଭାବେ କିଛି କେନ୍ଦ୍ରୀୟ ଯୋଜନା ହାତକୁ ନେଇଛନ୍ତି ଯାହାକି ପରିଣତ ବୟସରେ ପହଞ୍ଚିଥିବା ଜଣେ ଲୋକଟି ପାଇଁ ଆଶା ସଞ୍ଜିବନୀ ସଦୃଶ। ଓଡ଼ିଶା ସରକାର ଆଉ ପାଦେ ଆଗକୁ ଯାଇ ବରିଷ୍ଠ ନାଗରିକଙ୍କ ସୁରକ୍ଷା ଓ ସମସ୍ତ ସହାୟତା ନିମିତ୍ତ ଅନେକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ବିଶେଷକରି କଟକ-ଭୁବନେଶ୍ୱର ଦ୍ୱୈତ ନଗରୀରରେ ଏକାକୀ ରହୁଥିବା ବରିଷ୍ଠ ନାଗରିକମାନେ କିପରି ନିରାପଦରେ ଜୀବନ ନିର୍ବାହ କରିବେ ଓ ତାଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଗଲେ ଓଡ଼ିଶା ପୋଲିସର ନିୟୋଜିତ କିଛି ସ୍ୱତନ୍ତ୍ରକର୍ମୀ ମାନେ ସେମାନଙ୍କ ଦାୟିତ୍ୱ ସୁରକ୍ଷା ନେବା ପାଇଁ ଗୃହବିଭାଗ ଏ ନେଇ କାର୍ଯ୍ୟ ଆରମ୍ଭ କରିସାରିଲାଣି। କେବଳ ସେତିକି ନୁହେଁ ବ୍ୟାଙ୍କରୁ ଟଙ୍କା ଉଠାଇବା ହେଉ ବା ନିଜ ଦେହପା ଜନିତ ସମସ୍ୟା ଡାକ୍ତରଙ୍କୁ ଦେଖାଇବା ଏସବୁ କାମ ପାଇଁ ନିକଟଅତୀତରେ ଓଡ଼ିଶା ସରକାରଙ୍କର 'ପୋଲିସ ପୁଅ' ଶୀର୍ଷକ କାର୍ଯ୍ୟକ୍ରମ ହାତକୁ ନେଇ ସମାଜର ଏହି ବର୍ଷିୟାନ ନାଗରିକଙ୍କ ସେବା ପାଇଁ ସମର୍ପିତ ହୋଇପାରିଛି। ସମାଜରେ ଯୁବପିଢ଼ୀମାନେ ପରିଣତ ବୟସରେ ପହଞ୍ଚିଥିବା ଏହି ଅଭିଜ୍ଞସମ୍ପନ୍ନ ଓ ଗରିମାମୟ ବ୍ୟକ୍ତିତ୍ୱଙ୍କର ଅନୁଭୂତିକୁ ନିଜ ଜୀବନରେ କାର୍ଯ୍ୟକାରୀ କରିପାରିଲେ ଏକ ସାମାଜିକ ଆନ୍ଦୋଳନ ସୃଷ୍ଟି ହୋଇପାରିବ।

# "ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ଼ସ"ର ଅଧିକାରୀ ପ୍ରଫେସର ଉଦୟନାଥ ସାହୁ

ନୂଆଦିଲ୍ଲୀ/ଭୁବନେଶ୍ୱର (ପିଏନ୍): ଜବାହାରଲାଲ ନେହେରୁ ବିଶ୍ୱବିଦ୍ୟାଳୟ ଭାରତୀୟ ଭାଷା କେନ୍ଦ୍ରରେ ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିବା ଓଡ଼ିଆ "ଆଦି ସାରଳା ଦାସ ଚେୟାର"ର ପ୍ରଫେସର ଉଦୟନାଥ ସାହୁଙ୍କ ଦ୍ୱାରା ଓଡ଼ିଆ, ବଙ୍ଗଳା ଓ ଆସମୀୟା ଭାଷାରେ ଲିଖିତ ମହାଭାରତ ଓ ଶ୍ରୀମଦ୍ ଭାଗବତର ତୁଳନାତ୍ମକ ଗବେଷଣାକୁ "ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ଼ସ"- ୨୦୨୨ରେ ସ୍ଥାନ ଦେଇଛନ୍ତି। ପ୍ରଥମ ଓଡ଼ିଆ ଗବେଷକ ଭାବେ ସେ ଏହି ଗୌରବର ଅଧିକାରୀ ହୋଇପାରିଛନ୍ତି। ସେପ୍ଟେମ୍ବର ୭ ତାରିଖରେ ମେଡାଲ ସହ ପ୍ରଶଂସାପତ୍ର ତାଙ୍କୁ ପ୍ରଦାନ କରାଯାଇଛି। ଅନ୍ୟ ଗବେଷକମାନଙ୍କ ପାଇଁ ସେ ପ୍ରେରଣାର ସ୍ରୋତ ହେବେ ନିଶ୍ଚୟ। ପ୍ରଫେସର ସାହୁ ସଂସ୍କୃତ ମହାଭାରତ ଓ ସାରଳା ମହାଭାରତକୁ ମଧ୍ୟ ତୁଳନାତ୍ମକ ଭାବେ ଗବେଷଣା କରି କଥା ଓ ଚରିତ୍ରର ସାମ୍ୟ ଓ ବୈଷମ୍ୟକୁ ପ୍ରଦର୍ଶନ କରିଛନ୍ତି। କେବଳ ସେତିକି ନୁହେଁ ଜାପାନର "ଓଟାନି" ବିଶ୍ୱବିଦ୍ୟାଳୟରେ ଭାଗବତ ଓ ମହାଭାରତର ମୂଳଧାରାକୁ ଶ୍ରେୟ କରି ପ୍ରାଚୀନ ଓଡ଼ିଆ ସାହିତ୍ୟରୁ ଭାରତୀୟ ସାହିତ୍ୟ ମଧ୍ୟ ଦେଇ ସାରଳା ମହାଭାରତରେ ତୁଳନାତ୍ମକ ଗବେଷଣା ତାଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇପାରିଛି। ଆଧୁନିକ ସାହିତ୍ୟ, ମଧ୍ୟଯୁଗୀୟ ସାହିତ୍ୟ ତଥା ଫକୀରମୋହନ ସାହିତ୍ୟ ସମ୍ପର୍କରେ ଉଚିତ ଗବେଷଣାତ୍ମକ ପୁସ୍ତକଗୁଡ଼ିକ ଓଡ଼ିଆ ସାହିତ୍ୟର ଦିଗକୁ ସମୃଦ୍ଧ କରିବାରେ ସହାୟକ ହୋଇପାରିଛି।

ପୂର୍ବ-ଭାରତୀୟ ମହାଭାରତ ପରମ୍ପରା, ସାରଳା ମହାଭାରତ ସୃଷ୍ଟିର ଭୂମିପର୍ବ, ଭାଗବତ ପରମ୍ପରା ଓ ଭକ୍ତି ଆନ୍ଦୋଳନ, ସାରଳା ମହାଭାରତର ମନ୍ତ୍ରୀ ଓ ସେନାପତି, ଭାଗବତର ଭାବଭୂମି, ଭାଗବତର ସୃଷ୍ଟି ସୌରଭ, ପୂର୍ବ ଭାରତୀୟ ମହାଭାରତରେ ନୀତିଭକ୍ତି ଓ ଜାତୀୟ ସଂହତି, Reflection on the Great Indian Epic Mahabharat in Odisha, Begnal and Assam, ସ୍ୱର୍ଗାରୋହଣ ପର୍ବ ପ୍ରଭୃତି ଉଲ୍ଲେଖନୀୟ ଅବଦାନ ପାଇଁ ଦେଶବିଦେଶରେ ବେଶ ଚର୍ଚ୍ଚା ସହିତ ଓଡ଼ିଆ ମାଟି ପାଇଁ ଉଲ୍ଲେଖନୀୟ କୃତି। ଏତଦବ୍ୟତୀତ ଦୁଇଶହରୁ ଅଧିକ ଗବେଷଣାତ୍ମକ ସନ୍ଦର୍ଭ ରଚନା କରି ବେଶ୍ ପରିଚିତ ହୋଇପାରିଛନ୍ତି। ଅନେକ ସମ୍ମାନରେ ସମ୍ମାନିତ ଡ: ସାହୁ ନୟାଗଡ଼ ଜିଲ୍ଲାର ସାନକିଲୋ ଗ୍ରାମରେ ଜନ୍ମଗ୍ରହଣ କରି ମାତୃଭାଷା, ମାତୃଭୂମି ପାଇଁ ଗୌରବ ଆଣିପାରିଛନ୍ତି।

## ସ୍କାଉଟସ୍ ଏବଂ ଗାଇଡସ୍ ଏସିଆ ପ୍ୟାସିଫିକ୍ (ଫିଲିପାଇନ) ନିର୍ଦ୍ଦେଶକଙ୍କ ଓଡିଶା ଗସ୍ତ

ଭୁବନେଶ୍ୱର (ପିଏନ୍): ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍‌ର ବିଭିନ୍ନ ପ୍ରକଳ୍ପ (ଚାଇଲ୍ଡ ଏଜୁକେସନ, କ୍ଲିନ୍ ଇଣ୍ଡିଆ, ଫିଟ୍ ଇଣ୍ଡିଆ) ଓଡିଶାର ବିଭିନ୍ନ ଜିଲ୍ଲାରେ କାର୍ଯ୍ୟକରି ଆସୁଅଛି । ଓଡିଶାର ଏହି କାର୍ଯ୍ୟ ଏସିଆ ପ୍ୟାସିଫିକ୍ ଦ୍ୱାରା ମନୋନୀତ ହୋଇଥିବାରୁ ଏହି କାର୍ଯ୍ୟକୁ ପ୍ରଥମ ଥର ପାଇଁ ସୁଦୂର ଏସିଆ ପ୍ୟାସିଫିକ୍ ରିଜିଅନ, ଫିଲିପାଇନସ୍‌ରୁ ୬ ଜଣିଆ ଉଚ୍ଚ ପଦସ୍ତ ଅଫିସର ଦୁଇ ଦିନିଆ ପରିଦର୍ଶନ କରିବାକୁ ଆସିଛନ୍ତି । ଏହି ପରିଦର୍ଶକ ଦଳରେ ଆଞ୍ଚଳିକ ନିର୍ଦ୍ଦେଶକ ଜେ.ଆର୍.ସି. ପାଙ୍ଗିଲିନାନ୍, ନିର୍ଦ୍ଦେଶକ ଶିକ୍ଷା ପ୍ରଣାଳୀ ସିଡ୍ କାଷ୍ଟିଲୋ, ପ୍ରକଳ୍ପ ଅଧିକାରୀ ଲାନ୍ସ ପାପା ଇଭରସନ ବନ, ଅଧିକାରୀ ଆର୍ଯ୍ୟ ଫ୍ରାନ୍ସିସ୍କୋ କାମେରୋଷ, ପ୍ରବନ୍ଧକ ବ୍ୟାଟ୍ରେରିଜ୍ କାନେଡିସ୍ ଏବଂ ଏନ୍.ଏସ୍.ଓ କୋଡିନେଟର ତଥା ଅତିରିକ୍ତ ଅନ୍ତର୍ଜାତୀୟ କମିଶନର ମଧୁସୁଦନ ଆଭାଲା ଅଛନ୍ତି ।

ଗତକାଲି ମଧ୍ୟାହ୍ନରେ ମାନ୍ୟବର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କ ସହିତ ସୌଜନ୍ୟମୂଳକ ସାକ୍ଷାତ କରି ରାଜ୍ୟ ସ୍କାଉଟିଂର ସଫଳତା ସହିତ ଏହି ପରିଦର୍ଶନର ଉଦ୍ଦେଶ୍ୟ ବିଷୟରେ ଆଲୋଚନା କରିଥିଲେ । ଦ୍ୱିତୀୟ ଦିନର ଉଦ୍‌ଯାପନି ସମାରୋହରେ ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍‌ର ସଭାପତି ତଥା ମାନ୍ୟବର ମନ୍ତ୍ରୀ ଖାଦ୍ୟ ଯୋଗାଣ ଓ ସମବାୟ ଶ୍ରୀ ଅତନୁ ସବ୍ୟସାଚୀ ନାୟକ ଓଡିଶା ସ୍କାଉଟର କାର୍ଯ୍ୟକ୍ରମ ମାନ ବିଶ୍ୱସ୍ତରରେ ପ୍ରଶଂସିତ ହେଉଥିବାରୁ ଆନନ୍ଦିତ ହୋଇଥିଲେ । ନିର୍ଦ୍ଦେଶକ ଏସିଆ ପ୍ୟାସିଫିକ୍ ରିଜିଅନ ଶ୍ରୀ ପାଙ୍ଗିଲିନାନ ଓଡିଶାକୁ ଭାରତର ସବୁଠାରୁ ଶ୍ରେଷ୍ଠ ରାଜ୍ୟ ବୋଲି ନିଜ ବକ୍ତବ୍ୟରେ କହିଥିଲେ । ରାଜ୍ୟ ସଭାପତି ଶ୍ରୀ ନାୟକ ଓଡିଶା ସ୍କାଉଟ ଲାଗି ଗର୍ବାନ୍ୱିତ ଅନୁଭବ କରି ନିଜେ ଜଣେ ସ୍କାଉଟ ବୋଲି ଖୁସିବ୍ୟକ୍ତ କରିଥିଲେ।

# ବିପଦରେ ସୋରେନ

ବହୁଚର୍ଚ୍ଚିତ ଲାଭଜନକ ପଦବୀ ମାମଲାରେ ୧୯୫୧ ଲୋକପ୍ରତିନିଧି ଆଇନ ଅନୁଯାୟୀ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ବିଧାନସଭା ସଭ୍ୟ ପଦ ରଦ୍ଦ ଲାଗି ନିର୍ବାଚନ କମିଶନ ରାଜ୍ୟପାଳଙ୍କୁ ସୁପାରିଶ କରିବା ପରେ ଝାଡଖଣ୍ଡ ସରକାରଙ୍କ ଭାଗ୍ୟ ଏବେ ସୂତାଖିଅରେ ଝୁଲୁଛି ବୋଲି କୁହାଯାଇପାରେ। ନିର୍ବାଚନ କମିଶନଙ୍କ ସୁପାରିଶ ସପ୍ତାହକ ପୂର୍ବରୁ ପହଁଚିଥିବା ସତ୍ତ୍ୱେ ବର୍ତମାନ ସୁଦ୍ଧା ରାଜ୍ୟପାଳ କୌଣସି ପଦକ୍ଷେପ ନେଇ ନଥିବା ବେଳେ ରାଜ୍ୟ ରାଜନୀତିରେ ଏବେ ଅନିଶ୍ଚିତତା ସୃଷ୍ଟି ହୋଇଗଲାଣି। ଉଲ୍ଲେଖଯୋଗ୍ୟ ଯେ, ଗତ ୨୦୨୧ରେ ମୁଖ୍ୟମନ୍ତ୍ରୀ ତଥା ଖଣିମନ୍ତ୍ରୀ ଭାବେ ନିଜ ନାମରେ ଏକ ଖଣି ଲିଜ୍ ନେଇଥିବାରୁ ନିର୍ବାଚନ କମିଶନ ତାଙ୍କୁ ଦୋଷୀ ସାବ୍ୟସ୍ତ କରି ବିଧାୟକ ପଦ ରଦ୍ଦ ଲାଗି ସୁପାରିଶ କରିଛନ୍ତି। ଏହା ଦ୍ୱାରା ରାଜ୍ୟ ପୁଣି ଥରେ ଅସ୍ଥିରତା ଆଡକୁ ଟାଣି ହୋଇଯାଇଛି। କହିବା ବାହୁଲ୍ୟ ଯେ, ୨୦୦୦ ମସିହାରେ ବିହାରଠାରୁ ପୃଥକ ହୋଇ ସ୍ୱତନ୍ତ୍ର ଝାଡଖଣ୍ଡ ରାଜ୍ୟ ଗଠିତ ହେବା ପରେ ବିଗତ ୨୨ବର୍ଷ ମଧ୍ୟରେ ରାଜନୈତିକ ଅସ୍ଥିରତା ଯୋଗୁଁ ୧୧ ଥର ସରକାର ପରିବର୍ତନ ଘଟିଥିବାବେଳେ ୩ଥର ରାଷ୍ଟ୍ରପତି ଶାସନ ଜାରି ହୋଇଛି। ଝାଡଖଣ୍ଡରେ ମୁଖ୍ୟ ବିରୋଧିଦଳ ବିଜେପି ମୁଖ୍ୟମନ୍ତ୍ରୀ ସୋରେନଙ୍କ ଇସ୍ତଫା ଦାବିରେ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରିଥିବାବେଳେ ଝାଡଖଣ୍ଡ ମୁକ୍ତିମୋର୍ଚ୍ଚା, କଂଗ୍ରେସ ଏବଂ ଆରଜେଡି ମେଂଟକୁ ଅକ୍ଷୁର୍ଣ୍ଣ ରଖିବା ଲାଗି ମୁଖ୍ୟମନ୍ତ୍ରୀ ସୋରେନ ସେମାନଙ୍କୁ ଛତିଶଗଡକୁ ନେଇ ଏକ ହୋଟେଲରେ ରଖିଥିଲେ। ଅବଶ୍ୟ ଆମ ଦେଶରେ ହୋଟେଲ ରାଜନୀତି ନୂଆ ନୁହେଁ। ଏହାର କାରଣ ହେଉଛି ଘୋଡା ବେପାରକୁ ରୋକିବା। କହିବା ବାହୁଲ୍ୟ ଯେ, ମେଂଟ ସରକାର ଏବେ ଅସ୍ଥିରତା ଆଡକୁ ଟାଣି ହୋଇଯାଇଛି। ଅବଶ୍ୟ ମୁଖ୍ୟମନ୍ତ୍ରୀ ସୋରେନ ବିଧାନସଭାରେ ଆସ୍ଥାଭୋଟରେ ଜୟଲାଭ କରିଛନ୍ତି। ଏହା ନିଶ୍ଚିତ ଯେ, ମୁଖ୍ୟମନ୍ତ୍ରୀ ସୋରେନ ନିଜ ପାଖରେ ଖଣି, ଭୂବିଜ୍ଞାନ ଏବଂ ପର୍ଯ୍ୟବେକ୍ଷଣ ସମ୍ବନ୍ଧୀୟ ବିଭାଗ ରଖିଥିବାବେଳେ କ୍ଷମତାର ଦୁରୁପଯୋଗ କରି ନିଜ ନାମରେ ଖଣି ଲିଜ୍ ନେଇଛନ୍ତି। ଏହା ଲୋକପ୍ରତିନିଧି ଆଇନର ଧାରା ୯(୧)ର ଉଲଂଘନ ଏବଂ ବେଆଇନ କାର୍ଯ୍ୟ ଏଥିରେ ସନ୍ଦେହ ନାହିଁ। ଏହା କହିବା ଯଥାର୍ଥ ଯେ, ଆମ ଦେଶରେ ଖଣି ବ୍ୟବସାୟ ଏକ ଲାଭଜନକ ବ୍ୟବସାୟରେ ପରିଣତ ହୋଇଛି। ଖଣି ପଟ୍ଟା ଆବଟଂନରେ କୋଟି କୋଟି ଟଙ୍କାର ଭିତିରି କାରବାର ହୋଇଥାଏ, ଯାହାକି ଦେଶରେ ୨୧୬ଟି କୋଇଲା ଖଣି ଆବଟଂନକୁ କିଛିବର୍ଷ ତଳେ ସୁପ୍ରିମକୋର୍ଟ ରଦ୍ଦ କରିବା ଘଟଣା ସ୍ପଷ୍ଟ କରିଛି। ଉଲ୍ଲେଖଯୋଗ୍ୟ ଯେ ଝାଡଖଣ୍ଡ ହେଉଛି ମୂଲ୍ୟବାନ ଖଣିଜ ଭଣ୍ଡାରର ରାଜ୍ୟ। ଦେଶର ୪୦ ପ୍ରତିଶତ ଖଣିଜ ପଦାର୍ଥ ଏବଂ ୩୦ ପ୍ରତିଶତ କୋଇଲା ମହଜୁଦ ରହିଛି। କିନ୍ତୁ ଏହି ଖଣିଜ ସମ୍ପଦରେ ଭରପୁର ରାଜ୍ୟର ବହୁ ସମୟରେ ଖଣି ଦୁର୍ନୀତିକୁ ନେଇ ଦୁର୍ନାମ ରହିଛି। ଯାହାକି ରାଜ୍ୟରେ ରାଜନୈତିକ ଅସ୍ଥିରତାର ମୁଖ୍ୟ କାରଣ ହୋଇଛି। ଅତୀତରେ ୨୦୦୬ରୁ ୨୦୦୮ ମସିହା ମଧ୍ୟରେ ରାଜ୍ୟରେ କୋଇଲା ବ୍ଲକ ଆବଟଂନରେ ବ୍ୟାପକ ଦୁର୍ନୀତି ମାମଲାରେ ୨୦୧୭ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ମଧୁ କୋଡାଙ୍କୁ ସିବିଆଇ ଅଦାଲତ ଦୋଷୀ ସାବ୍ୟସ୍ତ କରିଥିଲା। ମଧୁ କୋଡା ୩୩୪ କୋଟି ଟଙ୍କା ଖଣି ଦୁର୍ନୀତିରେ ଲିପ୍ତ ଥିବା ସିବିଆଇ ତଦନ୍ତରୁ ଜଣାପଡିଥିଲା। ରାଜ୍ୟରେ ଖଣି ଦୁର୍ନୀତିର ମୂଳୋତ୍ପାଟନ ପାଇଁ ସୋରେନ ରାଜ୍ୟବାସୀଙ୍କୁ ନିର୍ବାଚନ ପ୍ରତିଶ୍ରୁତି ଦେଇ କ୍ଷମତାସୀନ ହୋଇଥିଲେ। କହିବା ବାହୁଲ୍ୟ ଯେ, ଝାଡଖଣ୍ଡ ବିଜେପିର ଏକ ଦୁର୍ଗ ଭାବେ ପରିଚିତ ଥିବାବେଳେ ବିଜେପିକୁ କ୍ଷମତାଚ୍ୟୁତ କରି ଜେଏମଏମ କ୍ଷମତା ହାତେଇଥିଲା। କେବଳ ଏତିକି ନୁହେଁ, ରାଜ୍ୟ ନାମରେ ରହିଥିବା ଖଣି ମାଫିଆ ଆଖ୍ୟାକୁ ସବୁଦିନ ପାଇଁ ବନ୍ଦ କରିବା, ଖଣି ଅଂଚଳରେ ଖଣିଜ ପଦାର୍ଥର ଚୋରାଚାଲାଣ ରୋକିବାକୁ ଖଣି ଅଂଚଳରେ କ୍ୟାମେରା ଲଗାଇବା ଏବଂ ଖଣି ସଂକ୍ରାନ୍ତୀୟ ଅଭିଯୋଗ ଗ୍ରହଣ ପାଇଁ ନିଃଶୁଳ୍କ ଟେଲିଫୋନ ନମ୍ବର ଜାରି ରଖିବା ପାଇଁ ଭୋଟଦାତାଙ୍କୁ ପ୍ରତିଶ୍ରୁତି ଦେଇଥିବା ସୋରେନ ଶେଷରେ ଖଣି ଦୁର୍ନୀତିରେ ଛନ୍ଦି ହୋଇଯାଇଛନ୍ତି। ଅବଶ୍ୟ ଖଣି ପଟା ଫେରାଇ ଦେଇଥିବା ସୋରେନ କହିଛନ୍ତି। ସେ ଖଣି ପଟା ଫେରାଇ ଦେବା ଯଦି ସତ୍ୟ ହୋଇଥାଏ, ସ୍ୱାଗତଯୋଗ୍ୟ। କିନ୍ତୁ ତାଙ୍କ ନାମରେ ଉଠିଥିବା କଳଙ୍କର ଅଧ୍ୟାୟ ତଥା ବେଆଇନ କାର୍ଯ୍ୟ ଆଇନ ଅନୁଯାୟୀ ଦଣ୍ଡନୀୟ ଅପରାଧ। ଲୋକପ୍ରତିନିଧି ଆଇନ ଅନୁଯାୟୀ ଲାଭଜନକ ପଦବୀ ମାମଲାରେ ସୋରେନ ଯଦି ଆଯୋଗ୍ୟ ଘୋଷିତ ହୁଅନ୍ତି, ତେବେ ସଭ୍ୟପଦ ହରାଇବା ନିଶ୍ଚିତ। କାରଣ ଆମ ଦେଶରେ ଲାଭଜନକ ପଦବୀ ମାମଲାରେ ସାଂସଦ ଓ ବିଧାୟକଙ୍କ ସଭ୍ୟପଦ ରଦ୍ଦ ହେବା ନୂଆକଥା ନୁହେଁ। ଅତୀତରେ ବହୁ ସାଂସଦ ଓ ବିଧାୟକଙ୍କ ସଭ୍ୟପଦ ରଦ୍ଦ ନେଇ ବହୁ ନଜିର ରହିଛି। ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ଯେ, ସୋରେନ ମୁଖ୍ୟମନ୍ତ୍ରୀ ପଦ ପାଇଁ ବିପଦ ଟାଣି ଆଣିଛନ୍ତି। ତାଙ୍କ ବିରୁଦ୍ଧରେ ହୋଇଥିବା ଅଭିଯୋଗ ଉପରେ ତାଙ୍କ ଦଳ ଓ ସହଯୋଗୀମାନେ ମିଳିତ ନିଷ୍ପତି ନେବାର ଆବଶ୍ୟକତା ରହିଛି। କେବଳ ଏତିକି ନୁହେଁ, ତାଙ୍କର ଇସ୍ତଫା ମେଂଟ ସରକାରଙ୍କ ପାଇଁ ଏକ ଏସିଡ ଟେଷ୍ଟ, ଏଥିରେ କୌଣସି ସନ୍ଦେହ ନାହିଁ।

# ବନ୍ୟପ୍ରାଣୀ ସୁରକ୍ଷାର ଅଭିନବ ଉପାୟ

ଭୁବନେଶ୍ୱର (ପିଏନ୍): ବନ୍ୟପ୍ରାଣୀଙ୍କୁ ଶିକାରୀମାନଙ୍କ ଲୋଲୁପ ଦୃଷ୍ଟିରୁ ରକ୍ଷାକରିବା ସକାଶେ ଏବେ ବୈଜ୍ଞାନିକମାନେ ଏକ ଅଭିନବ ଉପାୟ ଚିନ୍ତା କରିଛନ୍ତି। ଏହାଦ୍ୱାରା ଆଉ ଶିକାରୀମାନେ ବିରଳ ବନ୍ୟପ୍ରାଣୀଙ୍କୁ ହତ୍ୟା କରିବେ ନାହିଁ କି ସେମାନଙ୍କ ବଂଶ ଲୋପ ପାଇବ ନାହିଁ ବୋଲି ଆଶା କରାଯାଉଛି। ଏଥିନେଇ ଦକ୍ଷିଣ ଆଫ୍ରିକାର ଏକ କମ୍ପାନୀ ଯେଉଁ ଉପାୟଟି ଚିନ୍ତା କରିଛି ତାହା ହେଲା ବୈଜ୍ଞାନିକ ପଦ୍ଧତିରେ ହାତୀ, ଗଣ୍ଡା ଏବଂ ଅନ୍ୟାନ୍ୟ ପଶୁପକ୍ଷୀମାନଙ୍କ ଶରୀରର କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ସୃଷ୍ଟି। ବିଜ୍ଞାନାଗାରରେ ଏହି ସବୁ ଅଙ୍ଗପ୍ରତ୍ୟଙ୍ଗ ଏପରି ଭାବେ ପ୍ରସ୍ତୁତ କରାଯିବ ଯେ ତାହା ଲୋକମାନଙ୍କ ଚାହିଦା ପୂରଣ କରିପାରିବ ଓ ଜଙ୍ଗଲରେ ପଶୁପକ୍ଷୀମାନେ ନିର୍ଭୟରେ ବସବାସ କରିପାରିବେ। ଯେଉଁ କମ୍ପାନୀ ଏଭଳି ଅଭିନବ କାର୍ଯ୍ୟରେ ହାତ ଦେଇଛି ତା'ର ନାମ ପେମ୍ବିଏଣ୍ଟ। ପରୀକ୍ଷାମୂଳକ ଭାବେ ପେମ୍ବିଏଣ୍ଟକମ୍ପାନୀ ଏବେ ଗଣ୍ଡାର ଶିଙ୍ଗ ପ୍ରସ୍ତୁତି କାର୍ଯ୍ୟରେ ଲାଗିପଡ଼ିଛି। ଏ ଦିଗରେ ଏହାକୁ ସଫଳତା ବି ମିଳିସାରିଛି। ତେବେ ଏଥିରେ କିଛି ପରିବର୍ତ୍ତନ ଘଟାଇବା ଓ ଏହା ଯେପରି ଆନ୍ତର୍ଜାତୀୟ ବଜାରରେ ପର୍ଯ୍ୟାପ୍ତ ମାତ୍ରାରେ ଉଲବ୍ଧ ହୋଇପାରିବ ସେଥିପାଇଁ ଅଧିକରୁ ଅଧିକ ଶିଙ୍ଗ ଉତ୍ପାଦନ ପାଇଁ କମ୍ପାନୀ ଉଦ୍ୟମ ଚଳାଇଛି ବୋଲି କହିଛନ୍ତି ପେମ୍ବିଏଣ୍ଟର ସିଇଓ ମାଥ୍ୟୁ ମୁର୍କୁସ୍। ହାତୀଦାନ୍ତଠାରୁ ଆରମ୍ଭ କରି ଗଣ୍ଡାଙ୍କ ଶିଙ୍ଗ ପର୍ଯ୍ୟନ୍ତ ବନ୍ୟପ୍ରାଣୀଙ୍କ ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗର ଚାହିଦା ବିଶ୍ୱ ବଜାରରେ ଢ଼େର ବେଶୀ। ଏହାର କାରଣ ଯାହା ହୋଇଥାଉ ନା କାହିଁକି ବିଭିନ୍ନ ବନ୍ୟପ୍ରାଣୀଙ୍କ ଚମଡ଼ା, ଦାନ୍ତ, ଶିଙ୍ଗ, ଲୋମ, ପିତ୍ତ ଏବଂ ଅନ୍ୟାନ୍ୟ ଅଙ୍ଗକୁ ସୌଖିନ ଓ ରାଇସ୍ ଲୋକମାନେ ଲକ୍ଷ ଲକ୍ଷ ଡଲାର ଦେଇ କିଣିଥା'ନ୍ତି। ଯେମିତିକି ଗଣ୍ଡାର ଶିଙ୍ଗର ମୂଲ୍ୟ ଆନ୍ତର୍ଜାତୀୟ ଚୋରା ବଜାରରେ ଆକାଶଛୁଆଁ। ଏହାର ପ୍ରତି କିଲୋ ପିଛା ଦାମ ପ୍ରାୟ ୬୦,୦୦୦ ଡଲାର। ସେଇଭଳି ହାତୀଦାନ୍ତର କିଲୋପିଛା ମୂଲ୍ୟ ପ୍ରାୟ ୨୧୦୦୦ ଡଲାର। ବାଘଛାଲ ଓ ଦାନ୍ତ, ମୃଗଚର୍ମ ଓ ଶିଙ୍ଗ, ଭାଲୁର ଲୋମ, ଚର୍ମ ଓ ପିତ୍ତ, କୁମ୍ଭୀର ଚମଡ଼ାର ଚୋରା ବଜାରର ଅଦୃଶ୍ୟ ଜାଲ ପୃଥିବୀସାରା ବିଛେଇ ହୋଇ ରହିଛି। ବିଶେଷକରି ଆଫ୍ରିକା ମହାଦେଶର ବିଭିନ୍ନ ରାଷ୍ଟ୍ରରୁ ଏବଂ ଏସୀୟ ଦେଶମାନଙ୍କରୁ ଏସବୁ ଦ୍ରବ୍ୟ ଚାଲାଣ କରି ଚୋରା ବେପାରୀମାନେ କୋଟି କୋଟି ଡଲାର ଉପାର୍ଜନ କରିଥା'ନ୍ତି। ଏହାର କ୍ରେତା ଦୁଇ ପ୍ରକାରର। ପ୍ରଥମତଃ କିଛି କ୍ରେତା ପ୍ରାଚୁର୍ଯ୍ୟ ବଳରେ ଏସବୁ ଦ୍ରବ୍ୟ କିଣି ନିଜ ପାଖରେ ରଖିବାକୁ ପସନ୍ଦ କରିଥା'ନ୍ତି। ଏହାବ୍ୟତୀତ ଦ୍ୱିତୀୟ ଶ୍ରେଣୀର କ୍ରେତା ବନ୍ୟପଶୁପକ୍ଷୀଙ୍କ ଶରୀରର ଅଙ୍ଗକୁ ବ୍ୟବହାର କରି ପାରମ୍ପରିକ ଔଷଧ ପ୍ରସ୍ତୁତ କରିଥା'ନ୍ତି। ପୁଣି କେହି କେହି ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ଏସବୁ ଦ୍ରବ୍ୟ କିଣି ପାଖରେ ରଖିଥା'ନ୍ତି। ତେବେ ସେ ଯାହା ହେଉନା କାହିଁକି, ଏଥିପାଇଁ ଅବାଧ ଶିକାର ଏତେ ମାତ୍ରାରେ ବୃଦ୍ଧି ପାଇଛି ଯେ ହାତୀ, ବାଘ, ସିଂହ, ଭଲ୍ଲୁକ ବିଭିନ୍ନ ପ୍ରଜାତିର ମୃଗ, ଗଣ୍ଡା ଅନେକ ଧରଣର ପକ୍ଷୀ ବିଲୁପ୍ତ ହୋଇଗଲେଣି ଅଥବା ବିଲୁପ୍ତିର ମହାମାର୍ଗରେ ଏବେ ଅଗ୍ରସର ହେଉଛନ୍ତି। କୌଣସି ଦେଶ ଶିକାରୀମାନଙ୍କ ଅବାଧ ବନ୍ୟପ୍ରାଣୀ ଶିକାରକୁ ରୋକିପାରିନାହାନ୍ତି। ଏଭଳି ବନ୍ୟପ୍ରାଣୀଙ୍କ ଅଙ୍ଗପ୍ରତ୍ୟଙ୍ଗ କିଣିବା ତାଲିକାରେ ବିଶ୍ୱରେ ସର୍ବାଗ୍ରେ ରହିଛି ଚୀନ। ଚୀନରେ ପାରମ୍ପରିକ ଔଷଧ ପ୍ରସ୍ତୁତିରେ ଅଧିକାଂଶ ପଶୁଙ୍କ ଶରୀରର ଅଙ୍ଗ ଉପଯୋଗ କରାଯାଇଥାଏ। ଏବେ ସିନ୍ଥେଟିକ୍ ଅଙ୍ଗ ପ୍ରସ୍ତୁତି ପ୍ରସଙ୍ଗକୁ ଆସିବା। ପେମ୍ବିଏଣ୍ଟ କମ୍ପାନୀର ଏଭଳି ଉଦ୍ୟମକୁ କିନ୍ତୁ ବିଶ୍ୱ ବନ୍ୟପ୍ରାଣୀ ସଂରକ୍ଷଣ ସଂସ୍ଥାଠାରୁ ଆରମ୍ଭ କରି ପର୍ଯ୍ୟାବରଣବିତ ଓ ପ୍ରାଣୀପ୍ରେମୀମାନେ ବିରୋଧ କରିଛନ୍ତି। ସେମାନଙ୍କ ମତରେ ଏଭଳି ନକଲି ଅଙ୍ଗପ୍ରତ୍ୟଙ୍ଗ ବଜାରରେ ଉପଲବ୍ଧ ହେଲେ ସୁଦ୍ଧା ଅସଲି ଦ୍ରବ୍ୟର ଚାହିଦା କମିବ ନାହିଁ। ତେଣୁ ଚୋରାଶିକାର ପୂର୍ବବତ୍ ଜାରି ରହିବ। ବରଂ ତାହା ବୃଦ୍ଧିପାଇବ ବୋଲି ସେମାନେ ଆଶଙ୍କା ପ୍ରକଟ କରନ୍ତି। ତେଣୁ ସେମାନେ ପେମ୍ବିଏଣ୍ଟ କମ୍ପାନୀର ଏଭଳି ପ୍ରୟାସକୁ ଘୋର ବିରୋଧ କରିଛନ୍ତି। ସେମାନେ ଏହାର ଏକ ଉଦାହରଣ ଦେଇ କହିଛନ୍ତି ଯେ ଗତ ଦଶବର୍ଷ ଭିତରେ ବିଶ୍ୱରେ ଗଣ୍ଡା ଶିକାର ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଇଛି। ୨୦୦୭ ମସିହାରେ ଦକ୍ଷିଣ ଆଫ୍ରିକାରେ ମାତ୍ର ୧୩ଟି ଗଣ୍ଡାଙ୍କୁ ମରାଯାଇଥିବାବେଳେ ୨୦୧୫ରେ ୧୧୭୫ଟି ଗଣ୍ଡା ଚୋରା ଶିକାରୀଙ୍କ ଦ୍ୱାରା ନିହତ ହୋଇଛନ୍ତି। ତେଣୁ ଏଭଳି ବିକଳ୍ପ ଉପାୟ ବନ୍ୟପ୍ରାଣୀଙ୍କ ସୁରକ୍ଷା ଦିଗରେ ବିଶେଷ ସହାୟକ ହେବନାହିଁ ବୋଲି ସେମାନେ ଦୃଢ଼ ଯୁକ୍ତି ବାଢ଼ନ୍ତି। କିନ୍ତୁ ବଜାରରେ ଯେ ଖୁବ୍‌ଶୀଘ୍ର ସିନ୍ଥେଟିକ ହାତୀଦାନ୍ତ ଓ ଗଣ୍ଡା ଶିଙ୍ଗ ମିଳିବ ତାହା ସମସ୍ତଙ୍କ ପାଇଁ ଏବେ ଖୁସି ଖବର ପାଲଟିଛି।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

# ମୋ ସହର

## ବାଲିକୁଦା-ଏରସମାରେ ସତ୍ୟସାରଥୀ ମହାନ୍ତିଙ୍କ ସପକ୍ଷରେ ଜନମତ ଜୋରଦାର

ଭୁବନେଶ୍ୱର,(ପି.ଏନ): ବାଲିକୁଦା – ଏରସମା ବିଧାନସଭା ନିର୍ବାଚନ ମଣ୍ଡଳୀରେ ଭାରତୀୟ ଜନତା ପାର୍ଟିର ପ୍ରାର୍ଥୀ ସତ୍ୟ ସାରଥୀ ମହାନ୍ତିଙ୍କର ସପକ୍ଷରେ ଜନମତ କ୍ରମଶଃ ଜୋରଦାର ହେବାରେ ଲାଗିଥିବା ଲକ୍ଷ୍ୟ କରାଯାଉଛି। ବାଲିକୁଦା ବ୍ଲକ ଅନ୍ତର୍ଗତ ସଂଗ୍ରାମପୁର ଗ୍ରାମର ମୂଳବାସିନ୍ଦା ୩୮ ବର୍ଷ ବୟସ୍କ ସତ୍ୟ, ଗାଁ ପୁଅ ହେବା ସାଙ୍ଗକୁ ଖୁବ୍ କମ ବୟସରେ ଜାତୀୟ ରାଜଧାନୀ କ୍ଷେତ୍ରର ଗୁରୁଗ୍ରାମଠାରେ ବ୍ୟାପାର ଜଗତରେ ବେଶ ସୁନାମ ଅର୍ଜନ କରିବା ବିଷୟ ତାଙ୍କ ସପକ୍ଷରେ ଯାଉଛି। ଶ୍ରୀ ମହାନ୍ତିଙ୍କର ଯୁବ ଚେହେରା, ସତେଜ ବ୍ୟକ୍ତିତ୍ୱ, ସ୍ୱଚ୍ଛ ଭାବମୂର୍ତ୍ତି, ସରଳ ପ୍ରକୃତି, ସଚ୍ଚୋଟ ଚରିତ୍ର, କଷ୍ଟ ସହିଷ୍ଣୁ ସ୍ୱଭାବ, ଶୃଙ୍ଖଳିତ ଆଚରଣ, ଭଦ୍ର ବ୍ୟବହାର, ପରୋପକାରୀ ମନୋଭାବ, ଉଦାରମନା ଆଚାର ଏବଂ ସର୍ବୋପରି ଗରିବ – ଗୁରୁବା ପ୍ରେମୀ ଦୃଷ୍ଟିଭଙ୍ଗୀକୁ ସାଧାରଣ ଭୋଟଦାତାମାନେ ବହୁତ ପସନ୍ଦ କରୁଛନ୍ତି। ବାଲିକୁଦାର ଏକ ସମ୍ମାନସ୍ପଦ ସମ୍ଭ୍ରାନ୍ତ ପରିବାରର ଯୋଗ୍ୟ ଦାୟଦ ସତ୍ୟଙ୍କର ଜେଜେ ବାପା ସ୍ୱର୍ଗତଃ ପର୍ଶୁରାମ ମହାନ୍ତି ଏହି ଇଲାକାର ପ୍ରସିଦ୍ଧ ସ୍ୱାଧୀନତା ସଂଗ୍ରାମୀ ଏବଂ ମଉସା ବିଶିଷ୍ଟ ଜନନାୟକ ତଥା ଲୋକସଭାର ପୂର୍ବତନ ବାଚସ୍ପତି ରବି ରାୟ ଥିଲେ। ନିଜ ପରିବାରର ସୁଦୂର ପ୍ରସାରୀ ଲୋକ ସଂପର୍କ ଏବଂ ସୁବିସ୍ତୀର୍ଣ୍ଣ ଜନସୁନାମକୁ ଆଧାର କରି ସତ୍ୟ, ରାଜନୀତିରେ ତାଙ୍କର ଭାଗ୍ୟ ପରୀକ୍ଷା କରିବାକୁ ଯାଉଛନ୍ତି। ଗାଁ ର ପାଣି, ପବନରେ ବଢ଼ିଥିବାରୁ ଶ୍ରୀ ମହାନ୍ତିଙ୍କର ସ୍ଥାନୀୟ ସମସ୍ୟାବଳୀ ଓ ଏଗୁଡ଼ିକର ସମାଧାନର ସୂତ୍ର ସମ୍ପର୍କରେ ବ୍ୟକ୍ତିଗତ ସ୍ତରରେ ଅନୁଭବ ରହିଛି। ବିଦ୍ୟାର୍ଥୀ ଜୀବନରେ ଜଣେ ମେଧାବୀ ଛାତ୍ର ରହି ଆସିଥିବା ସତ୍ୟ, ବେଲବଣ ହାଇସ୍କୁଲ ଏବଂ ବାଲିକୁଦା କଲେଜରେ ଶିକ୍ଷାପ୍ରାପ୍ତି କରିବା ପରେ ବି.କମ୍ ଡିଗ୍ରୀ ଓ ସିଭିଲ ଇଞ୍ଜିନିୟରିଂରେ ଡିପ୍ଲୋମା ସଫଳତାର ସହିତ ହାସଲ କରିଛନ୍ତି। ନିଜର ଯଶସ୍ୱୀ ପେଶାଦାରୀ କାର୍ଯ୍ୟକାଳ ମଧ୍ୟରେ ଶ୍ରୀ ମହାନ୍ତି ବହୁ ମହତ୍ତ୍ୱପୂର୍ଣ୍ଣ ପଦପଦବୀରେ କାର୍ଯ୍ୟ କରି ତାଙ୍କର ଅସାଧାରଣ ପ୍ରତିଭା ଓ ଅସାମାନ୍ୟ ପାରଦର୍ଶିତା ପ୍ରଦର୍ଶନ କରିବାର ସୌଭାଗ୍ୟ ଲାଭ କରିଛନ୍ତି। ସି. ଏମ୍. ଏସ୍ ଗ୍ରୁପର ପ୍ରଶାସନିକ ଅଧିକାରୀ, ଇଲାଷ୍ଟସ୍ ଟେକ୍ନୋଲୋଜିର ପ୍ରଶାସନିକ ପ୍ରବନ୍ଧକ ଏବଂ ହଟଲ୍ୟାଣ୍ଡ ବେସ୍ ଓ ଜେ.କେ. ଆସୋସିଏଟସ୍ ଆଦି ରିଏଲ ଇଷ୍ଟେଟ ସଂସ୍ଥାର ନିର୍ଦ୍ଦେଶକ ଭାବରେ ଶ୍ରୀ ମହାନ୍ତି, ତାଙ୍କର ଅନନ୍ୟ କାର୍ଯ୍ୟଦକ୍ଷତା ପାଇଁ ଯଥେଷ୍ଟ ସୁଖ୍ୟାତି ଅର୍ଜନ କରିଛନ୍ତି। ୪୫୦ ଟି ପରିବାରକୁ ପୂର୍ଣ୍ଣକାଳୀନ ନିଯୁକ୍ତି ସୁଯୋଗର ଉପଲବ୍ଧ କରାଇଥିବା ଶ୍ରୀ ମହାନ୍ତି କୋଭିଡ୍ ମହାମାରୀ କାଳରେ ମଧ ଏହି ପରିବାର ଗୁଡ଼ିକର ଭରଣପୋଷଣକୁ ଜାରୀ ରଖି ସାଧାରଣରେ ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ସତ୍ୟଙ୍କର ଗଗନଚୁମ୍ବୀ ସଫଳତା ତାଙ୍କୁ ନୂତନ ପିଢୀର ଜଣେ ପ୍ରଗତିଶୀଳ, ସକାରାତ୍ମକ ଏବଂ ବାସ୍ତବଧର୍ମୀ ଶିଳ୍ପ ?ଦ୍ୟୋଗୀ ଭାବରେ ପ୍ରତିଷ୍ଠିତ କରାଇଛି। ୨୦୦୭ ମସିହାରେ ଶ୍ରୀ ମହାନ୍ତି ହରିୟାଣା ଠାରେ ବିଜେପିରେ ଯୋଗ ଦେଇଥିଲେ। ସେବେଠାରୁ ସେ ଦଳର ନୀତି, ଆଦର୍ଶ ଓ କାର୍ଯ୍ୟକ୍ରମଗୁଡ଼ିକୁ ପ୍ରଚାର, ପ୍ରସାର କରିବାରେ ଲାଗିଛନ୍ତି। ଶ୍ରୀ ମହାନ୍ତିଙ୍କର ସକ୍ରୀୟ ଓ ସୁଦକ୍ଷ ନେତୃତ୍ୱ ଯୋଗୁଁ ବାଲିକୁଦା – ଏରସମାରେ ବିଜେପିର ସଂଗଠନ ସୁଦୃଢ଼ ହେଉଥିବାର ଲକ୍ଷ୍ୟ କରାଯାଉଛି। ଦଳ ପ୍ରତି ତାଙ୍କର ପ୍ରତିବଦ୍ଧତା ଏବଂ ଆନୁଗତ୍ୟ ତଥା ଜନତା ଜନାର୍ଦ୍ଦନଙ୍କର ସମୂହ କଲ୍ୟାଣ ପାଇଁ ଉତ୍ସର୍ଗୀକୃତ ସାଧନା, ସତ୍ୟଙ୍କୁ ଏହି ଅଞ୍ଚଳର ଆଶା ଭରସାର ଆଲୋକବର୍ତ୍ତିକା ଭାବେ ଉଭା କରିସାରିଛି। ରାଜନୈତିକ ପର୍ଯ୍ୟବେକ୍ଷକ ମାନଙ୍କର ଆକଳନ ଅନୁଯାୟୀ ଯୁବ, ଶିକ୍ଷିତ, ମହିଳା, ଚାଷୀ ଏବଂ ଗରିବ ଗୁରୁବା ଭୋଟ ଦାତା ମାନଙ୍କର ପ୍ରଚଣ୍ଡ ଆସ୍ଥା ଏବଂ ପ୍ରଚୁର ଆଶୀର୍ବାଦ ବଳରେ ବାଲିକୁଦା – ଏରସମା ଆସନରେ ସତ୍ୟସାରଥୀ ମହାନ୍ତି, ତାଙ୍କ ଜୀବନର ପ୍ରଥମ ନିର୍ବାଚନୀ ସଂଗ୍ରାମରେ ଜିତାପଟ ହାସଲ କରିବାର ସମ୍ଭାବନା ଦିନକୁ ଦିନ ଉଜ୍ଜଳରୁ ଉଜ୍ଜ୍ୱଳତର ହେବାରେ ଲାଗିଛି।

## ଇମାମନଗର ଗ୍ରାମରେ ହିଙ୍ଗୁଳା ମହାଯଜ୍ଞ ଉଦ୍ୟାପିତ

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ୍ ଗଙ୍ଗାଧରପୁର ପଂଚାୟତ ଇମ୍ମାମ ନଗର ଠାରେ ୪୨ ତମ ବାର୍ଷିକ ହିଙ୍ଗୁଳା ମହାଯଜ୍ଞ ଉଦଯାପିତ ହୋଇଯାଇଛି । ୩ ଦୀନ ବ୍ୟାପି ଏହି ଯଜ୍ଞ ଚାଲିଥିବା ବେଳେ ପ୍ରତିଦିନ ଗୋ ପୂଜା, ସୂର୍ଯ୍ୟ ପୂଜା, ଚଣ୍ଡୀ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ପ୍ରତିଦିନ ସନ୍ଧ୍ୟାରେ ଭଜନ ସଂକୀର୍ତନ ଅନୁଷ୍ଠିତ ହୋଇଥିଲା । ତିନିଦିନ ଧରି କୌଣସି ପରିବାରରେ ଅଗ୍ନୀ ସଂଯୋଗ କରି ରୋଷେଇ କରାଯାଇନାହିଁ ହିଙ୍ଗୁଳା କମିଟି ପକ୍ଷରୁ ଦିନରେ ଓ ରାତିରେ ଆନନ୍ଦ ବଜାରରେ ଗ୍ରାମର ସମସ୍ତ ଲୋକଙ୍କୁ ଓ ଯଜ୍ଞ ଦେଖିବାକୁ ଆସୁଥିବା ଶ୍ରଦ୍ଧାଳୁ ମାନଙ୍କୁ ପ୍ରସାଦ ବଂଟନ କରାଯାଇଥିଲା। ଏହି ଯଜ୍ଞ କାର୍ଯ୍ୟକ୍ରମକୁ ପଣ୍ଡିତ କମଳ ଲୋଚନ ଶତପଥୀ, ପଣ୍ଡିତ ସୂର୍ଯ୍ୟକାନ୍ତ କର, ପଣ୍ଡିତ ଶୁର ଦାଶ ପୂଜାର୍ଚ୍ଚନା କରିଥିଲେ । ପୂଜା କମିଟି ର କର୍ମକର୍ତା , ସଦସ୍ୟ ମାନେ ଯଜ୍ଞ ଉତ୍ସବ କୁ ପରିଚାଳନା କରିଥିବାବେଳେ ଗାଁର ଯୁବକ ଓ ମୁରବି ମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ବାରବାଟି ବସ୍ ଦୁର୍ଘଟଣା, ମିଳିଲା ଅଚିହ୍ନା ବ୍ୟକ୍ତିଙ୍କ ପରିଚୟ

ଧର୍ମଶାଳା, (ପିଏନ୍): ଧର୍ମଶାଳା ଥାନା ବାରବାଟି ବସ୍ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଅଚିହ୍ନା ବ୍ୟକ୍ତିଙ୍କ ଆଜି ପରିଚୟ ମିଳିଛି । ସେ ପଶ୍ଚିମବଙ୍ଗ ପୂର୍ବ ମେଦିନାପୁର ଜିଲ୍ଲା ନନ୍ଦିଗ୍ରାମ ଥାନା ଉତର ଦେବୀପୁର ଗ୍ରାମର ଜଗନ୍ନାଥ ଦାସ(୪୯) । ବହୁଦିନ ହେଲା କଟକରେ ରହି ଶ୍ରମିକ ଭାବେ କାମ କରୁଥିଲେ । ଗତ ୧୫ତାରିଖରେ ସେ କାଳିଆନନା ବସ୍‌ରେ ଘରକୁ ଫେରୁଥିବା ବେଳେ ଦୁର୍ଘଟଣାର ଶିକାର ହୋଇ ମୃତ୍ୟୁବରଣ କରିଥିଲେ । ଏ ସଂପର୍କରେ ପରିବାର ଲୋକଙ୍କୁ କୌଣସି ସୂଚନା ମିଳିନଥିଲା । ତେବେ କଟକରେ କାମ କରୁଥିବା ଅନ୍ୟ ଶ୍ରମିକମାନେ ଘରକୁ ଫେରିବା ପରେ ଜଗନ୍ନାଥ ୧୫ତାରିଖରୁ ଘରକୁ ଆସିଥିବା କହିଥିଲେ । ଜଗନ୍ନାଥ ଆସୁଥିବା ବସ୍ ବାରବାଟିଠାରେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଖବର ପାଇ ତାଙ୍କ ବଡ଼ବାପାଙ୍କ ପୁଅ ଗୌତମ ଦାସ ଆଜି ଧର୍ମଶାଳା ଥାନାରେ ପହଁଚି ଆବଶ୍ୟକ ପ୍ରମାଣପତ୍ର ଦେବାପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ ମୃତଦେହ ଚିହ୍ନଟ କରିଥିଲେ । ଉଲ୍ଲେଖ ଯୋଗ୍ୟ, ଗତ ୧୫ତାରିଖ ରାତି ୮.୪୫ରେ କାଳିଆନନା ବସ୍ ଭାରସାମ୍ୟ ହରାଇ ୧୬ନମ୍ବର ଜାତୀୟ ରାଜପଥର ବାରବାଟି ଓଭରବ୍ରିଜ୍‌ରୁ ପ୍ରାୟ ୨୦ଫୁଟ୍ ତଳକୁ ଖସି ପଡ଼ିଥିଲା । ଘଟଣାଦିନ ୫ଜଣ ଯାତ୍ରୀଙ୍କର ମୃତ୍ୟୁ ଘଟିଥିବା ବେଳେ ୪୬ଜଣ ଆହତ ହୋଇଥିଲେ । ଦୁର୍ଘଟଣାର ପରଦିନ ୪ଜଣ ମୃତକ ପଶ୍ଚିମବଙ୍ଗ ପୂର୍ବ ମେଦିନାପୁର ଅଂଚଳର ଉତମ ମାଇତି, ଅଚିନ୍ତା ମାଇତି, ବର୍ଣ୍ଣାଳୀ ଦାସ ଓ ମନୋଜ ଘୋଷ ଚିହ୍ନଟ ହୋଇଥିବା ବେଳେ ଜଗନ୍ନାଥଙ୍କ ପରିଚୟ ଜଣାପଡ଼ିନଥିଲା । ତାଙ୍କ ମୃତଦେହକୁ ଧର୍ମଶାଳା ସିଏଚ୍‌ସି ଶବାଗାରରେ ରଖାଯାଇଥିଲା । ଅଧିକ ଦିନ ଶବ ସଂରକ୍ଷଣ ପାଇଁ ଗତ ୨୧ ତାରିଖରେ ମୃତଦେହକୁ ଜିଲ୍ଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା । ସେହିପରି ଗତ ୨୨ତାରିଖରେ ଅନ୍ୟ ଜଣେ ବସ୍‌ଯାତ୍ରୀ ପଶ୍ଚିମ ମେଦିନାପୁର ଜିଲ୍ଲା ଏଗ୍ରା ଥାନା ଦୁବଦା ଗ୍ରାମର ଅନାଦି ନନ୍ଦନ ଜନା ଓ ୨୩ତାରିଖରେ ବସ୍ ଚାଳକ ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଥାନା ପାଣିଗ୍ରାହୀନଗର ଗ୍ରାମର ହରେକୃଷ୍ଣ ଦାସଙ୍କ ଚିକିତ୍ସାଧୀନ ଅବସ୍ଥାରେ କଟକ ଏସ୍‌ସିବିରେ ଦେହାନ୍ତ ହୋଇଯାଇଛି । ବାରବାଟି ବସ୍ ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ୭ ହୋଇଛି । ଦୁର୍ଘଟଣାର ୧୨ଦିନ ପରେ ମୃତକଙ୍କ ସଂପର୍କରେ ପୁଲିସ୍ ସମସ୍ତ ପ୍ରମାଣ ପାଇ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଆଇଆଇସି ତପନ କୁମାର ନାୟକ ସୂଚନା ଦେଇଛନ୍ତି ।

## ଜୀବନ କୌଶଳ ଶିକ୍ଷା ମାଧ୍ୟମରେ ରକ୍ତହୀନତା ଦୂର ନିମନ୍ତେ ପ୍ରୟାସ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଅପହଂଚ ଇଲାକା ବାଲନ୍ଦାପଡା, ଲୁଇସିଙ୍ଗି, କୁଏରମାଣ୍ଡୁ ଓ ପାହିରାଜୁ ଅଂଚଳର ୪୦ ଜଣ କିଶୋରୀ ବାଳିକାଙ୍କୁ ନେଇ ୨ ଦିନିଆ ଜୀବନ କୌଶଳ ଶିକ୍ଷା ସମ୍ବନ୍ଧୀୟ ତାଲିମ୍ ଆୟୋଜିତ ହୋଇଯାଇଅଛି । ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ କ୍ରାଏ, କୋଲକାତାଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିଶୁ ମାନଙ୍କର ଅଧିକାର, ଯୌନ ପ୍ରଜନନ ସ୍ୱାସ୍ଥ୍ୟ, ସ୍ୱାସ୍ଥ୍ୟ ଓ ପୁଷ୍ଟି ଶିକ୍ଷା, ଫଳପ୍ରଦ ଯୋଗାଯୋଗ, ଆବେଗ ଜନିତ ଶିକ୍ଷା, ହିଂସା ଓ ଏହାର ପ୍ରକାର ଭେଦ ଇତ୍ୟାଦି ବିଷୟକୁ ଗୁରୁତ୍ୱ ଦେଇ କିଶୋରୀ ମାନେ ଆଗାମୀ ଦିନରେ କିପରି ସୁସଂଗଠିତ ହୋଇ ବାଲ୍ୟ ବିବାହ ଓ ମହିଳା ମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ରୋକି ପାରିବେ ତାହା ପ୍ରୟାସ କରାଯାଇଥିଲା। ତାଲିମର ଉଦ୍‌ଯାପନି ଦିବସରେ ଫିରିଙ୍ଗିଆ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଶ୍ରୀମତୀ ମଞ୍ଜୁଳା ପ୍ରଧାନ ଯୋଗଦେଇ ଜୀବନ କୌଶଳ ଶିକ୍ଷା ମାଧ୍ୟମରେ କିଶୋରୀମାନେ ସଚେତନ ହୋଇ ଅଙ୍ଗନୱାଡି କେନ୍ଦ୍ରକୁ ଆସୁଥିବା ବିଭିନ୍ନ ସୁବିଧା ସୁଯୋଗକୁ ହାତେଇ ପାରିବେ ତା ଉପରେ ଗୁରୁତ୍ୱ ଦେଇଥିଲେ। ତତ୍ ସହିତ ପ୍ରତି ସପ୍ତାହର ଶନିବାର ଅଙ୍ଗନୱାଡି କେନ୍ଦ୍ରରେ ଆୟୋଜିତ ହେଉଥିବା କିଶୋରୀ ସ୍ୱାସ୍ଥ୍ୟ ଦିବସରେ ଅଧିକରୁ ଅଧିକ ଯୋଗଦାନ କରି ସ୍ୱାସ୍ଥ୍ୟ ସମ୍ପର୍କୀତ ଶିକ୍ଷା ଗ୍ରହଣ କରିବା ସହିତ ରକ୍ତହୀନତା ଦୂର କରିବା ପାଇଁ ଲୌହ ବଟିକା ନିୟମିତ ସେବନ ନିମନ୍ତେ ଆହ୍ୱାନ ଦେଇଥିଲେ। ଏଥି ସହିତ ବନ୍ଧଗଡ ସେକ୍ଟରର ସୁପରଭାଇଜର ଶ୍ରୀମତି ସଜିତା ସାହୁ ଯୋଗଦେଇ କୋରୋନା ସମୟରେ ସରକାରଙ୍କର ନିୟମକୁ ମାନି ସାମାଜିକ ଦୂରତା, ମାସ୍କର ନିଶ୍ଚିତ ବ୍ୟବହାର ଓ ବାରମ୍ବାର ହାତ ଧୋଇବା ସହିତ ସମସ୍ତ ପ୍ରକାରର ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ନିମନ୍ତେ ପରାମର୍ଶ ଦେଇଥିଲେ। ସ୍ୱାତୀର ସମ୍ପାଦକ ଇଂ ହରିଶଙ୍କର ରାଉତ ଉପସ୍ଥିତ ରହି ତାଲିମାର୍ଥୀ ମାନଙ୍କୁ ଜୀବନରେ ବିଭିନ୍ନ ସମୟରେ ଆସୁଥିବା ସଙ୍କଟ ଓ ମହିଳା ମାନଙ୍କ ଉପରେ ଲଦିଦିଆଯାଉଥିବା ଅଧିକ ଦାୟିତ୍ୱକୁ କିଭଳି ତୁଲାଇବାକୁ ହୁଏ ତାହା ଆଶା କର୍ମୀ ଓ ଅଙ୍ଗନୱାଡି କର୍ମୀଙ୍କ ନିକଟରୁ ଶିଖିବା ନିମନ୍ତେ ଉପଦେଶ ଦେଇଥିଲେ।

## ଅଜଣା ରୋଗ ନେଲାଣି ୭ ଜୀବନ, ଗୁଣିଆ ଭରଷାରେ ଗ୍ରାମବାସୀ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲାର କାଲିମେଲା ବ୍ଲକ ଅନ୍ତର୍ଗତ ଦୁର୍ଗମ ସାନଟେକଗୁଡା ଗ୍ରାମରେ ଅଜଣା ରୋଗରେ ଯାଇଛି ୭ ଗ୍ରାମବାସୀଙ୍କ ଜୀବନ । ଗ୍ରାମରେ ଏହି ଘଟଣାକୁ ନେଇ ଏକ ପ୍ରକାର ଆତଙ୍କ ଖେଳିଯାଇଥିବା ବେଳେ ଗୁଣିଆ ସାଜିଛି ଏକ ମାତ୍ର ସାହା ଭରସା ! କାଲିମେଲା ବ୍ଲକ ଦୂର୍ଗମ ଅଂଚଳ ଭାବରେ ପରିଚିତ ସାନଟେକଗୁଡା ଗ୍ରାମରେ ୫୨ ଆଦିବାସୀ ସମ୍ପ୍ରଦାୟ ର ଲୋକେ ବସବାସ କରୁଛନ୍ତି ! ସେମାନଙ୍କ ପାଇଁ ବିଶୁଦ୍ଧ ପାଣି ସାତସପନ ପାଲଟିଛି। ଗ୍ରାମରେ ଥିବା ନଳକୂଅ ପାଣି ପିଇବା ଉପଯୋଗି ନୁହେଁ । ସେଥିରେ ନାଲି ରଙ୍ଗର ଗୋଳିଆ ପାଣି ବାହାରୁଛି । ଲୋକ ମାନେ ବାଧହୋଇ ଏହି ଗୋଳିଆ ପାଣି ପିଇ ମୃତ୍ୟୁମୁଖରେ ପଡୁଥିବାର ଦେଖିବାକୁ ମିଳିଛି ।ଏଥି ସହିତ ଗ୍ରାମବାସୀମାନେ ନିକଟସ୍ଥ ନାଳ ଓ ଝରଣା ପାଣି ମଧ ପିଇବାକୁ ବାଧ ହେଉଛନ୍ତି। ଗ୍ରାମରେ ୩ ବର୍ଷ ତଳେ ୨ଲକ୍ଷ ଟଙ୍କା ବ୍ୟୟରେ ଏକ ପାନୀୟ ଜଳ ପ୍ରକଳ୍ପ ହୋଇଥିଲେ ମଧ ତାହା ଏବେ ଅକାମୀ ହୋଇପଡ଼ି ରହିଛି। ଫଳରେ ସାନଟେକଗୁଡା ଗ୍ରାମବାସୀ ବିଶୁଦ୍ଧ ପାଣି ଟୋପାଏ ପାଇପାରୁ ନଥିବାର ଅଭିଯୋଗ କରିଛନ୍ତି। ଏହି ଦୂଷିତ ପାଣି ପିଇ ପ୍ରାୟ ୨ମାସଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି। -ସାନଟେକଗୁଡା ଗ୍ରାମରେ ଗତ ୨ମାସ ଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କର ଜୀବନ ଯାଇଥିଲେ ମଧ ଲୋକମାନେ ଏବେ ବି ସଚେତନ ହୋଇନାହାନ୍ତି। ପାଣି ପିଇ ଯଦି କାହାର ଦେହ ଖରାପ ହୁଏ ଗୁଣିଆ ଦ୍ୱାରା ରୋଗୀମାନଙ୍କୁ ଝଡାଫୁଙ୍କା କରା ଯାଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି। ଲୋକମାନେ ଡ଼ାକ୍ତରଖାନାଯିବା ପରିବର୍ତେ ଗୁଣିଆ ନିକଟକୁ ଯିବାର ଦେଖି ବାକୁ ମିଳିଛି। ଏହି ଗ୍ରାମବାସୀଙ୍କ ନିକଟରେ ଏ ପର୍ଯ୍ୟନ୍ତ ପହଂଚି ନାହିଁ ନି କୋଣସି ସରକାରୀ ସଚେତନତା। ଯାହା ଫଳରେ ଏହି ଗ୍ରାମରେ ଲୋକମାନେ ଗୁଣିଗାରେଡି ଉପରେ ଭରସା କରି ଆସୁଛନ୍ତି ।

## ଦୁର୍ନୀତି ବିରୋଧରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଦାବି କଲେ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳର ଅଧ୍ୟାପକ ଓ ଅଧ୍ୟାପିକା

ବାରିପଦା, (ପିଏନ)-ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନା ଅନ୍ତର୍ଗତ ରାଢ଼ୋ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଆଦିକନ୍ଦ ଦେଙ୍କ ବିରୋଧରେ ମହାଦୁର୍ନୀତିର ଅଭିଯୋଗ ଆଣି ଘଟଣା ଉପରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ କରିବା ଦାବିରେ ଆଜି ମହାବିଦ୍ୟାଳୟର ଅରବିନ୍ଦ ସେଠୀ, ସମୀର କୁମାର ନାୟକ, ହରପ୍ରିୟା ବେହେରା, ଗୀତିକା ଜେନା, ଜ୍ୟୋତିଶା ମାଝି, ମଧୁସ୍ମିତା ପାତ୍ର, ମନୋଜ ଦଳେଇ, ଗୌରାଙ୍ଗଚନ୍ଦ୍ର ମହାପାତ୍ର, ରାଜୀବ କୁମାର ଗିରି, ତପନ କୁମାର ସାହୁ, ଶୁଭଶ୍ରୀ ନନ୍ଦ, ବିପୀନ ବିହାରୀ ସିଂ, ପଙ୍କଜ କୁମାର ପଣ୍ଡା ପ୍ରମୁଖ ଅଧ୍ୟାପକ, ଅଧ୍ୟାପିକା ପ୍ରମୁଖ ଜିଲ୍ଲାପାଳ ଶ୍ରୀଭରଦ୍ୱାଜଙ୍କୁ ସାକ୍ଷାତ କରି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କ ଅଭିଯୋଗ ଆଧାରରେ ଅଧ୍ୟକ୍ଷ ଶ୍ରୀଦେ ଶହେ କିମ୍ବା ହଜାରେ ନୁହେଁ, ଲକ୍ଷ ଲକ୍ଷ ଟଙ୍କାର ଦୁର୍ନୀତି କରିଛନ୍ତି । ସମସ୍ତଙ୍କୁ ଚୂନ ଲଗାଇ ଏହି ସମସ୍ତ ଟଙ୍କାକୁ ଚଳୁ କରିଛନ୍ତି ମହାବିଦ୍ୟାଳୟର ଅଧ୍ୟକ୍ଷ । ତାହା ପୁଣି ୟୁଜିସି ପକ୍ଷରୁ ମହାବିଦ୍ୟାଳୟକୁ ଆସିଥିବା ଅନୁଦାନ ସହ ମହାବିଦ୍ୟାଳୟରେ କାର୍ଯ୍ୟରତ ଅଧ୍ୟାପକ, ଅଧ୍ୟାପିକ ଓ କର୍ମଚାରୀମାନଙ୍କ ଏରିଆର ଟଙ୍କା, ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀମାନଙ୍କ ଷ୍ଟାଇପେଣ୍ଡ ଟଙ୍କା ସହ ମହାବିଦ୍ୟାଳୟର ପାଣ୍ଠି ଆଦି । ଏହାକୁ ନେଇ ବିବାଦ ଘେରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଦେ । ଏହି ସମସ୍ତ ଅଭିଯୋଗକୁ ନେଇ ମହାବିଦ୍ୟାଳୟର ଅଧ୍ୟାପକ ସମୀର ରଞ୍ଜନ ନାୟକ ମୁଖ୍ୟମନ୍ତ୍ରୀଙ୍କୁ ନିକଟରେ ଅଭିଯୋଗ କରିଥିଲେ ଏବଂ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ କପ୍ତିପଦା ଉପଜିଲ୍ଲାପାଳ ଭଗବାନ ବେହେରା ଗତ କାଲି ଉଦଳା ଥାନା ଅନ୍ତର୍ଗତ ରାଢ଼ୋ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟରେ ପହଁଞ୍ଚିଥିଲେ । ଉପଜିଲ୍ଲାପାଳ ତଦନ୍ତ ଶେଷ କରି ଫେରିବା ସମୟରେ ମହାବିଦ୍ୟାଳୟର ଫାଟକ ସମ୍ମୁଖରେ ତଦନ୍ତ ରିପୋର୍ଟ ସାର୍ବଜନୀନ କରାଯିବା ଦାବିରେ ମହାବିଦ୍ୟାଳୟର ଛାତ୍ର ଓ ଅନ୍ୟ ଜଣେ ସ୍ଥାନୀୟ ବ୍ୟକ୍ତି ଜାତୀୟ ପତକା ଧରି ରାସ୍ତା ଅବରୋଧ କରିବା ସହ ଗାଡ଼ି ସମ୍ମୁଖରେ ଶୋଇ ଧାରଣାରେ ବସିଥିଲେ । ଉକ୍ତ ଘଟଣାରେ ଆଜି ଉଦଳା ଥାନା ଦାୟିତ୍ୱରେ ଥିବା ଖୁଣ୍ଟା ଥାନା ଆଇଆଇସି ସ୍ୱର୍ଣ୍ଣଲତା ମିଞ୍ଜ ଅଧ୍ୟାପକ ମନ୍ମଥ କୁମାର ପଣ୍ଡା(୪୮), ସୁଶାନ୍ତ କୁମାର ମଲ୍ଲିକ(୨୦) ଓ ରଞ୍ଜିତ୍ କୁମାର ବିଶ୍ୱାଳ(୨୪)ଙ୍କୁ ଆଇପିସି ଧାରା ୩୪୧, ୩୪୨, ୩୫୩, ୨୬୮, ୨୬୯, ୨୭୦, ୧୮୬, ୧୮୮ ଓ ୩୪ ସହ ୧୯୮୭ ମହାମାରୀ ଆକ୍ଟ-୩ ଓ ବିପର୍ଯ୍ୟୟ ପରିଚାଳନା ଆକ୍ଟ-୨୦୦୫ ଧାରା ୫୬ରେ (କେଶ ନମ୍ବର ୨୩୯/୨୦୨୦) ଗିରଫ କରି କୋର୍ଟ ଚାଲାଣ କରିଥିବା ସମୟରେ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକାମାନେ ଥାନାରେ ଦେଇଥିବା ଅଭିଯୋଗ ଉପରେ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିନାହିଁ । ଅଧିକନ୍ତୁ, ବିଭିନ୍ନ ସମୟରେ ବାହାରର ବ୍ୟକ୍ତି ଓ ମହିଳାମାନଙ୍କୁ ଲଗାଇ ଅଧ୍ୟକ୍ଷ ଶ୍ରୀଦେ ମହାବିଦ୍ୟାଳୟ ପରିସରରେ ଅଧ୍ୟାପକ, ଅଧ୍ୟାପିକାମାନଙ୍କୁ ଧମକଚମକ ଦେବା ସହ ଜଣେ ଅନୁସୂଚିତ ଜନଜାତି ସମ୍ପ୍ରଦାୟର ଅଧ୍ୟାପିକା ମହାବିଦ୍ୟାଳୟକୁ ଆସୁଥିବା ସମୟରେ ରାସ୍ତାରେ ଲୋକ ଲଗାଇ ଜାତିଆଣା ଆକ୍ଷେପ ସହ ଅଶାଳୀନ ଭାଷାରେ ଗାଳିଗୁଲଜ ଓ ଧମକ ଚମକ ଦେଇଥିଲେ । କେବଳ ଏତିକି ନୁହେଁ ଅଧ୍ୟକ୍ଷ ଶ୍ରୀଦେ ତାଙ୍କ ଭାଇ ଓ ପୁଅଙ୍କୁ ମହାବିଦ୍ୟାଳୟରେ ନିଯୁକ୍ତି ପ୍ରଦାନ କରିଛନ୍ତି । ସେମାନେ ମହାବିଦ୍ୟାଳୟକୁ ଆସୁନଥିବା ବେଳେ ପ୍ରତ୍ୟେକ ମାସ ଦରମା ଉଠାଯାଉଛି । ପୁଣି କେତେକ ଅଧ୍ୟାପକଙ୍କ ଅଗୋଚରରେ ସ୍ୱାକ୍ଷରକୁ ନକଲ କରି କରାଯାଇ ଟଙ୍କା ଉଠାଯାଇଛି । ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଦେଙ୍କ ନାମରେ ଏହିପରି ବିଭିନ୍ନ ସଙ୍ଗୀନ ଅଭିଯୋଗ ଆଣି ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକାମାନେ ବାରମ୍ବାର ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଆସୁଥିବା ସମୟରେ ଆଜି ଜିଲ୍ଲାପାଳଙ୍କୁ ଭେଟି ନିଜର ଅଭିଯୋଗ ଜଣାଇଛନ୍ତି । ତେବେ ଏହାର ଶେଷ କେଉଁଠି ତାହାକୁ ନେଇ ଉଠିଛି ପ୍ରଶ୍ନ । ଅଧ୍ୟକ୍ଷ ଓ ଅଧ୍ୟାପକମାନଙ୍କ ମଧ୍ୟରୁ ବଳି ପଡ଼ିବ କିଏ । ଏହି ବିବାଦ ମଧ୍ୟରେ ସତ୍ୟର ଜୟ ହେଉଛି ନା ଅସତ୍ୟର ଜୟ ହେଉଛି , ତାହା କେବଳ ପରବର୍ତି ସମୟ ହିଁ କହିବ ।




2024-2025

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

୨୬ ବର୍ଷରେ

Bhubaneswar Sunday April 28, 2024 ଭୁବନେଶ୍ୱର ରବିବାର, ଅପ୍ରେଲ ୨୮,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## ବିଜେଡିରୁ ଟିକେଟ ପାଇଲା ପରେ ଦିଲ୍ଲୀପ ଉଦ୍ଧତର ଚ଼ରମ ସିମାରେ

ନିମାପଡ଼ା,(ପି.ଏନ):ରାଜ୍ୟର ତିନୋଟି ପ୍ରମୁଖ ଦଳ ପକ୍ଷରୁ ନିମାପଡ଼ାରେ ଟିକେଟ ବଣ୍ଟନ ସରିଛି ।ଏଣୁ ନିମାପଡ଼ା ନିର୍ବାଚ଼ନ ମଣ୍ଡଳୀରେ ରାଜନୈତିକ ବାତାବରଣ ବେଶ ଉଷ୍ମ ହୋଇ ଉଠିଲାଣି ।ଏଠାରେ ବିଜେଡ଼ିରୁ ଦିଲ୍ଲୀପ ନାୟକ,ବିଜେପିରୁ ପ୍ରଭାତୀ ପରିଡ଼ା ଓ କଂଗ୍ରେସରୁ ସିଦ୍ଧାର୍ଥ ରାଉତରାୟଙ୍କୁ ଦଳ ପ୍ରାର୍ଥୀ ଘୋଷଣା କରିଛି ।ଯଦିଓ କେହି ନାମାଙ୍କନ ପତ୍ର ଦାଖଲ କରିନାହାନ୍ତି କିନ୍ତୁ ନିଜ ନିଜ ସମର୍ଥକ ମାନଙ୍କ ସହିତ ନିର୍ବାଚ଼ନ ମଣ୍ଡଳୀର ବିଭିନ୍ନ ସ୍ଥାନ ଗସ୍ତ କରି ନିଜ ସପକ୍ଷରେ ପ୍ରଚ଼ାର କାର୍ଯ୍ୟ ଆରମ୍ଭ କରି ଦେଇଥିବା ବେଳେ ବିଜେପିରୁ ଟିକେଟ ନ ପାଇ ଗତ ୧୫/ ୨୦ଦିନ ତଳେ ବିଜେଡିରେ ମିଶି ବିପୁଳ ଅର୍ଥ ବ୍ୟୟରେ ଟିକେଟ ହାତେଇ ଥିବା ଦିଲ୍ଲୀପ ନାୟକ କଂଗ୍ରେସ ଓ ବିଜେପିର ଆମଦାନୀ କର୍ମୀଙ୍କୁ ଧରି ବାରମ୍ବାର ଗୁପ୍ତ ବୈଠକ କରିବାରେ ଲାଗିଛନ୍ତି । ଶାସକ ଦଳରୁ ଟିକେଟ ପାଇ ବାହାରକୁ ଖୁସି ଜଣାପଡୁ ଥିଲେ ମଧ୍ୟ ମନଭିତରେ କୋଉଠି ନା କୋଉଠି ଭୟ ଦେଖିବାକୁ ମିଳୁଥିବା ସ୍ପଷ୍ଟ ବାରି ହୋଇ ପଡୁଛି ।ନିମାପଡା ନିର୍ବାଚ଼ନ ମଣ୍ଡଳୀର ତିନି ଥର ବିଧାୟକ ହୋଇଥିବା ସମୀର ରଞ୍ଜନ ଦାଶଙ୍କୁ ବିଜେଡି ଟିକେଟରୁ ବଞ୍ଚିତ କରି କିଛି ଦିନ ତଳେ ବିଜେପିରୁ ଆସି ମିଶିଥିବା ଦିଲ୍ଲୀପ ନାୟକଙ୍କୁ ଦଳ ଟିକେଟ ଦେଲା ପରେ ବିଜେଡିରେ ଏବେ ଅସନ୍ତୁଷ୍ଟ ବଢ଼ି ବାରେ ଲାଗିଛି ।ଏପଟେ ଦିଲ୍ଲୀପ ନାୟକ ବିଜେଡିରୁ ଟିକେଟ ପାଇବା ପରେ ଉଦ୍ଧତର ଚ଼ରମ ସୀମାରେ ପହଞ୍ଚି ଯାଇଛନ୍ତି ବୋଲି ଦଳୀୟ କର୍ମୀଙ୍କ ଠାରୁ ଶୁଣିବାକୁ ମିଳୁଛି ।ବିଜେଡିରୁ ଟିକେଟ ପାଇବା ପରେ ଦିଲ୍ଲୀପ ଏବେ ନିମାପଡା ନିର୍ବାଚ଼ନ ମଣ୍ଡଳୀର ପୁରୁଖା ନେତା,ପଂଚ଼ାୟତର ଲୋକ ପ୍ରତିନିଧିଙ୍କ ସହିତ ବିଜେଡିର ଆଗ ଧାଡ଼ିର ନେତା ଓ କର୍ମୀ ମାନଙ୍କୁ ନ ଖୋଜି ଅଣ ବିଜେଡି କର୍ମୀ ମାନଙ୍କୁ ନେଇ ବୁଲିବାରେ ଲାଗିଛନ୍ତି ।ଚ଼ାରିଛକ ଠାରେ ଅନୁଷ୍ଠିତ ମିଶ୍ରଣ ବୈଠକରେ ସେହି ପୁରୁଣା ବିଜେପି କର୍ମୀ ମାନଙ୍କୁ ମିଶାଇ ବାହାବା ନେବାକୁ ବସିଥିବା ବେଳେ ନିମାପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦର ୪ନମ୍ବର କାଉନସିଲର ଧନୁର୍ଦ୍ଧର ଦାସ ଏ ସବୁ ଦେଖି ବିରକ୍ତି ପ୍ରକାଶ କରି ସ୍ଥାନ ଛାଡ଼ି ଚ଼ାଲି ଆସିଥିଲେ ।ମାତ୍ର ଶ୍ରୀଯୁକ୍ତ ନାୟକ ଆସି କାଉନସିଲର ଶ୍ରୀଯୁକ୍ତ ଦାସଙ୍କୁ ବୁଝାସୁଝା କରି ଫେରାଇ ନେଇଥିଲେ ।ଏଥିରୁ ଜଣାପଡୁଛି ଦିଲ୍ଲୀପ ନାୟକଙ୍କର ସାଂଗଠନିକ ଦକ୍ଷତା କେମିତି ଅଛି ।ଏଠାରେ ସୂଚ଼ନାଯୋଗ୍ୟ କଂଗ୍ରେସ ଛାଡି ବିଜେପିରେ ମିଶିବା ପରେ ଶ୍ରୀଯୁକ୍ତ ନାୟକ ଏହି ସମାନ ପନ୍ଥା ଆପଣେଇ ଥିଲେ ।ପ୍ରତ୍ୟେକ ଦିନ ନିଜର ଲୋକ ଦେଖି ବିଜେପିରେ ମିଶାଇ ଖବର କାଗଜରେ ପ୍ରକାଶ କରୁଥିଲେ ।ଉଦ୍ଦେଶ୍ୟ ଥିଲା ଏମିତି ? କରିବା ଦ୍ୱାରା ବିଜେପିର ଉପର ନେତୃତ୍ୱ ଖୁସି ହେବେ ଏବଂ ୨୦୨୪ ସାଧାରଣ ନିର୍ବାଚ଼ନରେ ବିଜେପି ଦଳରୁ ତାଙ୍କୁ ଟିକେଟ ମିଳିବ ।ମାତ୍ର ସେହି ଫର୍ମୁଲା କାମ ଦେଲାନି ।ଆଉ ଗୋଟିଏ କଥା ମଧ୍ୟ ଅସମର୍ଥିତ ସୂତ୍ରରୁ ଶୁଣିବାକୁ ମିଳିଛି ଶ୍ରୀଯୁକ୍ତ ନାୟକଙ୍କୁ ବିଜେପି ଟିକେଟ ମିଳିଥାଆନ୍ତା ମାତ୍ର ସେ କୁଆଡେ ବିଜେପିରେ ଥାଇ ବିଜେଡି ଟିକେଟ ପାଇବା ପାଇଁ ବିଜେଡି ନେତାଙ୍କ ଦ୍ୱାରସ୍ଥ ହେବାର ଠୋସ୍ ପ୍ରମାଣ ବିଜେପି ପାଇବା ପରେ ତାଙ୍କୁ ଟିକେଟରୁ ବଞ୍ଚିତ କଲେ ।ତା ପରେ ଦଳୀୟ ଟିକେଟ ନେଇ ବିଧାୟକ ହେବା ପାଇଁ ଶ୍ରୀଯୁକ୍ତ ନାୟକ ଏତେ ମାତ୍ରାରେ ବିକଳ ଯେ ତିନି ବର୍ଷ ମଧ୍ୟରେ ତିନୋଟି ଦଳ ପରିବର୍ତ୍ତନ କରିସାରିଲେଣି ।ଆଜି ବଳଙ୍ଗାଠାରେ ଏକ ମିଶ୍ରଣ ବୈଠକ କରିବା ପାଇଁ ଗୁରୁବାର ଦିନ ସେହି ପୁରୁଣା ବିଜେପି କର୍ମୀ ମାନଙ୍କ ପାଖକୁ ଯାଇ ମିଟିଙ୍ଗକୁ ଆସିବା ପାଇଁ ନେହୁରା ହେଉଥିବା ସମୟରେ କର୍ମୀ ମାନେ ରୋକ୍ ଠୋକ୍ ମନାକରିଦେଇଥିବାର ଶୁଣିବାକୁ ମିଳିଛି ।ଏସବୁ ପରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଦୃଶ୍ୟ ଶ୍ରାବ୍ୟ ଗଣମାଧ୍ୟମରେ ଶ୍ରୀଯୁକ୍ତ ନାୟକ ଯେଉଁ ବୟାନ ଦେଉଛନ୍ତି ସେଥିରୁ ଜଣାପଡୁଛି ତାଙ୍କର ଶିକ୍ଷାଗତ ଯୋଗ୍ୟତା ବିଷୟରେ ।ଯଦି ନିର୍ବାଚ଼ନରେ ବିଜୟଲାଭ କରନ୍ତି ଭଲକଥା,ଯଦି ପରାଜୟ ହୁଏ ତେବେ ଯା ପରେ କୋଉ ଦଳକୁ ଯିବେ ନା ବିଜେଡିରେ ରହିବେ ତାହା ନିମାପଡ଼ା ନିର୍ବାଚ଼ନ ମଣ୍ଡଳୀର ଭୋଟର ବିଚ଼ାର କରିବେ ।

## ନାବାଳିକା ଦୁଷ୍କର୍ମକାରୀକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଓ ୬ ହଜାର ଟଙ୍କା ଜରିମାନା

ବାଲେଶ୍ୱର,(ପି.ଏନ):ଏକ ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ବାଲେଶ୍ୱର ପୋକ୍ସୋ ସ୍ପେଶାଲ କୋର୍ଟର ବିଚାରପତି ରଞ୍ଜନ କୁମାର ସୁତାର ଆସାମୀ ତନ୍ମୟ ଧୂପାଳ କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହିତ ୬ ହଜାର ଟଙ୍କା ଜରିମାନା ଓ ଜରିମାନା ଅନାଦାୟେ ଅଧିକ ୨ ବର୍ଷ କାରାଦଣ୍ଡ ଭୋଗିବାକୁ ଶୁଣାଣୀ କରିଛନ୍ତି । ସୂଚନାଯୋଗ୍ୟ ଯେ ଖନ୍ତାପଡ଼ା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ସୋର ଥାନା ଅଞ୍ଚଳର ତନ୍ମୟ ଧୂପାଳ ଦୁଷ୍କର୍ମ କରିଥିବା ଥାନାରେ ଅଭିଯୋଗ ହୋଇଥିଲା । ଥାନା ପକ୍ଷରୁ ୧୩୩/ ୨୩ ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ତନ୍ମୟକୁ ଗିରଫ କରାଯାଇଥିଲା । ୧୩ ଜଣ ସାକ୍ଷୀ ଓ ୧୮ଟି ଦଲିଲ୍ ଦସ୍ତାବିଜ୍ କୁ ଆଧାର କରି ଅଭିଯୁକ୍ତ ତନ୍ମୟକୁ ପୋକ୍ସୋ ଆଇନର ୪୨, ୬ ଓ ୫୦୬ ଦଫାରେ ଦୋଶୀ ସାବ୍ୟସ୍ତ କରି ଉପରୋକ୍ତ ଦଣ୍ଡାଦେଶ ଶୁଣାଇଥିଲେ । ଗିରଫ ଦିନ ଠାରୁ ତନ୍ମୟ ବାଲେଶ୍ୱର ଜେଲ ହାଜତରେ ବିଚାରଧୀନ ବନ୍ଦି ଭାବେ ରହିଥିଲେ ।

## ରୋହିଗାଁ ପଞ୍ଚାୟତରେ ବିଜେଡି ବିଧାୟକ ପ୍ରାର୍ଥୀଙ୍କ ନିର୍ବାଚ଼ନୀ ପ୍ରଚ଼ାର

କୁକୁଡାଖଣ୍ଡି(ଇପିଲି ପୂର୍ଣ୍ଣଚ଼ନ୍ଦ୍ର), (ପି.ଏନ):ଶନିବାର ଦିନ ଅପରାହ୍ନ ସମୟ ରେ ଦିଗପହଣ୍ଡି ନିର୍ବାଚ଼ନ ମଣ୍ଡଳୀ ବିଜେଡି ବିଧାୟକ ପାର୍ଥି ବିପ୍ଳବ ପାତ୍ର କୁକୁଡାଖଣ୍ଡି ବ୍ଲକ ର ରୋହିଗାଁ ପଞ୍ଚାୟତ ଅଧିନସ୍ଥ ରୋହି ଗାଁ, ନଳିହାଡ, ପାଣ୍ଡିଆଝୋଳି, ନୂଆ ପାଣ୍ଡିଆଝୋଳି ଆଦି ଗ୍ରାମ ମାନଙ୍କ ରେ ନିଜ ର ଶହ ଶହ ସମର୍ଥକ ମାନଙ୍କୁ ନେଇ ଗ୍ରାମ ବିଭିନ୍ନ ସାହି ପରିକ୍ରମା କରିବା ସହ ରାଜ୍ୟ ସରକାର ଙ୍କ ବିଭିନ୍ନ ଯୋଜନା ଗୁଡିକ ଲୋକଙ୍କୁ ବୁଝାଇବା ସହ ଯୋଜନା ଲୋକଙ୍କ ପାଖରେ ପହଁଚୁଛି କି ନାହିଁ ପଚ଼ାରିବୁଝିଥିଲେ । ବିଧାୟକ ପାର୍ଥି ଙ୍କ ଶହ ବ୍ଲକ ଅଧକ୍ଷ କାମାକ୍ଷା



ପ୍ରସାଦ ପାତ୍ର, ଉପାଧାକ୍ଷା ବିଷ୍ଣୁପ୍ରିୟା ପାତ୍ର, ବରିଷ୍ଠ ବିଜେଡି ନେତା ଉଦୟ ବେହେରା, ସରପଞ୍ଚ ବଶିଷ୍ଠ ଜେନା ,ସମିତିସଭ୍ୟ ଲକ୍ଷ୍ମୀ ସ୍ୱାଇଁ, , ବରିଷ୍ଠ ବିଜେଡି ନେତା ଉଦୟ ବେହେରା, କୈଳାସ ବିଷୋୟୀ, ବିଭିନ୍ନ ପଞ୍ଚାୟତ ରୁ ଆସିଥିବା ସରପଞ୍ଚ ଓ ସମିତି ସଭ୍ୟ ଙ୍କ ଶହ ବହୁ ଯୁବ ବିଜେଡି କର୍ମୀ ଓ ନେତା ଉପସ୍ଥିତ ରହିଥିଲେ ।

## ଆଦର୍ଶ ଶିକ୍ଷକଙ୍କ ପରଲୋକ

ଦର୍ପଣ,(ପିଏନ୍) : ବଡ଼ଚଣା ବ୍ଲକ ଶନ୍ତିପୁର ପଂଚାୟତ ଅନ୍ତର୍ଗତ ବେଣାପୁର ଗ୍ରାମର ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ ବାଞ୍ଛାନିଧି ସ୍ୱାଇଁ (୭୬)ଙ୍କ ବୟସରେ ଶୁକ୍ରବାର ପରଲୋକ ଘଟିଛି । ସେ ଠାକୁର ଅନୁକୂଳ ଚନ୍ଦ୍ରଙ୍କର ରତିକ ଥିଲେ। ଚଣ୍ଡିଖୋଲ ସତ୍‌ସଂଗ ବିହାରର ସହଯୋଗୀ ପ୍ରତିଷ୍ଠାତା ଥିଲେ। ସେ ଜଣେ ଆଦର୍ଶ ଶିକ୍ଷକ ଭାବରେ ବେଶ ପରିଚିତ ଥିଲେ। ଶୁକ୍ରବାର ତାଙ୍କର ପରଲୋକ ଖବର ପାଇ ବେଣାପୁର ସ୍ଥିତ ବାସଭବନରେ ଶିକ୍ଷକ ରବୀନ୍ଦ୍ର ନାଥ ବଳ, ଯଦୁନାଥ ସାମଲ, ଶିଶୁ ସାହିତ୍ୟିକ ଅଭିମନ୍ୟୁ ଧଳ, ସରପଂଚ ମିନକେତନ ସେଠୀ ପ୍ରମୁଖ ପହଂଚି ଶେଷ ଦର୍ଶନ କରିଥିଲେ। ମୃତ୍ୟୁ ଖବର ପାଇ ପୂର୍ବତନ ମନ୍ତ୍ରୀ ସୀତାକାନ୍ତ ମହାପାତ୍ର, ବିଧାୟକ ଅମର ପ୍ରସାଦ ଶତପଥୀ, ସାମ୍ବାଦିକ ଶିବରାମ ସାହୁ, ଯୁବ ସମାଜସେବୀ ଦେବେନ୍ଦ୍ର ସାମଲ, ଇନ୍ଦ୍ରମଣି ପଣ୍ଡା, ଭଗବାନ ପଣ୍ଡା, କବି ନିରଞ୍ଜନ ଜେନା ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି ।

## ପୂର୍ବତନ ପ୍ରଧାନ ଶିକ୍ଷକ ଜାନକିବଲ୍ଲଭଙ୍କ ଶ୍ରଦ୍ଧାଞ୍ଜଳି ସଭା

କେନ୍ଦ୍ରାପଡ଼ା,(ପି.ଏନ): ପୂର୍ବତନ ପ୍ରଧାନଶିକ୍ଷକ ତଥା କେନ୍ଦ୍ରାପଡା ସହରର ସାରଙ୍ଗସ୍ଥିତ ଜାନକିବଲ୍ଲଭ ଦାଶଙ୍କ ଏକାଦଶାହ ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ତାଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆଦିକନ୍ଦ ରାଉଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ କେଦାରନାଥ ସାମନ୍ତରାୟ, କାନନବିହାରି ସାହୁ, ଶିବପ୍ରସାଦ ସିଂ, ରମେଶ ଚନ୍ଦ୍ର ନାୟକ, ସନ୍ତୋଷ କୁମାର ଜେନା, ଶ୍ରୀନିବାସ ସାହୁ, ରମଣୀରଞ୍ଜନ ରାଉତରାୟ, ସୁଷମା ଦେବୀ, ଶ୍ରୀକାନ୍ତ କୁମାର ଦାସ, ଶ୍ରୀମନ୍ତ କୁମାର ଦାସ, ସଚ୍ଚିକାନ୍ତ ଦାସ, ଆର୍ତ୍ତ ଚରଣ ନାୟକ, ସମାଜସେବୀ ନିରଞ୍ଜନ ପରିଡା ପ୍ରମୁଖ ଯୋଗଦେଇ ପୂର୍ବତନ ପ୍ରଧାନ ଶିକ୍ଷକ ସ୍ୱର୍ଗତ ଦାଶଙ୍କ ସ୍ମୃତି ଚାରଣ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

## ୨୦ହଜାର ଉର୍ଦ୍ଧ୍ୱ ବାଇକ ରାଲିରେ ବଡ଼ଚଣା ବିଜେଡ଼ି ପ୍ରାର୍ଥୀନୀ ବର୍ଷା ପ୍ରିୟଦର୍ଶିନୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା





ଦର୍ପଣ,(ପିଏନ୍) : ବଡ଼ଚଣା ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଜୁଜନତା ଦଳ ପକ୍ଷରୁ ବିଜେଡ଼ି ପ୍ରାର୍ଥୀନୀ ବର୍ଷା ପ୍ରିୟଦର୍ଶୀନୀ ପ୍ରଥମ କରି ଆଜି ବଡ଼ଚଣା ଗସ୍ତ କରିଛନ୍ତି। ତାଙ୍କ ସହିତ ଯାଜପୁର ଏମ୍‌ପି ପ୍ରାର୍ଥୀନୀ ସର୍ମୀଷ୍ଠା ସେଠୀ ମଧ୍ୟ ପ୍ରଥମ କରି ଗସ୍ତ କରିଛନ୍ତି । ଏହି ଅବସରରେ ବଡ଼ଚଣା ବିଜୁଜନତା ଦଳ ପକ୍ଷରୁ ଛତିଆ ନିକଟ ନେଳୀଆ ଛକଠାରୁ ଉଭୟ ପ୍ରାର୍ଥୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ସମ୍ବର୍ଦ୍ଧନା ସମୟରେ ୨୦ହଜାରରୁ ଉର୍ଦ୍ଧ୍ୱ ବିଜେଡ଼ି ସମର୍ଥକ ସେଠାରୁ ଏକ ବିଶାଳ ମଟର ସାଇକେଲ ରାଲିରେ ଚଣ୍ଡିଖୋଲ ଛକ ପର୍ଯ୍ୟନ୍ତ ଦଳୀୟ କର୍ମୀମାନେ ପାଛୋଟି ନେଇଥିଲେ। ପ୍ରାର୍ଥୀନୀଙ୍କୁ ଛତିଆ,ବଡ଼ଚଣା, କଢ଼େଇ, ବନ୍ଧାଳୋ ଓ ଚଣ୍ଡିଖୋଲ ଠାରେ ବହୁ କର୍ମୀ ଉପସ୍ଥିତ ରହି ସ୍ୱାଗତ କରିଥିଲେ। ଏହି ଶୋଭାଯାତ୍ରାରେ ଅଧିକାଂଶ ପୁରୁଷ ରହିଥିବା ବେଳେ ବିଭିନ୍ନ ସ୍ଥାନରେ ମହିଳାମାନେ ରହି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏଥର ନୂତନ କରି ବର୍ଷା ପ୍ରିୟଦର୍ଶୀନିଙ୍କୁ ପ୍ରାର୍ଥୀ କରାଯାଇଛି। ଆଜିର ଏହି ସ୍ୱାଗତ ସମ୍ବର୍ଦ୍ଧନା ପର୍ବରେ ରାଜ୍ୟ ବିଜେଡ଼ି ସାଧାରଣ ସମ୍ପାଦକ ଜନ୍ମେଜୟ ଲେଙ୍କା ଓ କ୍ୟାପ୍‌ଟେନ୍ ରାଜନାରାୟଣ ମହାପାତ୍ର ଜିଲ୍ଲାପରିଷଦ ଉପସଭାପତି ଗଣେଶ୍ୱର ବରାଳ, ଜିଲ୍ଲା ପର୍ଯ୍ୟବେକ୍ଷକ ମନ୍ତ୍ରୀ ଅଶୋକ ପଣ୍ଡା, ବ୍ଲକ ବିଜେଡି ସଭାପତି ଅରବିନ୍ଦ ସାମଲ, ସାଧାରଣ ସମ୍ପାଦକ ବିପିନ ବିହାରୀ ଜେନା, ପଂଚାୟତ ସମିତି ଅଧକ୍ଷା ମିନତୀ ସେନାପତି, ଉପାଧକ୍ଷ ବିଭାସ ଚନ୍ଦ୍ର ନନ୍ଦ, ପୂର୍ବତନ ପଂଚାୟତ ସମିତି ଅଧକ୍ଷ ପ୍ରହଲ୍ଲାଦ ନନ୍ଦ, କୈଳାସ ଚନ୍ଦ୍ର ରାଉତ, ପୂର୍ବତନ ଉପାଧକ୍ଷ ପଂଚାନନ ଧଳ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟା ଇତିଶ୍ରୀ ସାମଲ ରାଜ୍ୟ ଯୁବ ବିଜେଡ଼ି ଯୁଗ୍ମ ସମ୍ପାଦକ ଆଶିଷ ରଞ୍ଜନ ଚୌଧୁରୀ, ଜିଲ୍ଲା ଉପସଭାପତି ଅମର କୁମାର ମହାନ୍ତି, ଜିଲ୍ଲାପରିଷଦ ସଭ୍ୟା ଜୟଶ୍ରୀ ସାମଲ, ସସ୍ମିତା ମହାନ୍ତି, ଦମୟନ୍ତୀ ସାମଲ, ଧନେଶ୍ୱର ବେହେରା, ସଂଜୟ ଖୁଣ୍ଟିଆ, ଦିଲ୍ଲୀପ ସାମଲ, ପବନେଶ୍ୱର ଜେନା, ସରପଂଚ ସେକ୍ ଅବଦୁଲ ଗନି, ପ୍ରମୋଦ ଜେନା, ବିଚିତ୍ରା ନନ୍ଦ ମହାପାତ୍ର, ମିହୀର ପ୍ରସାଦ ସ୍ୱାଇଁ, ଯଚିନ୍ଦ୍ର ନାୟକ, ସରପଂଚ ରଞ୍ଜନ ଦାସ, ଯଯାତି ରାଉତ, ନବଦୀପ ନାୟକ, ମିନକେତନ ସେଠୀ, ଦେବଜାନୀ ମହାପାତ୍ର,କିଶୋର ସାମଲ, ସଂଜୟ ସ୍ୱାଇଁ, ସମିତି ସଭ୍ୟ ମଧୁସୁଦନ ବଳ, ପ୍ରଦୀପ୍ତ ମହାନ୍ତି, ଅଶୋକ ସାମଲ, ସଂଜୀବ ସାମଲ, ପ୍ରମୁଖ ବହୁ ନେତୃତ୍ୱ ଓ ପଂଚାୟତ ପ୍ରତିନିଧିମାନେ ସାମିଲ ହୋଇଥିଲେ। ସେମାନେ ବର୍ଷାଙ୍କୁ ବିପୁଳ ଭୋଟ ବ୍ୟବଧାନରେ ବିଜୟ କରାଇବେ ବୋଲି ପ୍ରକାଶ କରିଥିଲେ। ମୋଟର ସାଇକେଲ ରାଲି ପୂର୍ବରୁ ଉଭୟ ପ୍ରାର୍ଥୀ ଛତିଆ ବଟ ଓ ମହାବିନାୟକ ମନ୍ଦିର ପରିଦର୍ଶନ କରି ଆଶିଷ ଭିକ୍ଷା କରିଥିଲେ।

## ସର୍ବ ଭାରତୀୟ ମାତୃ ଭୂମି ନବ ନିର୍ମାଣ ପାର୍ଟି ରେ ଲଢ଼ିବେ ଫୁଲମତି ପାଙ୍ଗୀ

ସେମିଳିଗୁଡା,(ପି.ନଏ): କୋରାପୁଟ ନିର୍ବାଚ଼ନି ମଣ୍ଡଳୀର ପ୍ରାର୍ଥୀ ଭାବେ ସର୍ବ ଭାରତୀୟ ମାତୃ ଭୂମି ନବ ନିର୍ମାଣ ଜାତୀୟ ପାର୍ଟି ରୁ ଲଢ଼ିବେ ଫୁଲମତି ପାଙ୍ଗୀ, ସେ କୋରାପୁଟ ଉପ ଜିଲ୍ଲାପାଳ ଙ୍କ ନିକଟରେ ପ୍ରାର୍ଥୀ ପତ୍ର ଦାଖଲ କରିଛନ୍ତି, ସେ ଜଣେ ପରୋପକାରୀ, ମିଷ୍ଟଭାଷୀ, ସତସାହାସି, ଦୟାଳୁ, ଥିବାବେଳେ ଲୋକଙ୍କ ଠାରେ ବେଶ ପରିଚ଼ିତ ହୋଇଛନ୍ତି, ବିଜେଡି, ବିଜେପି, କଂଗ୍ରେସର ଟାଣୁଆ ନେତା ଙ୍କ ସହ ଚ଼ଳିତ ନିର୍ବାଚ଼ନୀରେ କଡା ଟୋକକର ଦେବେ ବୋଲି କହିଛନ୍ତି ଫୁଲମତି ପାଙ୍ଗୀ ପୂର୍ବରୁ କୋଟିଆ ରେ ସରପଞ୍ଚ, ସମିତି ସଭ୍ୟ ଭାବେ କାର୍ଯ୍ୟ କରିଥିବାସହ ରାଜ ନୀତିରେ ଅନୁଭବ ଥିବା କହି ଛନ୍ତି। ଶିକ୍ଷା ଜଳ ଜମି ଜଙ୍ଗଲ, ମା ମାଟିକୁ ସୁରକ୍ଷା ଦେବା ଓ ଖଣି ଖନନ କୁ ବିରୋଧ କରିବା ଉପରେ ପ୍ରାଧାନ୍ୟ ତା ଦେଇଛନ୍ତି।

## ଜନ ଆର୍ଶିବାଦ ସମାବେଶରେ ହିମାଂଶୁଙ୍କ ରଣ ହୁଙ୍କାର ଟିକେଟ୍ ନ ମିଳିଲେ ସ୍ୱାଧିନରେ ଲଢିବି

ଜେନାପୁର,(ପି.ଏନ୍): ବିଶାଳ ଜନ ଆର୍ଶିବାଦ ସମାବେଶରେ ସମାଜସେବୀ ଓ ବିଜେପି ଯୁବ ନେତା ହିମାଂଶୁ ଶେଖର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଦଳର କର୍ମକର୍ତ୍ତାମାନଙ୍କୁ ଆହ୍ୱାନ ଦେଲେ ଯେ ବିଧାୟକ ପାଇଁ ବିଜେପି ଦଳରେ ଟିକେଟ୍ ମିଳୁ ଅବା ନ ମିଳୁ ସ୍ୱାଧିନ ଭାବେ ଅନ୍ୟାୟ,ଦୁର୍ନୀତି ର ମୂଳ ଉତ୍ପାଟନ କରାଯିବ । ଧର୍ମଶାଳା ନିର୍ବାଚ଼ନ ମଣ୍ଡଳୀ ଅନ୍ତର୍ଗତ ରସୁଲପୁର ବ୍ଲକ୍ ନଠୁଆବର ପଞ୍ଚାୟତ କୃଷ୍ଣପଡ଼ା ଖେଳ ପଡ଼ିଆରେ ୩୪ ଓ ୩୫ନଂ ଜୋନସ୍ତରୀୟ ୯ ପଞ୍ଚାୟତରେ ଜନ ଆର୍ଶିବାଦ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଧର୍ମଶାଳାର ଯୁବ ସଂଗଠକ ହିମାଂଶୁ ଶେଖର ସାହୁଙ୍କ ପକ୍ଷରୁ ଅନୁଷ୍ଠିତ ସମାବେଶକୁ ଚ଼ନ୍ଦ୍ରମଣି ପଣ୍ଡିତ ପରିଚ଼ାଳନା କରିଥିଲେ। ଯୁବନେତା ହିମାଂଶୁ ଉପସ୍ଥିତ ଜନତାଙ୍କ ଉଦ୍ଦେଶ୍ୟରେ ଉଦେ୍‌ବୋଧନ ଦେଇ କହିଥିଲେ, ଧର୍ମଶାଳା ଚ଼ାହେଁ ପରିବର୍ତ୍ତନ ଓ ବିକାଶ ଧାରା କୁ ଆଗକୁ ନେଇ ଏକ ନୂତନ ସଂସ୍କାର ଧର୍ମଶାଳା ଦେଖିବାକୁ ଚ଼ାହୁଁଛନ୍ତି । ଏହି ଅଞ୍ଚଳ ଦେଇ ବ୍ରାହ୍ମଣୀ,ଖରସ୍ରୋତା ନଦୀ ବୋହି ଯାଇଥିବା ବେଳେ ଅଦ୍ୟାବଧି ବିଶୁଦ୍ଧ ଜଳ ପାଇପାରୁ ନାହାଁନ୍ତି ଦୀର୍ଘ ଦିନ ଧରି ପ୍ରକଳ୍ପ ଅବଧି ସରିଲେ ସୁଧା ଆଜି ପର୍ଯ୍ୟନ୍ତ ବିଶୁଦ୍ଧ ଜଳ ପାଇବା ସମ୍ଭବ



ହୋଇପାରିନାହିଁ । ରସୁଲପୁର ଅଞ୍ଚଳବାସୀଙ୍କ ମୁଖ୍ୟ ଜୀବିକା ଏକ କୃଷି ପ୍ରଧାନ ବ୍ଲକ୍ । ଏଠାରେ ଦୀର୍ଘ ୨୫ ବର୍ଷ ଧରି ବିଜୁ ଜନତା ଦଳର ଶାସନ ଚ଼ାଲିଥିଲେ ହେଁ ଶୀତଳ ଭଣ୍ଡାରଟିଏ ହୋଇପାରିଲା ନାହିଁ। ଯାହା ଫଳରେ ଚ଼ାଷୀ ଯାହା ଅମଳ କରେ ତାକୁ ଶାଗ ମାଛ ଦରରେ ବଜାରରେ ବିକ୍ରି କରିଥାଏ । ଏହି ଅଞ୍ଚଳ ପନିପରିବା ପାଇଁ ମୁଖ୍ୟ ସ୍ଥଳି ହୋଇଥିଲେ ସୁଦ୍ଧା ଏକ ଦୁଃଖଦ ଘଟଣା ଏ ପର୍ଯ୍ୟନ୍ତ ଏକ ଶୀତଳ ଭଣ୍ଡାର ହୋଇପାରିଲା ନାହିଁ । ଧର୍ମଶାଳାରେ ସୁଶାସନ ସଂକଳ୍ପବଦ୍ଧ ଭାବେ ସହଯୋଗ କରିବାକୁ ହିମାଂଶୁ ଉପସ୍ଥିତ ଥିବା ସମର୍ଥକ ବିଧିବଦ୍ଧ ପ୍ରତିଶୃତି ଦେଇଥିଲେ । ବିଜେପି ପକ୍ଷରୁ ଟିକେଟ୍ ନ ମିଳିଲେ ସେ ଧର୍ମଶାଳା ବିଧାନସଭା ଆସନରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚ଼ନ ହିମାଂଶୁ ଲଢିବେ ବୋଲି ଉଦବୋଧନ ଦେଇଥିଲେ । ଓଡିଆ ସିନେମା ଜଗତର ନାୟିକା ରିୟା ଦେ ଧର୍ମଶାଳାରେ ପରିବର୍ତ୍ତନ ନିହାତି ଆବଶ୍ୟକ ଓ ହିମାଂଶୁ ଭାଇ ଉପଯୁକ୍ତ ପ୍ରାର୍ଥୀ ବୋଲି ସେ କହିଥିଲେ ।ଅନ୍ୟମାନଙ୍କ ମଧ୍ୟରେ ଯୁବନେତା ପ୍ରକାଶ ଚ଼ନ୍ଦ୍ର ସାମଲ, ଦଳିତ ନେତା ଗୟାଧର ମଲିକ, ଗିରିଗାରିମା ମହାନ୍ତି, ଦେବୀ ପ୍ରସାଦ ସମଲ, ଚୈତନ୍ୟ ନାୟକ, ଅକ୍ଷୟ କୁମାର ପଣ୍ଡାଙ୍କ ସମେତ ନାୟକ,ସୁଜାତା ମହାନ୍ତି,ଘନଶ୍ୟାମ ରାଉତ,ପ୍ରମୋଦ ମହାନ୍ତି,ପ୍ରେମଚ଼ାନ୍ଦ ମହାନ୍ତି, ଅକ୍ଷୟ କୁମାର ପଣ୍ଡାଙ୍କ ସମେତ ଧର୍ମଶାଳା ନିର୍ବାଚ଼ନ ମଣ୍ଡଳୀରେ ସାମିଲ ଥିବା ରସୁଲପୁର ବ୍ଲକ୍ ?ର ୩୪ ଓ ୩୫ନଂ ଜୋନ୍ ?ର ୯ ଗୋଟି ପଞ୍ଚାୟତରୁ ବହୁ ସମର୍ଥକ ଯୋଗ ଦେଇଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଗୀତର ତାଳେତାଳେ ସମର୍ଥକମାନେ ଝୁମିଝୁମି ମନୋରଞ୍ଜନ କରିଥିଲେ ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751<0 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray